ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 10 ♦ CUTTACK ♦ WEEKLY ♦ 09 TO 15 - MARCH 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୬ ♦ ସଂଖ୍ୟା -୧୦ ♦ କଟକ ♦ ସାପ୍ତାହିକ ♦ ୦୯ ରୁ ୧୫ -ମାର୍ଚ୍ଚ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ସିଆଇଏସଏଫ୍ ପ୍ରତିଷ୍ଠା ଦିବସରେ ଯୋଗ ଦେଲେ ଶାହ

# ମାଓମୁକ୍ତ ଭାରତର ସ୍ୱପ୍ନ ପୂରଣ ନେଇ ଦମ୍ଭ ଦେଖାଇଲେ






- ପାରାଦୀପରେ ସଲଫ୍ୟୁରିକ ଏସିଡ୍ ପ୍ଲାଣ୍ଟ ଲୋକାର୍ପଣ କଲେ ଅମିତ ଶାହ
- ପ୍ରଥମ ରାଜ୍ୟଭାବେ ଓଡ଼ିଶା ସମବାୟ ନୀତିର ଶୁଭାରମ୍ଭ
- ନବୀନଙ୍କ ଶାସନକୁ ଶାହଙ୍କ ଟାର୍ଗେଟ୍
- ରାହୁଲଙ୍କୁ କଲେ ସମାଲୋଚନା ; ଶହେ ପରେବି ହେବେନି ପାସ୍

ପାରଦ୍ୱୀପ / କଟକ,(ଏନ୍.ଏମ୍.) : ଓଡ଼ିଶା ମାଟିରୁ ମାଓବାଦୀଙ୍କୁ ଚେତାବନୀ ଦେବା ସହ ମାଓମୁକ୍ତ ଭାରତର ସ୍ୱପ୍ନ ପୂରଣ ହେବା ନେଇ ପୁଣି ଥରେ ସ୍ୱର ଶାଣିତ କଲେ ଶାହ । ଦେଶରୁ ମାଓବାଦୀ ଲୋପ ପାଉଛନ୍ତି ଆଉ ଆଗାମୀ ୨୫ ଦିନ ଭିତରେ ଭାରତ ମାଓ ମୁକ୍ତ ହେବା ନେଇ ସେ ଦମ୍ଭ ଦେଖାଇଛନ୍ତି । ନକ୍ସଲବାଦର ମୂଳପୋଛ ଏବଂ ମାଓବାଦୀ ସଫା ହେବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ମୋଦୀ ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶକୁ ନକ୍ସଲବାଦ ମୁକ୍ତ କରିବାକୁ ସଂକଳ୍ପବଦ୍ଧ । ମାଓମୁକ୍ତ ଭାରତ ପାଇଁ ଅଭିଯାନ ଜୋରଦାର ଚାଲିଛି ଏବଂସିଆଇ ଏସ୍ ଏଫ୍ ଏହି ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଓଡ଼ିଶା, ଛତିଶଗଡ଼ କିମ୍ବା ତେଲେଙ୍ଗାନା, ସିଆଇ ଏସ୍ ଏଫ୍ ନକ୍ସଲବାଦକୁ ଦୂର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ସୁରକ୍ଷା ବାହିନୀ ତିରୁପତିରୁ ପଶୁପତି ପର୍ଯ୍ୟନ୍ତ ଲାଲ କରିଡରର ସ୍ୱପ୍ନ ଦେଖୁଥିବା ଲୋକଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କରିଛନ୍ତି । ଏହା ଆମ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା ।

ତେବେ ଦିନିକିଆ ଓଡ଼ିଶା ଗସ୍ତରେ ଅଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକ ବିମାନ ବନ୍ଦରରେ ଗୃହମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି । ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ କଟକ ମୁଣ୍ଡଳିରେ ପହଞ୍ଚିଛନ୍ତି । ସେଠାରେ ସିଆଇଏସଏଫର ପ୍ରତିଷ୍ଠା ଦିବସରେ ସାମିଲ ହୋଇଛନ୍ତି । ସେଥିରେ ସେ କହିଛନ୍ତି ନକ୍ସଲ ମୁକ୍ତରେ ସିଆଇ ଏସ୍ ଏଫ୍ର ବଡ଼ ଅବଦାନ । ମୁଣ୍ଡଳିରେ ସିଆଇ ଏସ୍ ଏଫ୍ର ୫୭ତମ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସିଆଇ ଏସ୍ ଏଫ୍ର ଭୂମିକାକୁ ପ୍ରଶଂସା କଲେ ଅମିତ ଶାହ । ସମୟ ସହିତ ନିଜକୁ ଗଢ଼ିଛି ସିଆଇ ଏସ୍ ଏଫ୍ । ଦେଶର ସୁରକ୍ଷାରେ ସିଆଇ ଏସ୍ ଏଫ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବୀରତ୍ୱ ଓ ତ୍ୟାଗର ଅନନ୍ୟ ପ୍ରମାଣ ବୋଲି କହିଛନ୍ତି ଶାହ । ସିଆଇ ଏସ୍ ଏଫ୍ ହାତରେ ସୁରକ୍ଷିତ ରହିଛି ଦେଶର ବନ୍ଦର । ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲବାଦ ମୁକ୍ତ ଲକ୍ଷ୍ୟ ରହିଛି । ନକ୍ସଲମୁକ୍ତ ଅଭିଯାନରେ ସୁରକ୍ଷାବଳଙ୍କ ଭୂମିକା ଅନନ୍ୟ । ସିଆଇ ଏସ୍ ଏଫ୍ ଯବାନ କଠିନ ପରିସ୍ଥିତିରେ କର୍ତ୍ତବ୍ୟପାଳନ କରିଆସୁଛନ୍ତି । କଟକ ପରେ ପାରଦୀପ ଗସ୍ତ କଲେ ଶାହ । ସେଠାରେ ୧ଟା ୪୫ ମିନିଟରେ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟର ଲୋକାର୍ପଣ କରିଛନ୍ତି । ପାରାଦୀପରେ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରିଲେ ଗୃହ ମନ୍ତ୍ରୀ । ଭୁବନେଶ୍ୱରରେ ଜାତୀୟ ଫୋରେନସିକ୍ ସାଇନ୍ସ ୟୁନିଭର୍ସିଟି ର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କରିବେ । ଏହା ସହିତ ଏହାର ଅସ୍ଥାୟୀ କ୍ୟାମ୍ପସକୁ ମଧ୍ୟ ଉଦଘାଟନ କରିବେ । ଏହି ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଏପ୍ରିଲ ପହିଲାରୁ ଓଡ଼ିଶାରେ ଏସ୍ଆଇଆର୍ ଆରମ୍ଭ



**ଭୁବନେଶ୍ୱର(ଏନ୍.ଏମ୍.) :** ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର)—୨୦୨୬ କାର୍ଯ୍ୟକ୍ରମ ପାଇଁ ୨୦୦୨ ମସିହାର ଭୋଟର ତାଲିକା ସହିତ ମ୍ୟାପିଂ ପ୍ରକ୍ରିୟା ଉପରେ ଏକ ବିସ୍ତୃତ ଉପସ୍ଥାପନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡ଼ିଆ ସେଣ୍ଟରରେ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପଲନ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୦୦୨ଭୋଟର ତାଲିକାକୁ ଏକ ମୂଳ ଆଧାର ଭାବେ ବ୍ୟବହାର କରି ୨୦୨୫ ଭୋଟର ତାଲିକା ସହିତ ମ୍ୟାପିଂ କରାଯିବ । ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ/ଜନ୍ମ ତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଇପିଆସି ବିବରଣୀ ମିଳାଯିବ । ଏହି ପ୍ରକ୍ରିୟାରେ ବୁଥ୍ସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ଉରଙଓଡ଼ିଶା ୱେବସାଇଟ୍ ଓ ଇସିଆଇଏନ୍ଇଟି ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଞ୍ଚ କରିପାରିବେ । ନାଗରିକମାନଙ୍କୁ ନିଜ ନାମ ୨୦୨୫ ଓ ୨୦୦୨ଭୋଟର ତାଲିକାରେ ଯାଞ୍ଚ କରି ସମ୍ବନ୍ଧିତ ବିବରଣୀ ବୁଥ ସ୍ତରୀୟ ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରାଯାଇଛି । ଯଦି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ପ୍ରକାଶ ପାଇଲା ୟୁପିଏସ୍ସି ସିଭିଲ ସର୍ଭିସ ରେଜଲ୍ଟ




ନୂଆଦିଲ୍ଲୀ (ଏଜେନ୍ସି) : ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇଛି । ଅନୁଜ ଅଗ୍ନିହୋତ୍ରୀ ଅଲ୍ ଇଣ୍ଡିଆ ଟପ୍ପର ହୋଇଛନ୍ତି । ଦ୍ୱିତୀୟରେ ରାଜେଶ୍ୱରୀ ସୁଭେ ଏମ୍, ତୃତୀୟରେ ଆକାଂଶ ଧୂଲ, ଚତୁର୍ଥରେ ରାଘବ ଝୁନଝୁନୱାଲା ରହିଥିବା ବେଳେ ପଞ୍ଚମରେ ଇସାନ ଭଟ୍ଟନାଗର ରହିଛନ୍ତି । ମୋଟ୍ ୯୫୮ ଜଣ ଉତୀର୍ନ୍ନ ହୋଇଛନ୍ତି । ମୁଖ୍ୟ ପରୀକ୍ଷା ପରେ, ୨,୭୩୬ ଜଣ ଛାତ୍ରଛାତ୍ରୀଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା । ୧୦୦ତମ ସ୍ଥାନରେ ଓଡ଼ିଶାର ସାତ୍ତ୍ୱିକ ସତ୍ୟକାମ ଦେବତା ରହିଛନ୍ତି । ସେହିପରି ୧୨୧ତମ ସ୍ଥାନରେ ଓଡ଼ିଶାର ଅମ୍ରିତ ମହାପାତ୍ର ସଫଳତା ହାସଲ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ୟୁପିଏସ୍ସି ପରୀକ୍ଷା ପାଇଁ ସାକ୍ଷାତକାର ଜାନୁଆରୀ ୫ ତାରିଖରେ ଆରମ୍ଭ ହୋଇଥିଲା ଏବଂ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଫଳାଫଳ ଘୋଷଣା ହେବାର ୧୫ ଦିନ ମଧ୍ୟରେ ମାର୍କ ୟୁପିଏସ୍ସି ୱେବସାଇଟରେ ଅପଲୋଡ୍ କରାଯିବ। ଭାରତୀୟ ପ୍ରଶାସନିକ ସେବା ପାଇଁ ୧୮୦ ଜଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କଲେ ୫ ପ୍ରାର୍ଥୀ




ଭୁବନେଶ୍ୱର(ଏନ୍.ଏମ୍.): ରାଜ୍ୟସଭା ନିର୍ବାଚନ ପାଇଁ ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳ ଶିବିରରେ ଏବେ ସରଗରମ ଦେଖିବାକୁ ମିଳିଲାଣି । ଆସନ୍ତା ମାର୍ଚ୍ଚ ୧୬ତାରିଖରେ ହେବ ରାଜ୍ୟସଭା ନିର୍ବାଚନ । ତେବେ ଓଡ଼ିଶାରେ ବିଜେପି ଶାସକ ଦଳରେ ଥିବାବେଳେ ବିଜେଡି ବିରୋଧୀ ଦଳରେ ରହିଛି । ତେଣୁ ରାଜ୍ୟସଭା ପାଇଁ ୪ଟି ଆସନ ନିମନ୍ତେ ଏହି ନିର୍ବାଚନ ହେଉଥିବାବେଳେ ଗତ ୫ତାରିଖରେ ୫ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ବିଜେପିର ମନମୋହନ ସାମଲ ଓ ସୁଜିତ କୁମାର ପ୍ରାର୍ଥୀ



ହୋଇଥିବାବେଳେ ତୃତୀୟ ଆସନ ପାଇଁ ବିଜେଡିର ସଂତୃପ୍ତ ମିଶ୍ର ପ୍ରାର୍ଥୀ ହୋଇଛନ୍ତି । ତେବେ ଚତୁର୍ଥ ଆସନ ପାଇଁ ହେବ ରୋଚକ ଲଢେଇ । ମିଳିଥିବା ସୂଚନା ମୁତାବକ ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଦୁଇଟି ଆସନ ସହଜରେ ବିଜେପି ହାତେଇ ନେବ । ସେହିପରି ତୃତୀୟ ଆସନକୁ ବିଜେଡି ସହଜରେ ହାତେଇବ । ତେବେ ଚତୁର୍ଥ ଆସନକୁ ନେଇ ଚର୍ଚ୍ଚା ଏବେ ଜୋର ଧରିଛି । କାରଣ ଚତୁର୍ଥ ଆସନରେ କମନ କ୍ୟାଣ୍ଡେଟ୍ ଦଡେଶ୍ୱର ହୋତା ବନାମ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ୍ୟରେ କଡ଼ା ଟକ୍କର ହେବ । ତେବେ ବିଜେଡି ଓ କଂଗ୍ରେସର କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ହୋଇଛନ୍ତି ଦଡେଶ୍ୱର । ଅନ୍ୟପଟେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି ଦିଲ୍ଲୀପ ରାୟ । ଉଲ୍ଲେଖ ଥାଉ କି ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି । ସେହିପରି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂତୃପ୍ତ ମିଶ୍ର ଦଳୀୟ ପ୍ରାର୍ଥୀ ଓ ଡାକ୍ତର ଦଡେଶ୍ୱର ହୋତା କମନ୍ କ୍ୟାଣ୍ଡିଡେଟ୍ ହେବେ ବୋଲି ଘୋଷଣା କରିଥିଲେ । ଓଡ଼ିଶାରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପରିଚାଳନା ପାଇଁ ଭାରତର ନିର୍ବାଚନ କମିସନ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଧିକାରୀ ଏବଂ ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୋଜିତ କରିଛନ୍ତି ।

ତେବେ ମାର୍ଚ୍ଚ ୫ତାରିଖ ଦିନ ରାଜ୍ୟସଭା ପାଇଁ ସଂତୃପ୍ତ ମିଶ୍ର ଓ ଦଡେଶ୍ୱର ହୋତା ନାମାଙ୍କନ ଦାଖଲ କରିଛନ୍ତି । ବିଜେଡି ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ୩ ସେଟର ନାମାଙ୍କନ ଦାଖଲ କରିଥିବାବେଳେ କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ଭାବେ ଦଡେଶ୍ୱର ହୋତା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►



# ୪ ସପ୍ତାହ ଟିଭି ରେଟିଂ ସସ୍ପେଣ୍ଡ



**ନୂଆଦିଲ୍ଲୀ (ଏଜେନ୍ସି) :** ୪ ସପ୍ତାହ ପାଇଁ ଟିଭି ରେଟିଂ ସସପେଣ୍ଡ କଲା ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ । ଇସ୍ରାଏଲ ଓ ଇରାନ ଯୁଦ୍ଧର ଖବର ପ୍ରସାରଣକୁ ନେଇ କ୍ଷୁବ୍ଧ ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିଛି ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ । ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, କିଛି ଟିଭି ଚ୍ୟାନେଲ ଅଯଥା ଚାଞ୍ଚଲ୍ୟକର ଏବଂ ଅମାନୁଷିକ ଖବର ପ୍ରସାରଣ କରୁଛନ୍ତି । ଯାହା ସାଧାରଣ ଜନତାଙ୍କ ମନରେ ଆତଙ୍କ ସୃଷ୍ଟି କରିପାରେ । ପ୍ରଭାବିତ ଅଞ୍ଚଳରେ ରହୁଥିବା ବନ୍ଧୁ , ପରିଜନଙ୍କ ପରିବାରରେ ମନରେ ଆତଙ୍କ ସୃଷ୍ଟି କରିପାରେ ।ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଟିଭି ରେଟିଂ ପଏଣ୍ଟ , ଟିଆରପି ୪ ସପ୍ତାହ ପାଇଁ ସସପେଣ୍ଡ କରାଯାଇଛି । ୪ ସପ୍ତାହ ପାଇଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ଭାରତ ମହାସାଗରକୁ ବ୍ୟାପିଲା ମଧ୍ୟପ୍ରାଚ୍ୟ ଯୁଦ୍ଧ

# ଇରାନୀ ଯୁଦ୍ଧପୋତକୁ ବୁଡ଼ାଇଲା ୟୁଏସ୍

**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତ ମହାସାଗରକୁ ବ୍ୟାପିଲାଣି ମଧ୍ୟପ୍ରାଚ୍ୟ ଯୁଦ୍ଧ । ଶ୍ରୀଲଙ୍କା ନିକଟରେ ଇରାନ ନୌସେନା ଜାହାଜ ଧ୍ୱଂସ । ଭାରତୀୟ ନୌସେନାର ଅତିଥି ଭାବେ ଆସିଥିବା ଇରାନର ଯୁଦ୍ଧପୋତ 'ଆଇଆର୍ଆଇଏସ୍ ଡେନା' ଉପରେ ଆମେରିକା ପକ୍ଷରୁ ହୋଇଥିବା ଭୟଙ୍କର ଆକ୍ରମଣ ଏବେ ବିଶ୍ୱ ରାଜନୀତିରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହି ଘଟଣାରେ ୮୭ ଜଣ ଇରାନୀ ନୌସୈନିକଙ୍କ ପ୍ରାଣହାନି ଘଟିଥିବା ବେଳେ ଇରାନ ଏହାର କଡ଼ା ଜବାବ ଦେବାକୁ ଆମେରିକାକୁ ଚେତାବନୀ ଦେଇଛି । ବୁଧବାର ଶ୍ରୀଲଙ୍କା ଉପକୂଳ ନିକଟରେ ଆମେରିକାର ଏକ ବୁଡ଼ାଜାହାଜରୁ ଇରାନୀ ଯୁଦ୍ଧପୋତ ଉପରକୁ ଟର୍ପିଡୋ ମାଡ଼ କରାଯାଇଥିଲା । ଶ୍ରୀଲଙ୍କା ନୌସେନା ଏବଂ ବାୟୁସେନା ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ୮୭ଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୩୦ ରୁ ୩୨ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି । ଏହି ଜାହାଜଟି ଭାରତ ଦ୍ୱାରା ଆୟୋଜିତ ବହୁରାଷ୍ଟ୍ରୀୟ ନୌସେନା ଅଭ୍ୟାସ 'ମିଲାନ୍'ରେ ଭାଗ ନେଇ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି । ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବ୍ବାସ ଆରାଗଚି ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ଆମେରିକାକୁ ଖୋଲା



ଚ୍ୟାଲେଞ୍ଜ ଦେଇଛନ୍ତି । ସେ କହିଛନ୍ତି, 'ଆମେରିକା ନିଜ କୂଳଠାରୁ ୨୦୦୦ ମାଇଲ୍ ଦୂରରେ ଏହି ଜୁଲୁମ କରିଛି । ଭାରତର ଅତିଥି ଭାବେ ଆସିଥିବା ଏକ ଜାହାଜକୁ କୌଣସି ଚେତାବନୀ ନଦେଇ ଆକ୍ରମଣ କରାଯାଇଛି । ମୋ କଥା ମନେ ରଖନ୍ତୁ, ଆମେରିକା ନିଜର ଏହି କାର୍ଯ୍ୟ ପାଇଁ ବହୁତ ଅନୁତାପ କରିବ ।' ଅନ୍ୟପଟେ ଆମେରିକାର ପ୍ରତିରକ୍ଷା ସଚିବ ପେଣ୍ଟାଗନରେ ଏହି ଆକ୍ରମଣକୁ ସ୍ୱୀକାର କରିଛନ୍ତି । ରଏଟର୍ସର ରିପୋର୍ଟ ଅନୁଯାୟୀ, ଆମେରିକା କହିଛି ଯେ ସେମାନେ ଏହି ଯୁଦ୍ଧପୋତକୁ ଟର୍ପିଡୋ ସାହାଯ୍ୟରେ ବୁଡ଼ାଇ ଦେଇଛନ୍ତି । ଆମେରିକୀୟ ଅଧିକାରୀ ଏହାକୁ ଏକ 'ଶାନ୍ତ ମୃତ୍ୟୁ' ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ବିଜିତା ହେରାଥ୍ ଏହି ଘଟଣା ସମ୍ପର୍କରେ ସଂସଦକୁ ସୂଚନା ଦେଇଛନ୍ତି । ଠିକ୍ ସେହିପରି ମଧ୍ୟ ପ୍ରାଚ୍ୟରେ ଜାରି ଉତ୍ତେଜନା ମଧ୍ୟରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି) ଏକ ବଡ଼ ଓ ଦୃଢ ଘୋଷଣା କରିଛି । ହୋର୍ମୁଜ ପଥ ଏବେ କେବଳ ସଂଯୁକ୍ତ ରାଷ୍ଟ୍ର ଆମେରିକା, ଇସ୍ରାଏଲ, ୟୁରୋପ ଓ ଏହାର ପାଶ୍ଚାତ୍ୟ ସହଯୋଗୀଙ୍କ ଜାହାଜ ପାଇଁ ସଂପୂର୍ଣ୍ଣ ରୂପେ ବନ୍ଦ କରି ଦେଇଛି । ଏହି ଘୋଷଣା ଗୁରୁବାର ଇରାନର ସରକାରୀ ପ୍ରସାରକ ଆଇଆରଆଇବିର ମାଧ୍ୟମରେ ଘୋଷଣା କରିଛି । ଆଇଆରଜିସି ସ୍ପଷ୍ଟ ଚେତାବନୀ ଦେଇଛି ଯେ, ଯଦି ଆମେରିକା , ଇସ୍ରାଏଲ , ୟୁରୋପ କିମ୍ବା ତାଙ୍କର ସମର୍ଥକ ଦେଶ ଗୁଡ଼ିକର କୌଣସି ବି ଜାହାଜ ଏହି ଗୁରୁତ୍ୱପୂର୍ଣ୍ଣ ମାର୍ଗ ଦେଇ ଯିବାକୁ ଚେଷ୍ଟା କରେ ତ, ସେଗୁଡ଼ିକ ଉପରେ ନିଶ୍ଚିତ ରୂପେ ଆକ୍ରମଣ କରାଯିବ ଏବଂ ଏହାକୁ ନଷ୍ଟ କରି ଦିଆଯିବ । ଏହା ପୂର୍ବରୁ ବୁଧବାର ଆଇଆରଜିସି କହି ଥିଲା ଯେ, ହୋର୍ମୁଜ ଷ୍ଟ୍ରେଟ୍ କେବଳ ଚୀନ ପାଇଁ ବନ୍ଦ ନାହିଁ । ନୂଆ ଘୋଷଣା ପରେ ଏବେ ସେପଷ୍ଟ ହୋଇ ଯାଇଛି ଯେ, ଭାରତ ମଧ୍ୟ ଏହି ଦୃଢ ପଦକ୍ଷେପରୁ ବାହାରେ ରହିଛି ଏବଂ ତୈଳ ଭାରତକୁ ମଧ୍ୟ ମିଳିବ ।

# ଦିଲ୍ଲୀପ ରାୟଙ୍କ ବିଜୟ ନିଶ୍ଚିତ : ମନ୍ତ୍ରୀ ଗୋକୁଳାନନ୍ଦ

ଭୁବନେଶ୍ୱର(ଏନ୍.ଏମ୍.) : ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ହେବ ନିର୍ବାଚନ । ମଇଦାନରେ ଅଛନ୍ତି ୫ଯୋଦ୍ଧା । ମନମୋହନ, ସୁଜିତ, ସଂତୃପ୍ତ, ଦଡେଶ୍ୱର ଏବଂ ଦିଲ୍ଲୀପଙ୍କ ପ୍ରାର୍ଥିପତ୍ର କାଏମ ।ଚତୁର୍ଥ ଆସନରେ ହେବ ରୋଚକ ଲଢେଇ । ବିଜେଡି ଓ କଂଗ୍ରେସର କମନ୍ କ୍ୟାଣ୍ଡିଡେଟ୍ ଦଡେଶ୍ୱର ହୋତା ଏବଂ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ୍ୟରେ ଫାଇଟ୍ । ତେବେ ରାଜ୍ୟସଭା ଭୋଟ୍ ପୂର୍ବରୁ ଦିଲ୍ଲୀପଙ୍କ ବିଜୟ ନିଶ୍ଚିତ ବୋଲି କହିଛନ୍ତି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଗୋକୁଳାନନ୍ଦ କହିଛନ୍ତି ଯେ, ରାଜନୀତି ଏକ ଗହନ ବିଷୟ । ଦିଲ୍ଲୀପ ରାୟଙ୍କ ସବୁ ଦଳ ସହିତ ବହୁତ ଭଲ ସମ୍ପର୍କ ରହିଛି । ସବୁ ଦଳ ଲୋକ ତାଙ୍କୁ ଭଲ ପାଉଛନ୍ତି । ଏହାକୁ ଦେଖିଲେ ଦିଲ୍ଲୀପ ରାୟ ନିଶ୍ଚୟ ବିଜୟ ଲାଭ କରିବେ । ଦିଲ୍ଲୀପ ରାୟ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ । ତାଙ୍କର ରାଜନୈତିକ ଅଭିଜ୍ଞତା ରହିଛି । ୨୦୦୨ରେ ଦିଲ୍ଲୀପ ରାୟ କେମିତି ରାଜ୍ୟସଭା ଯାଇଥିଲେ, ସେ ସୂତ୍ର ତାଙ୍କୁ ଭଲ ଭାବେ ଜଣା । ରାଜ୍ୟସଭା ବିଜୟ ସୂତ୍ରରେ ଯିଏ ପାରଙ୍ଗମ ସିଏ ଆଗକୁ ଯିବ ।



# ସାହୁ ଭାଉଜଙ୍କ ନିଆଁ ଲଗା ଡ୍ୟାନ୍ସ, ମୁରୁକି ହସିଲେ ଥାନାବାବୁ !





**ମାଲକାନାଗିରି(ଏନ୍.ଏମ୍.) :** ରଙ୍ଗୀନ ରଙ୍ଗ ମଞ୍ଚରେ ଅଶ୍ଳୀଳ ଡ୍ୟାନ୍ସକୁ ଏତେ ହୋ-ହଲ୍ଲା । ବରିଷ୍ଠ ଯାତ୍ରା କଳାକାର, ବୁଦ୍ଧିଜୀବୀ ଓ ସଂସ୍କୃତି ମନ୍ତ୍ରୀଙ୍କ ଚେତାବନୀ ସତ୍ତ୍ୱେ ସାହୁ ଭାଉଜ ପୁଣି କଲେ ନିଆଁ ଲଗା ଡ୍ୟାନ୍ସ । ନିଜ ଦେହରେ ବୋତଲ ପାଣି ଢାଳି ଟିପିଟିପି ବର୍ଷା ପାନୀ... ଗୀତରେ ଝୁମିଲେ । ଆଉ ଶୀତୁଆ ରାତିରେ ଯାତ୍ରା ପ୍ରେମୀଙ୍କୁ ଝୁମାଇଲେ । ମଞ୍ଚ ଆଗରେ ବସିଥିବା ଥାନା ବାବୁ ସାହୁ ଭାଉଜଙ୍କ ଝାଇଁମରା ଡ୍ୟାନ୍ସ ଦେଖି ମୁରୁକି ମୁରୁକି ହସିଲେ ! ସତେ ଯେମିତି ଲାଗୁଥିବା ସାହୁ ଭାଉଜଙ୍କ ଡ୍ୟାନ୍ସକୁ ମନୋଭରି ଉପଭୋଗ କରୁଛନ୍ତି ବାବୁ ଆମର । ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା କତାମେଟାରେ ଖେଳୁଥିଲା ଶ୍ରୀକ୍ଷେତ୍ର ଅପେରା । ଶନିବାର ହୋଇଥିଲା ନାଟକ ‘ବୁଲିବୁଲି ଭାଇ ରହିଲା ରାଣ’ । ଏଥିସହ ସାହୁ ଭାଉଜଙ୍କ ଆଇଟମ୍ ଡ୍ୟାନ୍ସ । ସେଥିପାଇଁ ଖଚାଖଚ୍ ଭିଡ ହୋଇଥିଲା । ନିର୍ଦ୍ଧାରିତ ନାଟକ ଆରମ୍ଭ ହୋଇଥିଲା ଯାତ୍ରା । ନାଟକ ଆରମ୍ଭ ପୂର୍ବରୁ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ । ଟିପିଟିପି ବର୍ଷା ପାନୀ... ଗୀତର ଟ୍ରାକ୍ରେ ଅର୍ଦ୍ଧ ନଙ୍ଗଳା ଡ୍ରେସ୍ରେ ଷ୍ଟେଜ୍କୁ ଆସିଥିଲେ ସାହୁ ଭାଉଜ । ଆଉ ଷ୍ଟେଜ୍ରେ ଅଣ୍ଟା, ହାତ ହଲାଇ କରିଥିଲେ ଡ୍ୟାନ୍ସ । ଭାଉଜଙ୍କ ଏହି ନାଚରେ କମ୍ପିଥିଲା ରଙ୍ଗମଞ୍ଚ । ସାହୁ ଭାଉଜ ଷ୍ଟେଜ୍ର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ନାଚି ନାଚି ପହଞ୍ଚିଇ ଥିଲେ ଥାନାବାବୁଙ୍କ ପାଖରେ । ମଞ୍ଚର ପ୍ରଥମ ଧାଡ଼ିରେ ବସିଥିଲେ ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ । ମଞ୍ଚରୁ ତାଙ୍କ ଆଡକ ନଇଁ ସାହୁ ଭାଉଜ କରିଥିଲେ ଉଷୁମ୍ କଲା ଭଳି ଡ୍ୟାନ୍ସ । ଭାଉଜଙ୍କ ଏ ଡ୍ୟାନ୍ସରେ ତଡ଼କା ଦେବା ପାଇଁ ଥାନାବାବୁଙ୍କ ପାଖରେ ବସିଥିବା ଜଣେ ବ୍ୟକ୍ତି ପାଣି ବୋତଲ ଦେଇଥିଲେ । ଆଉ ସାହୁ ଭାଉଜ ସେହି ପାଣି ବୋତଲକୁ ନେଇ ନିଜ ଦେହରେ ଢାଳି ଦୋହଲି ଥିଲେ । ସାହୁ ଭାଉଜଙ୍କ ସେହି ଡ୍ୟାନ୍ସ ଦେଖି ମୁରୁକି ହସୁଥିଲେ ଥାନାବାବୁ । ଆଉ ତାଙ୍କ ପାଖରେ ଓ ପଛରେ ବସିଥିବା ଯାତ୍ରାପ୍ରେମୀ ସାହୁ ଭାଉଜଙ୍କ ସେହି ଅର୍ଦ୍ଧ ନଙ୍ଗୁଳୀ ରୂପକୁ ମୋବାଇଲ୍ କ୍ୟାମେରାରେ କଏଦ କରିବା ପାଇଁ ପ୍ରତିଯୋଗିତା କରିଥିଲେ । ମଞ୍ଚରେ ଅଶ୍ଳୀର ନୃତ୍ୟ ନକରିବା ପାଇଁ କେତେ କ’ଣ କଥା କୁହାଯାଇଥିଲା । ଓଡ଼ିଆ ଅସ୍ମିତାର ଦ୍ୱହୀ ଦେଇ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ଗାଇଡ୍ଲାଇନ୍ ଆଣିଥିଲେ ରାଜ୍ୟ ସରକାର । ଏନେଇ ରାଜ୍ୟର ସବୁ ଜିଲ୍ଲାପାଳ ଓ ଏସ୍ପିଙ୍କୁ ଚିଠି ମଧ୍ୟ କରାଯାଇଥିଲା । ଯେଉଁଠି ଅଶ୍ଳୀଳ ନୃତ୍ୟ ହେଉଥିବ, ପୁଲିସ୍ ଚାହିଁଲେ ବନ୍ଦ କରିପାରିବ । ହେଲେ ଏଠି କିନ୍ତୁ ଚିତ୍ର ଅଲଗା ଦେଖିବାକୁ ମିଳିଛି । ବନ୍ଦ କରିବା ପରିବର୍ତ୍ତେ ଅଶ୍ଳୀଳ ନୃତ୍ୟକୁ ଷ୍ଟେଜ୍ ପାଖରେ ବସି ଉପଭୋଗ କରୁଛନ୍ତି ଥାନାବାବୁ । ଯାହାକୁ ନେଇ ନାନା ଚର୍ଚ୍ଚା ହେଉଛି । ତେବେ ଏନେଇ ଥାନାବାବୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

# ରିଲିଜ ହେଲା ସଲମାନ ଖାନଙ୍କ ‘ସିକନ୍ଦର’ର ଟିଜର



**ମୁମ୍ବାଇ(ଏଜେନ୍ସି) :** ରିଲିଜ ହୋଇଛି ସଲମାନ ଖାନଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ’ସିକନ୍ଦର’ର ଟିଜର । ୨୦୨୫ ଇଦରେ ବକ୍ସ ଅଫିସରେ କମାଲ କରିବାକୁ ଆସୁଛନ୍ତି ବଲିଉଡର ଭାଇଜାନ । ଚଳିତ ବର୍ଷ ସଲମାନ ଖାନ କୌଣସି ଫିଲ୍ମରେ ମୁଖ୍ୟ ଅଭିନେତା ଭାବରେ ନଜର ଆସିନାହାଁନ୍ତି । ଏଭଳି ପରିସ୍ଥିତିରେ ପ୍ରଶଂସକ ତାଙ୍କ ଚଳଚ୍ଚିତ୍ର ସିକନ୍ଦର ରିଲିଜକୁ ବେଶ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଏହାପୂର୍ବରୁ ’ସିକନ୍ଦର’ର ଟିଜର ୨୮ ଡିସେମ୍ବରରେ ମୁକ୍ତିଲାଭ କରିଛି । ପୂର୍ବରୁ ୨୭ ଡିସେମ୍ବରରେ ସଲମାନ ଖାନଙ୍କ ଜନ୍ମଦିନରେ ’ସିକନ୍ଦର’ର ଟିଜର ମୁକ୍ତିଲାଭ କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା । ହେଲେ ଗତକାଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଦେହାନ୍ତ ହେତୁ ଏହାକୁ ସ୍ଥଗିତ ରଖାଯାଇଥିଲା । ଏହାପରେ ’ସିକନ୍ଦର’ ଟିଜରର ସମୟ ଆଜି ସକାଳ ୧୧.୦୭ରୁ ଅପରାହ୍ନ ୪.୦୫ ପର୍ଯ୍ୟନ୍ତ ପୁନଃନିର୍ଦ୍ଧାରିତ ହୋଇଥିଲା, ଯାହା ମୁକ୍ତିଲାଭ କରିବା ପରେ ଖୁବ ପ୍ରଶଂସା ସାଉଁଟୁଛି । ମାତ୍ର ୧.୪୧ ମିନିଟର ଟିଜରରେ ସଲମାନ ଖାନଙ୍କ ଏଣ୍ଟ୍ରି ତାଙ୍କ ଶତ୍ରୁମାନଙ୍କ ମଧ୍ୟରୁ ହେଉଛି । ଯେତେବେଳେ ଏକାସାଙ୍ଗରେ ଏହି ଗୁଣ୍ଡାମାନେ ଗୋଟିଏ ପରେ ଗୋଟିଏ ବନ୍ଧୁକ ଉଠାଇ ଭାଇଜାନଙ୍କ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୁଅନ୍ତି, ସେତେବେଳେ ସଲମାନ ଏକ ଦମଦାର ଡାଏଲଗ୍ ସହ ଗୁଣ୍ଡାମାନଙ୍କ ବନ୍ଧୁକରେ ହିଁ ସେମାନଙ୍କୁ ମାରିବା ଆରମ୍ଭ କରୁଛନ୍ତି । ସେପଟେ ସଲମାନ ଖାନ ଫିଲ୍ମ ସିକନ୍ଦରରୁ ତାଙ୍କର ପ୍ରଥମ ଲୁକ୍ ପୋଷ୍ଟର ମଧ୍ୟ ସେୟାର କରିଛନ୍ତି । ଏଥି ସହିତ ସଲମାନ ତାଙ୍କ ସଂଳାପ ମାଧ୍ୟମରେ ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଷ୍ଣୋଇଙ୍କୁ କିଛି ସଂକେତ ଦେଇଛନ୍ତି ବୋଲି ସୋଶାଲ ମିଡିଆରେ ଚର୍ଚ୍ଚା ଆରମ୍ଭ କଲେଣି ପ୍ରଶଂସକ । ପ୍ରକାଶ ଥାଉ, ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସଲମାନ ଖାନଙ୍କୁ ହତ୍ୟା କରିବାକୁ ବାରମ୍ବାର ଧମକ ଦେଉଛି, ଏପରିକି ଅଭିନେତାଙ୍କ ଘର ଉପରେ ଥରେ ଆକ୍ରମଣ ମଧ୍ୟ କରିଛି ଏହି ଗ୍ୟାଙ୍ଗ । ଉଲ୍ଲେଖ ଯୋଗ୍ୟ, ସିକନ୍ଦରର ନିର୍ଦ୍ଦେଶକ ହେଉଛନ୍ତି ଏଆର୍ ମୁରୁଗଦାସ୍, ଯିଏକି ଅମିର ଖାନଙ୍କ ସୁପରହିଟ୍ ଚଳଚ୍ଚିତ୍ର ’ଗଜନି’ର ନିର୍ଦ୍ଦେଶନା ଦେଇଥିଲେ । ବର୍ତ୍ତମାନ ଏହି ସାଉଥ୍ ନିର୍ଦ୍ଦେଶକ ସଲମାନ ଖାନଙ୍କ ସହ ପ୍ରଥମ ଥର ପାଇଁ ଏକ ମେଗା ମାସ ଆକ୍ସନ୍ ଫିଲ୍ମ ସହିତ ଆସୁଛନ୍ତି । ଏହି ଚଳଚ୍ଚିତ୍ରରେ ସଲମାନ ଖାନଙ୍କ ସହ ରଶ୍ମିକା ମନ୍ଦାନା ଏବଂ କାଜଲ ଅଗ୍ରୱାଲଙ୍କ ଭଳି ସାଉଥ୍ ସିନେ ଜଗତର ଅଭିନେତ୍ରୀ ନଜର ଆସିବେ । ଏହି ଫିଲ୍ମରେ ପ୍ରଥମ ଥର ପାଇଁ ସଲମାନ ଖାନ ଏବଂ ରଶ୍ମିକା ମନ୍ଦାନାଙ୍କ ଯୋଡି ପରଦାରେ ଦେଖିବାକୁ ମିଳିବ । ମାର୍ଚ୍ଚ ୨୦୨୫ରେ ଇଦ୍ ଅବସରରେ ଏହି ଫିଲ୍ମ ମୁକ୍ତିଲାଭ କରିବ ।

# ଟ୍ରୋଲ୍ ହେଲେ କିଆରା



**ମୁମ୍ବାଇ(ଏଜେନ୍ସି) :** ନିଜର ଏକ ଇନ୍ଷ୍ଟାଗ୍ରାମ ପୋଷ୍ଟରେ କୋରିଓଗ୍ରାଫର ଜାନି ମାଷ୍ଟରଙ୍କୁ ପ୍ରଶଂସା କରି ବଲିଉଡ୍ ଅଭିନେତ୍ରୀ କିଆରା ଆଡ଼ଭାନୀ ଅଯଥା ବିବାଦରେ ଛନ୍ଦି ହୋଇଥିଲେ । ତାଙ୍କର ଆଗାମୀ ଚଳଚ୍ଚିତ୍ର ‘ଗେମ୍ ଚେଞ୍ଜର’ର ପ୍ରଚାରରେ ବ୍ୟସ୍ତ ଥିବା କିଆରା ତାଙ୍କ ଡ୍ୟାନ୍ସ ରିହର୍ସଲର ଏକ ଭିଡିଓ ସେୟାର କରି ଜାନି ମାଷ୍ଟରଙ୍କୁ କୋରିଓଗ୍ରାଫି ପାଇଁ ଧନ୍ୟବାଦ ଜଣାଇଥିଲେ । ପୂର୍ବରୁ ନାବାଳିକା ଯୌନ ନିର୍ଯାତନା ମାମଲାରେ ଫସିଥିବା ଜାନିଙ୍କୁ ପ୍ରଶଂସା କରିଥିବାରୁ ଲୋକେ ତାଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରିଥିଲେ । ଏହାକୁ ଦେଖି କିଆରା ନିଜ ଇନ୍ଷ୍ଟା ପୋଷ୍ଟରୁ ଜାନିଙ୍କ ନାମ ହଟାଇ ଦେଇଛନ୍ତି ।‘ବାହୁବଲୀ’, ‘ସ୍ତ୍ରୀ-୨’ ଓ ‘ପୁଷ୍ପା’ ପରି ବ୍ଲକବଷ୍ଟର ଚଳଚ୍ଚିତ୍ରରେ କୋରିଓଗ୍ରାଫର ଭାବରେ କାର୍ଯ୍ୟ କରିଥିବା ଜାନି ମାଷ୍ଟରଙ୍କ ବିରୋଧରେ ଜଣେ ଯୁବତୀ ଯୌନ ନିର୍ଯାତନା ଆରୋପ ଆଣି ମାମଲା ରୁଜୁ କରିବା ପରେ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା । କିଆରାଙ୍କ ଆଗାମୀ ଫିଲ୍ମ ‘ଗେମ୍ ଚେଞ୍ଜର’ ୨୦୨୫ ଜାନୁଆରି ୧୦ରେ ରିଲିଜ୍ ହେବ । ଏହି ଫିଲ୍ମରେ ସେ ଗ୍ଲୋବାଲ୍ ଷ୍ଟାର ରାମଚରଣଙ୍କ ସହ ନଜର ଆସିବେ ।

# ବର୍ଷା ପ୍ରିୟଦର୍ଶିନୀଙ୍କ ‘ୱାଇଫ୍’ ସତ ନା କାହାଣୀ



**ଭୁବନେଶ୍ୱର(ଏନ୍.ଏମ୍.) :** ନୂଆବର୍ଷରେ ଆସୁଛି ବର୍ଷା ପ୍ରିୟଦର୍ଶିନୀଙ୍କ ‘ୱାଇଫ୍’ । ଜାନୁଆରୀ ୩ ତାରିଖରେ ବଡ଼ ଦରଦାକୁ ଆସିବ ଏହି ଫିଲ୍ମ । ଏଥିରେ ବର୍ଷା ମୁଖ୍ୟ ଚରିତ୍ରରେ ଥିବା ବେଳେ ନିଜେ ସହ ପ୍ରଯୋଜିକା ଅଛନ୍ତି । ଏହାର କାହାଣୀ ସତ ଘଟଣା ଉପରେ ଆଧାରିତ ନା କାଳ୍ପନିକ, ତାକୁ ନେଇ ନାନା ଚର୍ଚ୍ଚା ହେଉଛି । ତେବେ ପୂରା ଫିଲ୍ମ ବଡ଼ ପରଦାକୁ ଆସିବା ପରେ ଉଠିବ ପର୍ଦ୍ଦା । ଚର୍ଚ୍ଚାହେଉଛି ମାହି ଚରିତ୍ରରେ ଥିବା ବର୍ଷାଙ୍କର ପ୍ରେମ ବିବାହ ହେଉଛି । ସ୍ୱାମୀ ଯୁବରାଜ ତାଙ୍କର ଜଣେ ବିଜ୍ନେସ୍ ମ୍ୟାନ୍ । ପରବର୍ତ୍ତୀ ସମୟରେ ଉଭୟଙ୍କ ପରିବାରରେ ଉଠୁଛି ଅଶାନ୍ତିର ଝଡ଼ । ଆଉ ଯୁବରାଜ ଜଣେ ସାମ୍ବାଦିକାଙ୍କ ପ୍ରେମରେ ପଡୁଛନ୍ତି । ତାଙ୍କ ପ୍ରେମରେ ଉବୁଟୁବୁ ହେଉଛି । ଏହାକୁ ମାହି ଓ ଯୁବରାଜଙ୍କ ପାରିବାରିକ ସମ୍ପର୍କରେ ଉଠିଥିବା ଅଶାନ୍ତିର ଝଡ଼କୁ ନେଇ ଆଗକୁ ବଢୁଛି ଫିଲ୍ମର କାହାଣୀ । ‘ୱାଇଫ୍’କୁ ନେଇ ବର୍ଷା କହିଛନ୍ତି, ମୁଁ ଚାହୁଁଥିଲି ଲୋକମାନେ ଏହି ଫିଲ୍ମକୁ ଦେଖନ୍ତୁ । ଏଥିରେ ଗୋଟିଏ ସକାରାତ୍ମକ ବାର୍ତ୍ତା ରହିଛି । ବିବାହର ମହତ୍ୱ ଓ ଗୁରୁତ୍ୱ ଉପରେ ଏଥିରେ ଗୋଟିଏ ଭଲ ବାର୍ତ୍ତା ରହିଛି । ଚଳଚ୍ଚିତ୍ରରେ ମାହି ଓ ଯୁବରାଜଙ୍କ କାହାଣୀ ରହିଛି । ଜଣେ ଯଦି ହାତ ବଢ଼ାଏ ଓ ଆଉ ଜଣେ ଯଦି ହାତ ନଧରିବ, ତାହାହେଲେ ସଂସାର ରଥ ଆଗକୁ ବଢ଼ିବ ନାହିଁ । ଜଣେ ଯଦି ନିଜର ଅହଙ୍କାର ଓ ଜିଦରେ ଅଟଳ ରହିବ, ତାହାହେଲେ ସମାଧାନର ରାସ୍ତା ବାହାରି ପାରିବ ନାହିଁ । ଦର୍ଶକଙ୍କୁ କହିବି ନୂଆ ବାର୍ତ୍ତା ନେଇ ନୂଆବର୍ଷରେ ଆସୁଛି ‘ୱାଇଫ୍’ । ଲୋକମାନେ ଫିଲ୍ମ ଦେଖନ୍ତୁ ଓ ଆଶୀର୍ବାଦ ଦିଅନ୍ତୁ ବୋଲି ବର୍ଷା କହିଛନ୍ତି । ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ । ସଂଳାପ ଲେଖିଛନ୍ତି ବିଜୟ ମଲ୍ଲ । ସଙ୍ଗୀତ ନିର୍ଦ୍ଦେଶନା ମଳୟ ମିଶ୍ର ଓ ଗୀତ ରଚନା କରିଛନ୍ତି ବିଜୟ ମଲ୍ଲ ଏବଂ ଅରୁଣ ମନ୍ତ୍ରୀ । ଆଜି ଏହି ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂ ହୋଇଛି । ଅନେକ ସାଟେଲାଇଟ ନ୍ୟୁଜ ଟେଲିଭିଜନ ଚ୍ୟାନେଲର ମୁଖ୍ୟ ସମ୍ପାଦକ, ରିପୋର୍ଟର୍ସ, ସୋଶାଲ ମିଡ଼ିଆ ରିପୋର୍ଟର୍ସ, ବଲିଉଡର ନାମିଦାମୀ ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ସିନେ ସମୀକ୍ଷକ ପ୍ରମୁଖ ଫିଲ୍ମକୁ ଦେଖିଛନ୍ତି । ଜାନୁଆରୀ ୩ ତାରିଖରେ ଫିଲ୍ମଟି ବଡ଼ ପରଦାକୁ ଆସିବ ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ...ର ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ... ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ...।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ...ରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ...ବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ... କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ...କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## ଆସିଲା ସାଂଘାତିକ ତଥ୍ୟ : ଗୋଟିଏ ସିଗାରେଟ ନେଉଛି ୨୦ ମିନିଟ ଆୟୁଷ

ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତି କାରକ । ତଥାପି ଅନେକ ଲୋକ ଧୂଆଁ ପ୍ରେମରେ ପଡ଼ିଛନ୍ତି । ଘଣ୍ଟାକୁ ଘଣ୍ଟା ସେମାନେ ସିଗାରେଟ ଟାଣିବାରେ ଲାଗିଛନ୍ତି । ହେଲେ ଆପଣମାନେ ଜାଣିଛନ୍ତି କି ଗୋଟିଏ ସିଗାରେଟ ଜଣେ ଲୋକକର ମୋଟ ଆୟୁଷକୁ ପ୍ରାୟ ୨୦ ମିନିଟ କମାଇ ଦେଇଥାଏ । ଆଜ୍ଞା ହଁ, ନୂଆ ଗବେଷଣାରୁ ଏପରି ତଥ୍ୟ ସାମ୍ନାକୁ ଆସିଛି । ୟୁନିଭର୍ସିଟି କଲେଜ ଲଣ୍ଡନ(ୟୁସିଏଲ)ର ଗବେଷକମାନେ କରିଥିବା ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ ଗୋଟିଏ ସିଗାରେଟ ଟାଣିବା ଦ୍ୱାରା ମହିଳାଙ୍କ ଆୟୁଷ ୨୨ ମିନିଟ ଓ ପୁରୁଷମାନେ ୧୭ ମିନିଟ ଆୟୁଷ ହରାଉଛନ୍ତି । ପୂର୍ବରୁ ହୋଇଥିବା ଗବେଷଣାରେ ଗୋଟିଏ ସିଗାରେଟ ଜଣେ ବ୍ୟକ୍ତିଙ୍କ ଆୟୁଷକୁ ୧୧ ମିନିଟ ହ୍ରାସ କରୁଥିବା ଜଣାପଡ଼ିଥିଲା । ଏବେ ଅଧିକ ଲୋକଙ୍କୁ ଦୀର୍ଘ ସମୟ ଧରି ସର୍ଭେରେ ସାମିଲ କରାଯିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ଗୋଟିଏ ସିଗାରେଟ ଜଣେ ବ୍ୟକ୍ତି/ ମହିଳାଙ୍କ ଆୟୁଷକୁ ହାରି ହାରି ୨୦ ମିନିଟ ହ୍ରାସ କରିଦେଉଛି ସର୍ଭେରୁ ସ୍ପଷ୍ଟ ହୋଇଛି । ବ୍ରିଟେନର ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଏହି ଗବେଷଣାକୁ ଗ୍ରହଣ କରିଛି । ଏଥିରେ ଧୂମପାନ କେମିତି ଶରୀରରେ ସାମୂହିକ କ୍ଷିତ କରିଥାଏ, ସେବିଷୟରେ ଉଲ୍ଲେଖ କରାଯାଇଛି । ଏହାର ଅର୍ଥ ଜଣେ ବ୍ୟକ୍ତି ଯେତେ ଶୀଘ୍ର ଧୂମପାନ ଛାଡ଼ିବେ, ସେ ସେତିକି ଅଧିକ ବର୍ଷ ବଞ୍ଚିପାରିବେ । ସେହିପରି ସେ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମଧ୍ୟ ଦୂରେଇ ରହିବେ । ସେହିପରି ୨୦୨୫ ଜାନୁଆରୀ ୧କୁ ନିଆଯାଇଛି । ଯଦି ଜଣେ ଜାନୁଆରୀ ୧ରୁ ସିଗାରେଟ ଟାଣିବା ବନ୍ଦ କରନ୍ତି, ତାହେଲେ...

୧- ଦିନକୁ ୧୦ଟି ସିଗାରେଟ ଟାଣୁଥିବା ବ୍ୟକ୍ତି ଏହାକୁ ଛାଡ଼ିବାର ୮ ଦିନ ଭିତରେ ଆୟୁଷକୁ ଗୋଟିଏ ଦିନ ହ୍ରାସ ହେବାରୁ ରୋକି ପାରିବେ

୨- ସିଗାରେଟ ଛାଡ଼ିଥିବା ବ୍ୟକ୍ତି ଫେବୃଆରୀ ସୁଦ୍ଧା ନିଜ ଆୟୁଷରେ ଅତିରିକ୍ତ ଗୋଟିଏ ସପ୍ତାହ ଯୋଡ଼ିବାକୁ ସକ୍ଷମ ହେବେ

୩- ଅଗଷ୍ଟ ସୁଦ୍ଧା ସିଗାରେଟ ଛାଡ଼ିଥିବା ବ୍ୟକ୍ତି ନିଜ ଆୟୁଷକୁ ଗୋଟିଏ ମାସ ବୃଦ୍ଧି କରି ପାରିବେ

୪- ବର୍ଷ ଶେଷ ସୁଦ୍ଧା ସେ ୫୦ ଦିନ ଆୟୁଷ ହ୍ରାସକୁ ବେଶ ଆରାମରେ ରୋକି ପାରିବେ

### ମା’ରାଣ ଦେହକୁ ନେବେନି...

ବିଶ୍ୱ ଇତିହାସେ ମହିଳା ଦିବସ
ମାର୍ଚ୍ଚ ଆଆଠ ଆଜି...
ମୋବାଇଲି ଧରି ସୁଭଦ୍ରାମାନେ ଯେ
ହଉଥେବେ ଭେରି ବିଜି...
ମନେ ହଉଥାତୁ ମାଜି..
ପାଞ୍ଚହଜାରଟା ଆସି ଚାଲିଯିବ
ଚାହୁଁଚାହୁଁ ଯିବ ଭିଜି...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ସୁଆଦିଆ ଛେନା ଝିଲି



**ଆବଶ୍ୟକ ସାମଗ୍ରୀ :** ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ଛେନା, ତେଲ

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ । ଏହାପରେ ବଜାର କିମ୍ବା ଘରେ ବନେଇଥିବା ଛେନା ଆଣନ୍ତୁ । ଏହାକୁ ଏକ ପାତ୍ରରେ ରଖି ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ । ଏହା ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ଏହାପରେ ତାକୁ କିଛି ସମୟ ପାଇଁ ଘୋଡ଼ାଇ ରଖି ଦିଅନ୍ତୁ । ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗଢ଼ନ୍ତୁ । ଏହାପରେ ଚୁଲିରେ କଡେଇ ବସାନ୍ତୁ, କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ଗଢ଼ି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ । ଛେନା ଝିଲିର ରଙ୍ଗ ବାଦାମୀ ହେଲା ପର୍ଯ୍ୟନ୍ତ ଛାଣନ୍ତୁ । ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ ମିଠା ‘ଛେନା ଝିଲି’ । ଛେନା ଝିଲିକୁ ତିଆରି କରି ନିଜେ ଖାଆନ୍ତୁ, ପରିବାର ଲୋକଙ୍କୁ ଖୁଆନ୍ତୁ ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ରୁଷୀୟ ତେଲ କିଣିବା ପାଇଁ ଭାରତକୁ ୩୦ ଦିନିଆ ଅନୁମତି



ମୁମ୍ବାଇ (ଏଜେନ୍ସି) : ଭାରତ ଆସନ୍ତା ୩୦ ଯାଏ ରୁଷ ଠାରୁ ତେଲ କିଣି ପାରିବ । ସମୁଦ୍ର ପଥରେ ତେଲ ଧରି ଛିଡ଼ା ହୋଇଥିବା ରୁଷୀୟ ଜାହାଜ ଠାରୁ ଭାରତ ଏହା କ୍ରୟ କରିପାରିବ । ଏଥିପାଇଁ କୌଣସି ପ୍ରକାରର କଟକଣା ଲାଗୁ ହେବନି ବୋଲି ଆମେରିକା କହିଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ବିଶ୍ୱ ତୈଳ ମାର୍କେଟ ଉପରେ ଚାପ ପଡୁଛି । ଯୋଗାଣ ବାଧପ୍ରାପ୍ତ ହୋଇଛି । ଏସବୁ ଭିତରେ ଭାରତକୁ ରୁଷୀୟ ତେଲ କିଣିବାକୁ ଆମେରିକା ମାସକ ପାଇଁ ଅନୁମତି ଦେଇଛି । ଆମେରିକା ଅନୁମିତି ସେହି ରୁଷୀୟ ତୈଳ ଶିପମେଣ୍ଟଗୁଡ଼ିକ ପାଇଁ ଲାଗୁ ହେବ ଯେଉଁଗୁଡ଼ିକ ଆମେରିକାର ନୂଆ କଟକଣା ପୂର୍ବରୁ ଟ୍ୟାଙ୍କରରେ ଲୋଡ ହୋଇ ସାରିଥିବ । କଟକଣା ଲାଗୁ ହେବା ପରେ ଟ୍ୟାଙ୍କରରେ ଲୋଡ ହୋଇଥିବା ତେଲର କ୍ରେତା ମିଳି ନଥିଲେ । ତେଣୁ ଲୋଡ ହୋଇଥିବା ରୁଷୀୟ ତେଲକୁ ଭାରତ କ୍ରୟ କରିପାରିବ । ଅଧିକାରୀଙ୍କ କହିବା କଥା ଯେ ଏପରି ପଦକ୍ଷେପ ଦ୍ୱାରା ପଣ୍ୟବାହୀ ଜାହାଜଗୁଡ଼ିକ ଅଫ ଲୋଡ କରିପାରିବେ ଓ ଏହାକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଭାରତକୁ ବିକ୍ରି କରିପାରିବେ । ଯୋଗାଣ ବିଭ୍ରାଟକୁ ଏହା ରୋକିବ ଓ ବିଶ୍ୱ ଶକ୍ତି ବଜାରରୁ ଆହୁରି ମଜବୁତ କରିପାରିବ ବୋଲି ଆମେରିକା ଆଶା ରଖିଛି । ଏହି ଖବରକୁ ନିଶ୍ଚିତ କରି ଆମେରିକାର ଅର୍ଥ ମନ୍ତ୍ରୀ ସ୍କଟ ବେସେଣ୍ଟ କହିଛନ୍ତି ଯେ ଭାରତ ହେଉଛି ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ । ତେଲ କିଣିବାର ଅନ୍ତରୀଣ ଅନୁମତି ଇରାନ ଦ୍ୱାରା ବିଶ୍ୱ ଶକ୍ତି ମାର୍କେଟକୁ କବଜା କରିବା ପାଇଁ ଉଦ୍ୟମର ପ୍ରଭାବକୁ ହ୍ରାସ କରିବ । ଆମର ଆଶ ନୂଆଦିଲ୍ଲୀ ଆଗକୁ ଆମେରିକା ତୈଳ କିଣିବାକୁ ମଧ ପଦକ୍ଷେପ ନେବ । ବିଶ୍ୱ ବଜାରକୁ ତୈଳ ଯୋଗାଣ ଜାରି ରଖିବା ପାଇଁ ଆମେରିକା ୩୦ ଦିନିଆ କୋହଳ ନୀତି ଆପଣାଉଛି । ଏହି ସମୟରେ ଭାରତୀୟ କମ୍ପାନୀଗୁଡ଼ିକ ରୁଷୀୟ ତେଲ କିଣି ପାରିବେ । ଏହି ଅସ୍ଥାୟୀ କୋହଳ ନୀତି ସମୁଦ୍ରରେ ପୂର୍ବରୁ ରହିଥିବା ଜାହାଜଗୁଡ଼ିକ ପାଇଁ ହିଁ ଲାଗୁ ହେବ । ଏହା ମସ୍କୋକୁ ଆର୍ଥିକ ସ୍ତରରେ ସେତେଟା ଫାଇଦା ଦେବ ନାହିଁ ବୋଲି ସେ କହିଛନ୍ତି ।

### ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ଫସିଛନ୍ତି

# ୨୩,୦୦୦ ଭାରତୀୟ ନାବିକ

ନୂଆଦିଲ୍ଲୀ (ଏଜେନ୍ସି) : ଇରାନ-ଆମେରିକା ବିବାଦ ମଧ୍ୟରେ ୨୩,୦୦୦ ଭାରତୀୟ ନାବିକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି । ଏପର୍ଯ୍ୟନ୍ତ ତିନି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି ଏବଂ ନଅଟି ଜାହାଜ ଉପରେ ଆକ୍ରମଣ ହୋଇଛି, ଯାହା ଭୟର ବାତାବରଣ ସୃଷ୍ଟି କରିଛି । ଗତ ଏକ ସପ୍ତାହ ମଧ୍ୟରେ ଅନେକ ଆକ୍ରମଣ ଏବଂ ତିନି ଜଣ ଭାରତୀୟ ସହକର୍ମୀଙ୍କ ମୃତ୍ୟୁ ନାବିକ ସଂଗଠନଗୁଡ଼ିକୁ ସରକାରଙ୍କଠାରୁ ସାହାଯ୍ୟ ଲୋଡ଼ିବାକୁ ବାଧ କରିଛି । ନାବିକ ସଂଘଗୁଡ଼ିକ ମୁମ୍ବାଇରେ ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଭେଟି ତୁରନ୍ତ କଠିନ ପଦକ୍ଷେପ ଓ ସୁରକ୍ଷା ସୁନିଶ୍ଚିତ କରିବାକୁ ଦୃଢ଼ ଦାବି କରିଛନ୍ତି । ସରକାରୀ ସଂଖ୍ୟା ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତୀୟ କର୍ମଚାରୀଙ୍କ ସହିତ ଜାହାଜ ଉପରେ ଅତି କମରେ ନଅଟି ଆକ୍ରମଣ ହୋଇଛି । ଏହି ଆକ୍ରମଣଗୁଡ଼ିକ ହର୍ମୁଜ୍ ପ୍ରଣାଳୀ, ପାରସ୍ୟ ଉପସାଗର ଓ ଓମାନ ଉପସାଗର ଭଳି ବାଣିଜ୍ୟ ପଥଗୁଡ଼ିକୁ ଅତ୍ୟନ୍ତ ବିପଜ୍ଜନକ ଏବଂ ଅସୁରକ୍ଷିତ କରିଦେଇଛି । ଏହି ଅଞ୍ଚଳଗୁଡ଼ିକୁ ନୌଚାଳନା କରିବା ଏବେ ନାବିକମାନଙ୍କ ପାଇଁ ଜୀବନ-ମୃତ୍ୟୁର ସଂଘର୍ଷ ଭଳି ପରିସ୍ଥିତି ସୃଷ୍ଟି କରିଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ଏବେ ସମଗ୍ର ସାମୁଦ୍ରିକ ଅଞ୍ଚଳକୁ ଏକ ଉଚ୍ଚ ବିପଦପୂର୍ଣ୍ଣ ଅଞ୍ଚଳ ଘୋଷଣା କରିଛନ୍ତି, ଯେଉଁଠାରେ ବର୍ତ୍ତମାନ ୩୬ଟି ଭାରତୀୟ ଜାହାଜ ରହିଛି । ଏଥିମଧ୍ୟରୁ ୨୪ଟି ହର୍ମୁଜ୍ ପ୍ରଣାଳୀର ପଶ୍ଚିମ ଭାଗରେ ଓ ପୂର୍ବ ଭାଗରେ ୧୨ଟି ଜାହାଜ ଫସି ରହିଛି, ଯେକୌଣସି ସମୟରେ ଆକ୍ରମଣର ସମ୍ଭାବନା ରହିଛି । ଆଡେନ୍ ଉପସାଗରରେ ମଧ ତିନୋଟି ଭାରତୀୟ ଜାହାଜ ରହିଛି, ଯାହାର ନାବିକମାନେ ସେମାନଙ୍କର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭର କରୁଛନ୍ତି । ତେବେ ଯୁଦ୍ଧ କ୍ଷେତ୍ରରେ ଫସି ରହିଥିବା ଏହି ଭାରତୀୟମାନଙ୍କୁ ଉଦ୍ଧାର କରିବା ପାଇଁ ଭାରତୀୟ ନୌସେନା ଓ ବୈଦେଶିକ ମନ୍ତ୍ରଣାଳୟ ତୁରନ୍ତ ମିଳିତ ଭାବରେ କାର୍ଯ୍ୟ କରିବାକୁ ନାବିକ ସଂଗଠନଗୁଡ଼ିକ ଦାବି କରିଛନ୍ତି । କୌଣସି ଅପ୍ରୀତିକର ଘଟଣା ଘଟିଲେ ନାବିକଙ୍କ ପରିବାରକୁ ଅତି କମରେ ୪୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଫରୱାର୍ଡ ନାବିକ ସଂଘ ଦାବି କରିଛି । ସଂଘ କହିଛି ଯେ ପରିସ୍ଥିତି ଖରାପ ହେଉଥିବାରୁ ସରକାର ଏହି ସାହସୀ ନାବିକମାନଙ୍କୁ ଉଦ୍ଧାର କରିବାରେ ଆଉ ବିଳମ୍ବ କରିବା ଉଚିତ୍ ନୁହେଁ ।

### ଅପରେସନ ସିନ୍ଦୂରରେ ପରାକ୍ରମ ଦେଖାଇଥିଲେ

# ୧୦ ଦିନ ତଳେ ଘରୁ ଫେରିଥିଲେ ମୃତ ପାଇଲଟ



କାର୍ବି ଆଙ୍ଗଲଙ୍ଗ (ଏଜେନ୍ସି) : ଭାରତୀୟ ବାୟୁ ସେନାର ସୁଖୋଇ ଏସ୍-୩୦ ଏମକେଆଇ ଯୁଦ୍ଧ ବିମାନ ଗୁରୁବାର ଆସାମ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାରେ କ୍ରାଶ ହୋଇଛି । ଏଥିରେ ଦୁଇ ଜଣ ପାଇଲଟ ସ୍କ୍ୱାଡ୍ରନ୍ ଲିଡର ଅନୁଜ ଓ ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ପୂର୍ବେଶ ଦୁରାଗକର ପ୍ରାଣ ହରାଇଛନ୍ତି । ଏବେ ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ପୂର୍ବେଶଙ୍କୁ ନେଇ ଗୋଟିଏ ବଡ଼ ଖବର ସାମ୍ନାକୁ ଆସିଛି । ଗତବର୍ଷ ମେ' ମାସରେ ଭାରତୀୟ ସେନା ପାକିସ୍ତାନରେ କରିଥିବା ଅପରେସନ ସିନ୍ଦୂରରେ ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ପୂର୍ବେଶ ସାମିଲ ହୋଇ ନିଜର ପରାକ୍ରମ ଦେଇଥିଲେ । ଏପ୍ରିଲ ୨୨ ପହଲଗାମ ନରସଂହାରର ବଦଲା ନେବାକୁ ଭାରତୀୟ ସେନା ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ୧୦ରୁ ଅଧିକ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଥିଲା । ଭାରତୀୟ ବାୟୁ ସେନାର ବାୟୁଯୋଦ୍ଧାମାନେ ମାତ୍ର କିଛି ମିନିଟରେ ଏୟାର ଷ୍ଟ୍ରାଇକ ବଳରେ ଆତଙ୍କୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲେ । ଏହି ବାୟୁବୀରଙ୍କ ମଧ୍ୟରେ ଥିଲେ ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ପୂର୍ବେଶ । ତାଙ୍କ ବାପା ରବୀନ୍ଦ୍ର ଦୁରାଗକରଙ୍କ କହିବା କଥା ଯେ ୨୮ ବର୍ଷୀୟ ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ପୂର୍ବେଶ ଅପରେସନ ସିନ୍ଦୂରରେ ସାମିଲ ଥିବା ସେମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଜାଣି ନଥିଲେ । ଅପରେସନ ବନ୍ଦ ହେବାର ଅନେକ ଦିନ ପରେ ସେମାନଙ୍କୁ ଏ ସମ୍ପର୍କରେ ସୂଚନା ମିଳିଥିଲା । ରବୀନ୍ଦ୍ର କହିଛନ୍ତି, "ଅପରେସନ ସିନ୍ଦୂର ବନ୍ଦ ହେବାର ୧୫ ଦିନ ପରେ ଆମେ ଜାଣିବାକୁ ପାଇଥିଲୁ ଯେ ପୂର୍ବେଶ ସେହି ଅପରେସନରେ ସାମିଲ ଥିଲା । ଅପରେସନ ସମୟରେ ସେ ତା'ର ମୋବାଇଲ ବ୍ୟବହାର କରୁ ନଥିଲା । ସେହି ସମୟରେ ଆମେ ତା' ସହ କୌଣସି ପ୍ରକାରର ଯୋଗାଯୋଗ କରି ପାରି ନଥିଲୁ ।" ରବୀନ୍ଦ୍ରଙ୍କ କହିବା କଥା ଯେ ସୁଖୋଇ କ୍ରାଶ ହେବାର ଦିନକ ପୂର୍ବରୁ ସେ ପୁଅଙ୍କ ସହ କଥା ହୋଇଥିଲେ । ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ପୂର୍ବେଶ ଓ ସ୍କ୍ୱାଡ୍ରନ ଲିଡର ଅନୁଜ ଏସ୍‌ୟୁ-୩୦ ଏମକେଆଇ ଧରି ଗୁରୁବାର ଟ୍ରେନିଂ ମିଶନରେ ବାହାରିଥିଲେ । ଜୋରହାଟ ଏୟାରବେସ୍‌ରୁ ଉଡ଼ାଣ ଭରିବାର କିଛି ମିନିଟ ପରେ ବିମାନଟି କ୍ରାଶ ହୋଇ ଯାଇଥିଲା । ସନ୍ଧ୍ୟା ୭.୪୨ରେ ରୁଷ ନିର୍ମିତ ଏହି ଯୁଦ୍ଧ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଆଜି ଦୁଇ ପାଇଲଟଙ୍କ ମୃତଦେହକୁ ବାୟୁସେନା ଠାବ କରିଛି ।

### ସେୟାର ବଜାର ଉପରେ ଯୁଦ୍ଧର ପ୍ରଭାବ

# ସେନ୍‌ସେକ୍ସ ୧୦୯୭ ପଏଣ୍ଟ୍ ଖସିଲା




**ମୁମ୍ବାଇ (ଏଜେନ୍ସି) :** ସପ୍ତାହର ଶେଷ କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୦୯୭ ପଏଣ୍ଟ୍ ହ୍ରାସ ପାଇ ୭୮,୯୧୮ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍‌ର ନିଫ୍‌ଟି ୩୧୫ ପଏଣ୍ଟ୍ ହ୍ରାସ ପାଇ ୨୪,୪୫୦ ପଏଣ୍ଟରେ ବନ୍ଦ ହୋଇଛି । ଇରାନ ସହ ଇସ୍ରାଏଲ ଓ ଆମେରିକା ଯୁଦ୍ଧ ପ୍ରଭାବରେ ଦେଖାଦେଇଥିବା ଭୂରାଜନୈତିକ ସଙ୍କଟ ପାଇଁ ନିବେଶକମାନେ ଛାନିଆ ହୋଇ ସେୟାର ବିକ୍ରି କରୁଛନ୍ତି । ବିଶେଷ କରି ଯୁଦ୍ଧରେ ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡ଼ିକର ସେୟାର ଅଧିକ ବିକ୍ରି ହେଉଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଆଇଟିସି, ଏସିଆନ୍ ପେଣ୍ଟ୍ସ, ଟାଇଟାନ୍, ଟିସିଏସ୍, ଟାଟା ଷ୍ଟିଲ୍, ଲ ହିନ୍ଦୁସ୍ତାନ ୟୁନିଲିଭର୍, ବଜାଜ ଫାଇନାନ୍ସ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ, ଟ୍ରେଣ୍ଟ୍, ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସ୍‌ଇଜେଡ୍, ଭାରତୀ ଏୟାରଟେଲ୍, ଇଣ୍ଡିଗୋ, ମାରୁତି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଇଟରନାଲ୍ ଓ ଆଇସିଆଇସିଆଇ ବ୍ୟାଙ୍କର ସେୟାର ମୂଲ୍ୟ ହ୍ରାସ ପାଇଛି । ସେହି ସମୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏନ୍‌ଟିପିସି, ସନ୍ ଫାର୍ମା, ଇନ୍‌ଫୋସିସ୍, ଏଚ୍‌ସିଏଲ୍ ଟେକ୍ ଓ ପାୱାରଗ୍ରିଡ୍‌ର ସେୟାର ମୂଲ୍ୟ ବଢ଼ିଛି । ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦେଶର ଷ୍ଟକ୍ ବଜାରରେ କାରବାର ପ୍ରାୟ ମାନ୍ଦା ରହିଛି । ଏସିଆରେ ଦକ୍ଷିଣ କୋରିଆର କୋସ୍‌ପି ୨ପ୍ରତିଶତ ହ୍ରାସ ପାଇଥିବା ବେଳେ ହଂକଂର ହାଙ୍ଗ ସେଙ୍ଗ୍ ୨ ପ୍ରତିଶତ ବଢ଼ିଥିଲା । ଚୀନ୍‌ର ସାଂଘାଇ କମ୍ପୋଜିଟ୍ ଇଣ୍ଡେକ୍ସ ୦.୨୫ ପ୍ରତିଶତ ବଢ଼ିଛି । ଜାପାନର ନିକେଇ ଅପରିବର୍ତ୍ତିତ ରହିଛି । ୟୁରୋପରେ ଜର୍ମାନୀର ଡିଏଏକ୍ସ ୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ଫ୍ରାନ୍ସର ସିଏସି ଓ ବ୍ରିଟେନ୍‌ର ଏଫ୍‌ଟିଏସ୍‌ଇ ୧୦୦ ସୂଚୀ ୧.୫ ପ୍ରତିଶତ ଲେଖାଏଁ ହ୍ରାସ ପାଇଛି । ବୈଦେଶିକ ସଂସ୍ଥାଗତ ନିବେଶକମାନେ ଭାରତୀୟ ଇକ୍ୱିଟି ସେୟାର ବିକ୍ରି ଜାରି ରଖିଛନ୍ତି । ଗତ ଅଧିବେଶନରେ ସେମାନେ ୩୫୭୨ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ । ଚଳିତ ମାସରେ ବିଦେଶୀ ନିବେଶକମାନେ ୨୧,୪୩୬ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିଛନ୍ତି । ତେବେ ଘରୋଇ ନିବେଶକମାନେ ନିବେଶ ଜାରି ରଖିଥିବାରୁ ଏହାର ପ୍ରତିକୂଳ ପ୍ରଭାବ ଅନେକାଂଶରେ ଦୂର ହୋଇଛି । କିନ୍ତୁ ସାମଗ୍ରିକ ଭାବେ ବଜାର ସ୍ଥିତିରେ ସୁଧାର ଆଣିବା ପାଇଁ ତାହା ଯଥେଷ୍ଟ ନୁହେଁ ।

# ଦରମା ୧୦ ହଜାର, ଆକାଉଣ୍ଟରେ ୩୦୦ କୋଟି: ରାପିଡୋ ଡ୍ରାଇଭର ଗିରଫ




**ଅହମ୍ମଦାବାଦ (ଏଜେନ୍ସି) :** ହାୱାଲା ଚ୍ୟାନେଲ, ନକଲି ବ୍ୟାଙ୍କ ଟ୍ରାଞ୍ଜାକସନ, ବେଆଇନ କ୍ରିକେଟ ବେଟିଂ ଓ ଷ୍ଟକ ମାର୍କେଟ କାରବାରରେ ସାମିଲ ଥିବା ଗୋଟିଏ ରାକେଟର ପର୍ଦ୍ଦାଫାସ ହୋଇଛି । ଅହମଦାବାଦରେ ଚାଲିଥିବା ଏହି ରାକେଟ ପର୍ଦ୍ଦାଫାସ ହେବା ପରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଜଣେ ରାପିଡୋ ଡ୍ରାଇଭରଙ୍କ ବ୍ୟାଙ୍କ ଆକାଉଣ୍ଟରେ ହେଉଥିବା ନେଣଦେଣ ଉପରେ ପ୍ରଥମେ ତଦନ୍ତକାରୀ ସଂସ୍ଥା ସନ୍ଦେ ପ୍ରକାଶ କରିଥିଲା । ସେ ମାସିକ ୧୦ ହଜାରରୁ ୧୨ ହଜାର ଟଙ୍କା ପାଉଥିବା ବେଳେ ତାଙ୍କ ଆକାଉଣ୍ଟରେ ୩୦୦ କୋଟିର ନେଣଦେଣ ହୋଇଥିବା ଜଣାପଡ଼ିଥିଲା । ବାସ ଏହାପରେ ୫୫୦ କୋଟି ଟଙ୍କାର ବେଆଇନ କାରବାରରେ ଲିପ୍ତ ଥିବା ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ରାପିଡୋ ଡ୍ରାଇଭରଙ୍କ ଆକାଉଣ୍ଟରେ ୩୦୦ କୋଟିରୁ ଅଧିକ ଟଙ୍କାର ନେଣଦେଣ ସମ୍ପର୍କରେ ଜାଣିବା ପରେ ଅଧିକ ତଦନ୍ତ କରିଥିଲା । ଏହାପରେ ସଂଗଠିତ ଅପରାଧ ସିଣ୍ଡିକେଟର ପର୍ଦ୍ଦାଫାସ କରିବା ପାଇଁ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିଲା । ଜଣେ ତଦନ୍ତକାରୀ ଅଧିକାରୀ କହିଛନ୍ତି ଯେ ରାପିଡୋ ଡ୍ରାଇଭର ଭାବେ ସେବା ଯୋଗାଉଥିବା ପ୍ରଦୀପ ଓଡେ ନାମକ ନାମକ ବ୍ୟକ୍ତିଙ୍କ ଅସ୍ୱାଭାବିକ ଭାବେ ମୋଟା ଅଙ୍କର ନେଣଦେଣ ହେଉଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ । ବିପୁଳ ପରିମାଣର ଟଙ୍କା ତାଙ୍କ ଆକାଉଣ୍ଟରେ ନିୟମିତ ଜମା ହେବା ସହ ଏହାକୁ ଅନ୍ୟତ୍ର ପଠା ଯାଉଥିଲା । ଏହାର ଖୋଳତାଡ଼ ବେଳେ ଇଡି ଅଧିକାରୀମାନେ ଜାଣିବାକୁ ପାଇଥିଲେ ଯେ ପ୍ରଦୀପଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବେଆଇନ କ୍ରିକେଟ ବେଟିଂ ଓ ଷ୍ଟକ ମାର୍କେଟକୁ ହେରଫେର କରି ଆୟ ହେଉଥିବା ଟଙ୍କାକୁ ଅନ୍ୟତ୍ର ପଠାଇବା ପାଇଁ ବ୍ୟବହାର କରାଯାଉଛି । ପ୍ରାଥମିକ ତଥ୍ୟ ପରେ ଇଡିର ସହାୟକ ନିର୍ଦ୍ଦେଶକ ଅହମଦାବାଦ କ୍ରାଇମବ୍ରାଞ୍ଚ ନିକଟରେ ବିଧିବଦ୍ଧ ଭାବେ ଅଭିଯୋଗ ଦାଖଲ କରିଥିଲେ । କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଉଠାଇ ଆଣି ଜେରା ଆରମ୍ଭ କରିଥିଲା । ଏହି ସମୟରେ ପ୍ରଦୀପ ସ୍ୱୀକାର କରିଥିଲେ ଯେ ସେ କିରଣ ପାରମର ନାମକ ଜଣେ ବ୍ୟକ୍ତିଙ୍କୁ ୨୫ ହଜାର ଟଙ୍କା ବଳରେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିବାକୁ ଦେଇଛନ୍ତି । ସେହିପରି ପ୍ରତିଟି ଚେକରେ ଦସ୍ତଖତ କରିବା ପାଇଁ ମଧ ପ୍ରଦୀପ ୪୦୦ ଟଙ୍କା ପାଉଥିଲେ । ପ୍ରଦୀପଙ୍କ ଆକାଉଣ୍ଟ ସହ ଜଡ଼ିତ ତଥ୍ୟକୁ ବ୍ୟବହାର କରି ପ୍ରଦୀପ ଏଣ୍ଟରପ୍ରାଇଜେସ ନାମକ ଗୋଟିଏ ଜାଲ କମ୍ପାନୀ ତିଆରି କରାଯାଇଥିଲା । କାଗଜପତ୍ରରେ କମଲେଶ ଟ୍ରେଡିଂ ଓ ରୌନକ ଟ୍ରେଡର୍ସ ନାଁରେ ମଧ ୨ଟି ଅତିରିକ୍ତ କମ୍ପାନୀ ମଧ ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି । ଅଧିକାରୀମାନେ କହିଛନ୍ତି ଯେ ୨୦୨୪ରେ ଏହି ସଂସ୍ଥାଗୁଡ଼ିକ ପଞ୍ଜିକରଣ ହୋଇଥିଲା । କିନ୍ତୁ ସେମାନେ କୌଣସି ବ୍ୟବସାୟ କରୁ ନଥିଲେ । କେବଳ ସେମାନେ ଠକେଇ କରୁଥିଲେ । ସଂସ୍ଥାଗୁଡ଼ିକ ନାଁରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ନିୟମିତ ଟଙ୍କା ଜମା ହେଉଥିଲା । ମୋଟ ୫୫୦ କୋଟି ଟଙ୍କା ସଂସ୍ଥାଗୁଡ଼ିକର ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା । ୮୦.୫୦ କୋଟି, ୫୨.୧୧ କୋଟି ଓ ୨୨.୮୬ କୋଟି ଟଙ୍କା ୩ଟି ଭିନ୍ନ କମ୍ପାନୀକୁ ପଠା ଯାଇଥିଲା । ଅନଲାଇନ କ୍ରିକେଟ ବେଟିଂ ଅପରେସନରୁ ଆୟ ହେଉଥିବା ଟଙ୍କାକୁ ଏହି ଆକାଉଣ୍ଟଗୁଡ଼ିକ ଜରିଆରେ ବ୍ୟବହାର କରାଯାଉଥିଲା । ପୁଲିସ୍ ରାକେଟର ପର୍ଦ୍ଦାଫାସ କରିଥିବା ବେଳେ ଘଟଣାରେ ସାମିଲ ଥିବା ଲୋକଙ୍କୁ ଧରିବାକୁ ଉଦ୍ୟମ କରିଛି । କିଛି ବଡ଼ବଡ଼ ଲୋକଙ୍କ ନାଁ ସାମ୍ନାକୁ ଆସିଥିବାରୁ ଇଡି ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇନାହିଁ ।

### ରାଜ୍ୟସଭା ନାମାଙ୍କନ ଭରିଲେ ନୀତୀଶ

# ସର୍ବଶୀର୍ଷ ଅତିକ୍ରମ କରିବା ନା ମୂଳପୋଛ ହେବେ ?



ନୂଆଦିଲ୍ଲୀ (ଏଜେନ୍ସି): ଦେଶ ରାଜନୀତିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ ଜଣେ ଜଣାଶୁଣା ଚେହେରା । ମଝିରେ ତାଙ୍କୁ ପଲଟୁରାମ କହି କିଛି ନେତା ଆକ୍ଷେପ କରୁଥିଲେ । ଏହାର କାରଣ ସେ ମଝିରେ ମଝିରେ ଦେଇଥିବା କଥା ବଦଳାନ୍ତି । ତାଙ୍କୁ ଚେକ୍ ଦେବାପାଇଁ ଭାରତୀୟ ଜନତା ପାର୍ଟିର ଏହା ଏକ ବଡ ଗେମ୍ ହୋଇପାରେକି ? ବିହାର ରାଜନୀତିରେ ହେବ ବଡ଼ ପରିବର୍ତ୍ତନ । ରାଜ୍ୟସଭା ଯିବେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ରାଜ୍ୟସଭା ନିର୍ବାଚନ ପାଇଁ ଆଜି ନାମାଙ୍କନ ମଧ ଭରିଛନ୍ତି ନୀତିଶ । ନୀତୀଶ ରାଜ୍ୟସଭା ଗଲେ, କିଏ ହେବେ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ତାକୁ ନେଇ ଏବେ ଚର୍ଚ୍ଚା ଜାରି ରହିଛି ? ସେନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ବିଜେପି ହାତକୁ ମୁଖ୍ୟମନ୍ତ୍ରୀ ଆସନ ଯାଇପାରେ । ନୀତିଶଙ୍କ ପୁଅ ନିଶାନ୍ତ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ମଧ ଚର୍ଚ୍ଚା ହେଉଛି । ବିହାରର ୧୦ ଥର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରାଜ୍ୟସଭା ପାଇଁ ନାମାଙ୍କନ ଭରିଛନ୍ତି । ନାମାଙ୍କନ ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଥିଲେ । ହେଲେ ଏବେ ସବୁଠୁ ବଡ଼ ପ୍ରଶ୍ନ କାହିଁକି ଏତେବଡ଼ ପରି ବର୍ତ୍ତନ ହେବାକୁ ଯାଉଛି । ୨୦୨୫ ବିହାର ବିଧାନସଭା ନିର୍ବାଚନ ସମୟରେ ରାଜଧାନୀ ପାଟନା ସମେତ ବିଭିନ୍ନ ଜିଲାରେ ନୀତୀଶ କୁମାରଙ୍କ ଫଟୋ ଥିବା ପୋଷ୍ଟର ଦେଖାଯାଇଥିଲା । ଏହାର ଅର୍ଥ ହେଉଛି ନୀତୀଶ କୁମାର ୨୦୨୫ ରୁ ୨୦୩୦ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିବେ । କିନ୍ତୁ ରାଜନୀତି ଏକ ଅଦ୍ଭୁତ କଥା । କେତବେଳେ କ'ଣ ହୋଇପାରେ ତାହା କେହି କେବେ ସଠିକ କଳ୍ପନା ମଧ କରିପାରିବେ ନାହିଁ । ଜେଡିୟୁ ନୀତୀଶ କୁମାରଙ୍କୁ ପାଞ୍ଚ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖିଥିଲା, କିନ୍ତୁ ସେହି ନୀତୀଶ କେବଳ ଚାରି ମାସ ମଧ୍ୟରେ ପାଟନାରୁ ଦିଲ୍ଲୀକୁ ଯାଉଛନ୍ତି । ଏବେ ପ୍ରଶ୍ନ ଉଠାଯାଉଛି ଯେ, ଏସବୁ ହଠାତ୍ ଘଟିଲା ନା ପୂର୍ବ ପ୍ରସ୍ତୁତି ଥିଲା । ପ୍ରଥମେ ଏକ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଥିଲା, ତା'ପରେ ଯେତେବେଳେ ପବନ ସେମାନଙ୍କ ବିରୋଧରେ ଗଲା, ନୀତୀଶଙ୍କୁ ନିଜ ଆଡ଼କୁ ନିଆଯାଇଯାଇଥିଲା ଏବଂ ଏବେ ଯେତେବେଳେ ଜିନିଷଗୁଡ଼ିକ ଠିକ ହେବା ପରି ଲାଗିଲା, ମାସ ମାସ ପୂର୍ବରୁ ତିଆରି ହୋଇଥିବା ଯୋଜନା କାର୍ଯ୍ୟକାରୀ ହେଲା । ନୀତୀଶ କୁମାର, ଯାହାଙ୍କ ମୁହଁରେ ଏନଡିଏ ନିର୍ବାଚନ ଜିତିଥିଲା, ସେ ଏବେ ରାଜ୍ୟ ସଭାକୁ ଯାଉଛନ୍ତି ଶୁଣି ଲୋକେ ରାଗିବେ ନାହିଁ । ଶେଷରେ ତାହା ହିଁ ଘଟିଲା । ଭବିଷ୍ୟତରେ, ଜେଡିୟୁର ମୁଦ୍ରା ବଦଳିବ । ଏପର୍ଯ୍ୟନ୍ତ, ବିଜେପି ନୀତିଶ କୁମାରଙ୍କୁ ପୂର୍ଣ୍ଣ ବିଶ୍ୱାସ ସହିତ ନେଇଆସିଛି । ଜେଡିୟୁର ସର୍ତ୍ତ ହେଉଛି ଯେ ମୁଖ୍ୟମନ୍ତ୍ରୀ ସେହି ବ୍ୟକ୍ତି ହେବେ ଯାହାଙ୍କ ଉପରେ ଉଭୟ ଦଳ ସହମତ ହେବେ ଏବଂ ନୀତୀଶ କୁମାର ଯାହାକୁ ଅନୁମୋଦନ କରିବେ ।

### ମାରାତ୍ମକ କ୍ଲଷ୍ଟର ବୋମା ଖଞ୍ଜିତ ମିସାଇଲ ମାଡ଼ କରୁଛି ଇରାନ

# ସନ୍ଦେହରେ ରୁଷ ଓ ଚାଇନାର ଭୂମିକା



ନୂଆଦିଲ୍ଲୀ (ଏଜେନ୍ସି) : ଆମେରିକା ଓ ଇସ୍ରାଏଲ ସହ ଲଢ଼େଇ କରୁଥିବା ଇରାନ ଘନଘନ ବାଲାଷ୍ଟିକ ମିସାଇଲ ମାଡ଼ କରୁଛି । ଏହି ବାଲାଷ୍ଟିକ ମିସାଇଲରେ ରହିଛି କ୍ଲଷ୍ଟ ମ୍ୟୁଟେସନ କ୍ଷମତା । ମାରାତ୍ମକ କଷ୍ଟର ବୋମା ମିସାଇଲ ଦ୍ୱାରା ଇସ୍ରାଏଲର ବିଭିନ୍ନ ସ୍ଥାନକୁ ଇରାନ ଟାର୍ଗେଟ କରୁଥିବାରୁ ସମସ୍ତ ଚିନ୍ତା ବଢ଼ିଛି । କାରଣ ପ୍ରଥମଥର ପାଇଁ ଯୁଦ୍ଧ ବେଳେ ଇରାନ ଏପରି ଅସ୍ତ୍ରର ବ୍ୟବହାର କରିଛି । କ୍ଲଷ୍ଟର ଅସ୍ତ୍ରଶସ୍ତ୍ର ଆଧୁନିକ ବୋମାର ସବୁଠାରୁ ବିବାଦୀୟ ରୂପ ମଧ୍ୟରୁ ଗୋଟିଏ । ଏହାର ପ୍ରମୁଖ ବିଶେଷତା ହେଲା ଏହା ୧୨ରୁ ଅଧିକ ଛୋଟ ବିସ୍ଫୋରକକୁ ଗୋଟିଏ ବିସ୍ତୃତ ଅଞ୍ଚଳରେ ପକାଇବାକୁ ସକ୍ଷମ । ଇସ୍ରାଏଲ ବିଶେଷଜ୍ଞଙ୍କ କହିବା କଥା ଯେ ଇରାନୀୟ କ୍ଲଷ୍ଟ ମିସାଇଲ ୱାରହେଡ୍ସ ମଝି ଆକାଶରେ ୮୦ଟି ଛୋଟ ବୋମା ପକାଇବାକୁ ସକ୍ଷମ । ଏଥିରୁ ବାହାରୁ ଥିବା ବିନାଶକାରୀ ଖଣ୍ଡ ଅନେକ କିମି ଯାଏ କ୍ଷତି ଘଟାଇ ପାରେ । ଯୁଦ୍ଧରେ ଏପରି ଅସ୍ତ୍ରର ବ୍ୟବହାର ଯୋଗୁ ସଂଘର୍ଷର ରୂପ ସଂପୂର୍ଣ୍ଣ ବଦଳି ଯାଇଥିବା ସୁରକ୍ଷା ବିଶେଷଜ୍ଞମାନେ କହିଛନ୍ତି । ଗୋଟିଏ ସ୍ଥାନରେ ଗୋଟିଏ ବିସ୍ଫୋରଣ ବଦଳରେ ଗୋଟିଏ କ୍ଲଷ୍ଟର ବୋମା ଅନେକ ଛୋଟ ଛୋଟ ଛୋଟ ବୋମାକୁ ଗୋଟିଏ ବଡ଼ ଅଞ୍ଚଳରେ ବିକ୍ଷିପ୍ତ ଭାବେ ପକାଇ ପାରୁଛି । ଏହାଦ୍ୱାରା ନାଗରିକମାନଙ୍କ ପାଇଁ ବିପଦ ବଢୁଛି । ସେହିପରି ବିସ୍ଫୋରଣ ହୋଇ ନଥିବା ବୋମା ଦୀର୍ଘ ସମୟ ପରେ ମଧ ଘାତକ ସାବ୍ୟସ୍ତ ହୋଇପାରେ । ତେବେ ଇରାନ କେମିତି ଏପରି କ୍ଷମତା କେମିତି ବିକଶିତ କଲା, ତାହା ସବୁଠାରୁ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । ଇରାନ ଏମିତି ଏକ ରାଷ୍ଟ୍ର ଯେଉଁଠାରେ ଯୁଦ୍ଧାସ୍ତ୍ର ବିକଶିତ କରୁଥିବା ବୈଜ୍ଞାନିକଙ୍କୁ ସାଧାରଣତଃ ହତ୍ୟା ପାଇଁ ଟାର୍ଗେଟ କରାଯାଏ । ତଥାପି ଇରାନ ଏପରି କ୍ଲଷ୍ଟର ବୋମା ମିସାଇଲ କେମିତି ବିକଶିତ କଲା ? ଇସ୍ରାଏଲ ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ଇରାନକୁ ଏ କ୍ଷେତ୍ରରେ ବିଦେଶୀରୁ ସହାୟତା ମିଳିଛି । ରୁଷ କିମ୍ବା ଚୀନରୁ ସାମରିକ ଜ୍ଞାନକୁ ସମ୍ଭବତଃ ଇରାନକୁ ହସ୍ତାନ୍ତର କରାଯାଇଥିବା ସନ୍ଦେହ କରାଯାଉଛି । ଇସ୍ରାଏଲ ମିଲିଟାରୀ ଅଧିକାରୀ କହିଛନ୍ତି ଯେ ଗୋଟିଏ ଇରାନୀ ବାଲାଷ୍ଟିକ ମିସାଇଲ କ୍ଲଷ୍ଟର ମ୍ୟୁଟସନ ଦ୍ୱାରା କେନ୍ଦ୍ରୀୟ ଇସ୍ରାଏଲକୁ ଟାର୍ଗେଟ କରାଯାଇଛି । ମିସାଇଲରେ ଥିବା ବୋମାଗୁଡ଼ିକ ପ୍ରାୟ ଭୂଭାଗରୁ ୭ କିମି ଉପରେ ଭାଗଭାଗ ହୋଇଯାଇଥିଲା । ଏହାପରେ ପ୍ରାୟ ୨୦ଟି ବୋମାରେ ପରିଣତ ହୋଇ ୮ କିମି ଅଞ୍ଚଳରେ ବିକ୍ଷିପ୍ତ ହୋଇ ପଡ଼ିଥିଲା । ଗୋଟିଏ ବୋମା ଦକ୍ଷିଣ ତେଲ ଅଭିଭର ଅଜୋର ସହରର ଗୋଟିଏ ଘର ଉପରେ ପଡ଼ିଛି । ଏହାଦ୍ୱାରା ଘରଟି କ୍ଷତିଗ୍ରସ୍ତ ହୋଇଥିଲେ ହେଁ କେହି ବି ମୃତାହତ ହୋଇନାହାନ୍ତି । ତେବେ ତେଲ ଅଭିଭର ଆଉ ଗୋଟିଏ ସ୍ଥାନରେ ଛୋଟ ବୋମା ପଡ଼ିବାରୁ ୧୨ ଜଣ ଆହତ ହୋଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି ।

ନିଷ୍କର୍ଷ
NISHKARSHA




## ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଦ୍ୱାରା ବିଶ୍ୱ ପ୍ରଭାବିତ

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି । ଇରାନର ଏକ ସ୍କୁଲରେ ୮୫ ଛାତ୍ରୀଙ୍କ ସହ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ । ଇରାନକୁ ଦୃଢ଼ ହସ୍ତରେ ଦମନ କରି ଶାସନ ଚଳାଉଥିବା ଖାମେନେଇଙ୍କ ପରେ କିଏ ନେତୃତ୍ୱ ନେବେ ତାହା କହିବା କଷ୍ଟକର । ଶୁଣିବାକୁ ମିଳୁଥିଲା ତାଙ୍କ ପୁଅ ମୋଜତାବା ଖାମେନେଇ ଆଗକୁ ନେତୃତ୍ୱ ନେଇପାରନ୍ତି । କିନ୍ତୁ ଆୟାତୋଲ୍ଲା ଅଲୀରେଜା ଅରାଫି ଅନ୍ତରୀଣ ସର୍ବୋଚ୍ଚ ନେତା ହୋଇଥିବା ଶୁଣିବାକୁ ମିଳୁଛି । ୩ ଜଣିଆ ଟ୍ରାଞ୍ଜିଶନାଲ କାଉନ୍‌ସିଲର ସେ ଅନ୍ୟତମ ନେତା । ସେ ମଧ୍ୟ ଗାର୍ଡିଅନ କାଉନ୍‌ସିଲର ସଦସ୍ୟ ଅଛନ୍ତି । ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଦୀର୍ଘବର୍ଷ ହେବ ଆମେରିକା ବିରୋଧ କରିଚାଲିଛି । ଇସ୍‌ଲାମିକ ସାଧାରଣତନ୍ତ୍ର ଇରାନର କାର୍ଯ୍ୟକଳାପ ପାଶ୍ଚାତ୍ୟ ଦୁନିଆ ପାଇଁ ବିପଦ ବୋଲି ଆମେରିକା କହି ଆସୁଥିବା ବେଳେ ଇସ୍ରାଏଲ ସହ ମିଳିତ ଆକ୍ରମଣ ଇରାନକୁ ଡରେଇ ଦେଇଛି ବୋଲି ଆଲୋଚନା ହେଉଛି । ଅନ୍ୟ ଏକ ଘଟଣା ହେଲା ଇରାନ ଉପରେ ଆକ୍ରମଣ ବିଶେଷକରି ଖାମେନେଇଙ୍କ ମୃତ୍ୟୁକୁ ଅନ୍ୟ ଇସ୍‌ଲାମିକ୍ ରାଷ୍ଟ୍ର ନିନ୍ଦା କରୁ ନଥିବା ଦେଖିବାକୁ ମିଳିଛି । ସାଉଦି ଆରବ ଇସ୍‌ଲାମିକ୍ ବିଶ୍ୱର ନେତୃତ୍ୱ ନେବାକୁ ଚାହୁଁଥିବା ବେଳେ ଖାମେନେଇ ନିଜର ପତିଆରା ବଢ଼ାଇବାକୁ ଚାହୁଁଥିଲେ । ତେଣୁ ଖାମେନେଇଙ୍କ ଯୁଗ ଶେଷ କରିବାକୁ କିଛି ଇସ୍‌ଲାମିକ ଦେଶ ଆମେରିକାକୁ ସମର୍ଥନ କରୁଥିଲେ । ପୁଣି ଦେଖିଲେ ଇରାନ ଏକ ଶିୟାବହୁଳ ରାଷ୍ଟ୍ର । ଇସ୍‌ଲାମିକ୍ ବିଶ୍ୱରେ ସୁନ୍ନିଙ୍କ ପ୍ରଭାବ ଥିବାରୁ ଇରାନ ନେତୃତ୍ୱ ନେଉ ବୋଲି ଅନେକ ଦେଶ ଚାହୁଁନାହାନ୍ତି । ଏଥିସହିତ କୁହାଯାଇ ପାରେ ଯେ, ଖାମେନେଇଙ୍କୁ ବିରୋଧ କରୁଥିବା ଇରାନୀୟ ଗୋଷ୍ଠୀ ଏହି ଆକ୍ରମଣରେ ଖୁସିବ୍ୟକ୍ତ କରିଛନ୍ତି । ସେମାନେ ଶାସନ ପରିବର୍ତ୍ତନ ପାଇଁ ଯେଉଁ ଆନ୍ଦୋଳନ କରୁଥିଲେ ତାହା ଏହି ଘଟଣାକ୍ରମ ଦ୍ୱାରା ଫଳପ୍ରସୂ ହେବାର ସମ୍ଭାବନା ବଢ଼ିଛି । ଅନ୍ୟପକ୍ଷରେ ଖାମେନେଇଙ୍କ ସମର୍ଥକମାନେ ଅତ୍ୟନ୍ତ କଠୋରପନ୍ଥୀ ହୋଇଥିବାରୁ ସେମାନେ ଆମେରିକା ଓ ଇସ୍ରାଏଲ ଉପରେ ପ୍ରତିହିଂସାପରାୟଣ ହୋଇଯାଇଥିବାରୁ ଯୁଦ୍ଧ ବଢ଼ିବା ବିଷୟକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ ।

ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ତାହାର ଜବାବ ଦେବାକୁ ଯାଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ୍, ଜୋର୍ଡାନ ଓ କୁଏଟ୍ ସମେତ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଘାଟି ଉପରେ ଇରାନ୍ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରିଛି । ଏଥିସହିତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ବନ୍ଦ କରିଦେବା ପରେ ବିଶ୍ୱବ୍ୟାପୀ ଅନ୍ୟ ଏକ ସଙ୍କଟ ଦେଖାଦେଲାଣି । ପ୍ରାୟ ୨୦ ନିୟୁତ ବ୍ୟାରେଲ ଆଶୋଧିତ ତୈଳ ଏବଂ ଶୋଧିତ ଉତ୍ପାଦ ଇରାନ ଓ ଓମାନ ମଧ୍ୟରେ ଥିବା ସଂକୀର୍ଣ୍ଣ ଜଳପଥ ମାଧ୍ୟମରେ ପରିବହନ ହୋଇଥାଏ । ଏକ ହିସାବରୁ ଜଣାପଡ଼ିଛି ଯେ, ବିଶ୍ୱବ୍ୟାପୀ ତେଲ ବ୍ୟବହାରର ପ୍ରାୟ ଏକ ପଞ୍ଚମାଂଶ ଏହି ପଥ ଦ୍ୱାରା ହୋଇଥାଏ । ତେଣୁ ଏହି ଆକ୍ରମଣ ବିଶ୍ୱ ଶକ୍ତି ବଜାରରେ ନୂତନ ଅନିଶ୍ଚିତତା ସୃଷ୍ଟି କରିପାରେ, ଯାହା ଆମେରିକା ଚାହୁଁଥାଇପାରେ । ଏଥିଯୋଗୁ ଅନ୍ତର୍ଜାତୀୟ ଅର୍ଥନୀତି ଘୋର ପ୍ରଭାବିତ ହେବା ଥୟ । କୋଭିଡ୍ ୧୯ ମହାମାରୀ ପରେ ବିଶ୍ୱ ଅର୍ଥନୀତି ମାନ୍ଦା ହୋଇଯାଇଥିବା ବେଳେ ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଏହି ସଙ୍କଟକୁ ବଢ଼ାଇ ଦେଇଥିଲା । ଏଭଳି ଅସ୍ଥିରତା ଭିତରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ସ୍ଥିତିକୁ ଅଧିକ ସଙ୍ଗିନ କରିଦେବା ଦେଖାଯାଉଛି । ଖାମେନେଇଙ୍କ ମୃତ୍ୟୁ ପରେ ଯଦି ଇରାନ ଆଲୋଚନା ଟେବୁଲକୁ ଆସେ ତାହା ହେଲେ ଯୁଦ୍ଧ ସ୍ଥିତି ଥମିପାରେ । ତାହା ନ ହୋଇ ଯଦି ଯୁଦ୍ଧର ପରିସର ବ୍ୟାପକ ହୁଏ, ତେବେ ଭୂରାଜନୈତିକ ପ୍ରେକ୍ଷାପଟରେ ଏକ ବିଭୀଷିକା ସୃଷ୍ଟି ହେବ । ଏପରି ମଧ୍ୟ ହୋଇପାରେ ଯେ ଆହୁରି ଘୋର କଠୋରପନ୍ଥୀଙ୍କ ହାତକୁ ଇରାନର ଭାଗ୍ୟ ଟେକି ହୋଇଯିବ । ଇରାନକୁ ରୁଷିଆ ସମର୍ଥନ କରି ତାହାକୁ ଟିହାଇଲେ ଅସମ୍ଭାଳ ପରିସ୍ଥିତି ଉପୁଜିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି । ଇରାନର ଦୀର୍ଘ ଦିନର ବାଣିଜ୍ୟ ସହଯୋଗୀ ଚାଇନା ଏବର ଆମେରିକା-ଇସ୍ରାଏଲର ଆକ୍ରମଣକୁ ବିରୋଧ କରିଛି । ମନେରଖିବାକୁ ହେବ ଯେ, ଇରାନ ତୈଳର ସିଂହଭାଗ ଚାଇନା ଶସ୍ତାରେ କିଣିଥାଏ । ୨୦୨୫ରେ ଇରାନର ୮୦ ପ୍ରତିଶତ ତୈଳ ଚାଇନା କିଣିଥିଲା । ଚାଇନାର ଦୈନିକ ମୋଟ ତୈଳ ଆମଦାନୀର ୧୩ ପ୍ରତିଶତରୁ ଅଧିକ ଥିଲା ଇରାନୀୟ ତେଲ । ଏଥିସହିତ ୨୦୨୧ରେ ଚାଇନା ଓ ଇରାନ ଏକ ୨୫ ବର୍ଷିଆ ରଣନୀତିକ ସହଭାଗିତା ବୁଝାମଣା ସ୍ୱାକ୍ଷର କରିଥିଲେ । ଏପରିକି ବ୍ରିକ୍ସ ପ୍ଲସ୍‌ରେ ଇରାନକୁ ଚାଇନା ସଦସ୍ୟ ଭାବେ ଆମନ୍ତ୍ରିତ କରି ସ୍ଥାନ ଦେଇଛି । ଏସବୁକୁ ଦେଖିଲେ ଆମେରିକାର ଇରାନ ଉପରେ ଆକ୍ରମଣର ମୁଖ୍ୟ କାରଣ ଜଳଜଳ ଦିଶୁଛି । ଭେନେଜୁଏଲା ନେତା ନିକୋଲାସ ମାଦୁରୋଙ୍କୁ ଆମେରିକା ଉଠାଇନେଇ ସେହି ଦେଶ ଉପରେ ଅକ୍ତିଆର ଜମାଇବାର ମୁଖ୍ୟ କାରଣ ତୈଳ ବୋଲି କୁହାଯାଉଛି । ଏବର ଯୁଦ୍ଧ ଆରମ୍ଭ ହେବା ପରଠୁ ତୈଳ ଦରରେ ନିଆଁ ଲାଗିଲାଣି ।

✸ ✸ ✸

## କବିତା ଗୁଚ୍ଛ

### ଈଶ୍ୱର ଆଉ ଆଲୋକ ଦେଖିବାକୁ ଏକା ପରି

ଆଲୋକଭରା ମୁଠାଏ ସକାଳ ପାଇଲେ --
ଆଉ କିଛି ଚାହିଁବା ରହେନା ମୋର
ସକାଳ ପାଇବି କି ନାହିଁ , ରାତିକୁ କହିଥିଲି
ରାତି ସେତେବେଳକୁ ଈଶ୍ୱରଙ୍କୁ ଡାକୁଥାଏ
ଈଶ୍ୱର ଆଉ ଆଲୋକ ଦେଖିବାକୁ ତ ଏକା ପରି
ଈଶ୍ୱରଙ୍କୁ ପାଇଲେ , ଆଲୋକ ଲୋଡ଼ା ହୁଏନା
ଅଥବା ଆଲୋକ ପାଇଲେ , ଈଶ୍ୱରଙ୍କୁ ।
ରାତିସବୁ ଏଠି ପଥର ପରି ଅଚଳ, ସ୍ଥିର
କିନ୍ତୁ ଆଲୋକ ଅସ୍ଥିର ।
ଆଲୋକ ବଢିଲେ ସକାଳ
ଆହୁରି ଟିକେ ବଢିଲେ , ଦ୍ୱି- ପ୍ରହାର
ତା' ପରେ , ଅପରାହ୍ନ - ସନ୍ଧ୍ୟା
ଅଥଚ , ଈଶ୍ୱର ଅପରିବର୍ତ୍ତିତ
ଈଶ୍ୱର ରାତିକୁ କହିଥିଲେ --
' ସକାଳ ହୁଏ ତ ଆସିବ
କିନ୍ତୁ ମଣିଷଗୁଡ଼ାକ ଆଲୋକିତ ହେବେନି ।'



# ପରମ୍ପରାରୁ ପ୍ରଗତି ପର୍ଯ୍ୟନ୍ତ: ଭାରତର ଗର୍ବିତ ମୁସଲିମ ମହିଳାମାନେ

ଆନ୍ତର୍ଜାତୀୟ ମହିଳା ଦିବସ କେବଳ ମହିଳାମାନଙ୍କର ସଫଳତାକୁ ଉଦ୍‌ଯାପନ କରିବା ପାଇଁ ନୁହେଁ ବରଂ ଇତିହାସରେ ଅଣଦେଖା ହୋଇଥିବା ତାଙ୍କର ଅବଦାନକୁ ସ୍ମରଣ କରିବାର ଅବସର ମଧ୍ୟ ଅଟେ । ଭାରତର ମୁସଲିମ ମହିଳାମାନେ ଏହି ଅଣଦେଖା ଇତିହାସର ଏକ ଅଂଶ । ଅନେକ ଦିନ ଧରି ସେମାନେ ସାମାଜିକ ବାଧାକୁ ସାମ୍ନା କରି ଶିକ୍ଷା, ଶାସନ, ସଂସ୍କୃତି ଓ ଆଇନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛନ୍ତି । ସେମାନଙ୍କ କାହାଣୀ ସମାଜର ସଂକୀର୍ଣ୍ଣ ଧାରଣାକୁ ଦୂରେଇ ଏହା ପ୍ରମାଣିତ କରେ ଯେ, ମୁସଲିମ ମହିଳାମାନେ ପରିବର୍ତ୍ତନର ଶକ୍ତିଶାଳୀ ସୂତ୍ରଧର । ଅତୀତ ଏବଂ ସମସାମୟିକ ସମୟରେ ମୁସଲମାନ ମହିଳାମାନଙ୍କ ଉଲ୍ଲେଖନୀୟ ଅବଦାନ ସେମାନଙ୍କ ସମ୍ପ୍ରଦାୟ ଠାରୁ ବହୁତ ଊର୍ଦ୍ଧ୍ୱରେ । ଶିକ୍ଷା, ସାମାଜିକ ସଂସ୍କାର, ମାନବିକତା ଏବଂ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କର ଅବଦାନ ସମ୍ପ୍ରଦାୟିକ ସଦ୍ଭାବନା ଏବଂ ସହଭାଗୀତାକୁ ପ୍ରୋତ୍ସାହନ କରିବାରେ ଏକ ପ୍ରମୁଖ ଉଦାହରଣ ।

ଊନବିଂଶ ଶତାବ୍ଦୀରେ ଯେତେବେଳେ ଅନେକଙ୍କୁ ଶିକ୍ଷା ଗ୍ରହଣ ପାଇଁ ବାରଣ କରାଯାଉଥିଲା ସେତେବେଳେ ଭାରତର ପ୍ରଥମ ମୁସଲିମ ମହିଳା ଶିକ୍ଷୟିତ୍ରୀ ଫାତିମା ଶେଖ, ସାବିତ୍ରୀବାଇ ଫୁଲେଙ୍କ ସହ ମିଶି ମହିଳା ଏବଂ ଅବହେଳିତ ସମ୍ପ୍ରଦାୟକୁ ଶିକ୍ଷା ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିଥିଲେ । ସାମାଜିକ ବିରୋଧ ସତ୍ତ୍ୱେ ଏହି କାର୍ଯ୍ୟକୁ ସମର୍ଥନ କରିବା ପାଇଁ ୧୯୪୮ ମସିହାରେ ଫାତିମା ଶେଖ ଏବଂ ସାବିତ୍ରୀବାଇ ଫୁଲେ ଫାତିମା ଶେଖଙ୍କ ଭାଇ ଉସମାନ ଶେଖଙ୍କ ଘରେ ଇଣ୍ଡିଜିନିସ ଲାଇବ୍ରେରୀ ନାମରେ ସେମାନଙ୍କ ପ୍ରଥମ ବିଦ୍ୟାଳୟ ସ୍ଥାପନ କରିଥିଲେ । ମୁସଲିମ ମହିଳାମାନେ ଶିକ୍ଷା ମାଧ୍ୟମରେ କିପରି ଜାତି, ଧର୍ମ ଏବଂ ଲିଙ୍ଗ ଭିତ୍ତିକ ପ୍ରତିବନ୍ଧକକୁ ଭାଙ୍ଗି ସାମାଜିକ ଏକତାରେ ସକ୍ରିୟ ଭାବରେ ଯୋଗଦାନ କରନ୍ତି ତାହା ଫାତିମା ଶେଖଙ୍କ ଜୀବନର ଏକ ପ୍ରତିଫଳନ ।

ପାଖାପାଖି ସେହି ସମୟରେ ବେଗମ ରୋକେୟା ସଖାୱତ ହୁସେନ ପଶ୍ଚିମ ବଙ୍ଗଳାରେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ନାରୀବାଦୀ ଭାବରେ ମୁସଲମାନ ଝିଅମାନଙ୍କ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଏବଂ ସାହିତ୍ୟ ମାଧ୍ୟମରେ ଯୁକ୍ତି ବାଢ଼ିଥିଲେ ଯେ ଗୃହକର୍ମ ଓ ଦାସୋଚିତ ଅବସ୍ଥାରୁ ନାରୀମାନଙ୍କର ମୁକ୍ତି ଶିକ୍ଷା ଏବଂ ବୌଦ୍ଧିକ ସ୍ୱାଧୀନତାରୁ ଆରମ୍ଭ ହୁଏ । ମୁସଲିମ ଝିଅମାନଙ୍କର ପାଇଁ ସେ କୋଲକାତାରେ ପ୍ରଥମ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏପରିକି ସେ ଘରଘର ବୁଲି ପିତାମାତାଙ୍କୁ ନିଶା ସ୍ଥିତ ତାଙ୍କ ବିଦ୍ୟାଳୟକୁ ଝିଅମାନଙ୍କୁ ପଠାଇବାକୁ ପ୍ରବର୍ତ୍ତାଇଥିଲେ । ନିଜର ଲେଖା ଓ ଅନୁଷ୍ଠାନ ମାଧ୍ୟମରେ ସେ ସମ୍ପ୍ରଦାୟ ମଧ୍ୟରେ ଯୁକ୍ତି ଯୁକ୍ତି ଚିନ୍ତାଧାରା, ସମାନତା ଏବଂ ପାରସ୍ପରିକ ସମ୍ମାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଗଭୀର ପ୍ରଗତି ଦୃଷ୍ଟି କୋଣ ପାଇଁ ସେ ବିଭାଜନ ବଦଳରେ ଜ୍ଞାନ ଏବଂ ସଶକ୍ତିକରଣ ମାଧ୍ୟମରେ ସାମ୍ପ୍ରଦାୟିକ ସଦ୍ଭାବକୁ ପ୍ରୋତ୍ସାହିତ କରୁଥିଲେ ।

ଦଶନ୍ଧି ପରେ ବେଗମ ବେଗମ କୁଦସିଆ ଆଇଜାଜ ରସୁଲ ଭାରତର କନଷ୍ଟିଚୁଏଣ୍ଟ ଆସେମ୍ବ୍ଲିରେ ଏକମାତ୍ର ମୁସିଲିମ ମହିଳା ସଦସ୍ୟ ଭାବେ ନିର୍ବାଚିତ ହୋଇ ଇତିହାସ ରଚିଥିଲେ । ସେଠାରେ ସେ ନୂତନ ସ୍ୱାଧୀନ ଭାରତରେ ଧର୍ମ ନିରପେକ୍ଷତା, ସମାନ ଅଧିକାର ଓ ମହିଳାମାନଙ୍କ ନାଗରିକ ଅଧିକାର ପାଇଁ ଦୃଢ଼ ସମର୍ଥନ କରିଥିଲେ । ଜଣେ ରାଜନେତ୍ରୀ ଭାବେ ସେ ଧାର୍ମିକ ସଂରକ୍ଷଣର ବିରୋଧ କରିଥିଲେ, ସଂଖ୍ୟାଲଘୁ ଅଧିକାର ପାଇଁ ଦାବି କରିଥିଲେ ଏବଂ ମହିଳା ହକିକୁ ପ୍ରୋତ୍ସାହିତ କରିଥିଲେ । ସେ ଦୁଇ ଦଶନ୍ଧି ଧରି ଭାରତୀୟ ମହିଳା ହକି ଫେଡେରେସନର ସଭାପତି ଥିଲେ ଏବଂ ପରେ ଏସିଆନ ମହିଳା ହକି ଫେଡେରେସନର ନେତୃତ୍ୱ ନେଇଥିଲେ । ସେ ରାଜ୍ୟସଭା ଏବଂ ଉତ୍ତର ପ୍ରଦେଶ ବିଧାନସଭାକୁ ନିର୍ବାଚିତ ହେବା ସହ ୨୦୦୦ମସିହାରେ ପଦ୍ମ ବିଭୁଷଣ ପୁରସ୍କାର ପାଇଥିଲେ । ବହୁ ପ୍ରତିବନ୍ଧକକୁ ଅତିକ୍ରମ କରି ଏମ. ଫାତିମା ବିବି ଭାରତର ସର୍ବୋଚ୍ଚ ଅଦାଲତର ପ୍ରଥମ ମହିଳା ବିଚାରପତି ଏବଂ ଦେଶର ଯେ କୌଣସି ଉଚ୍ଚ ନ୍ୟାୟପାଳିକାରେ ନିଯୁକ୍ତି ପାଇଥିବା ପ୍ରଥମ ମହିଳା ଥିଲେ । ଚାକିରିରୁ ଅବସର ପରେ ସେ ଜାତୀୟ ମାନବ ଅଧିକାର କମିସନର ଜଣେ ସଦସ୍ୟା ଭାବେ କାର୍ଯ୍ୟ କରିଥିଲେ ।ପରେ ୧୯୯୭ରୁ ୨୦୦୧ ପର୍ଯ୍ୟନ୍ତ ତାମିଲନାଡୁର ରାଜ୍ୟପାଳ ଭାବରେ ଦାୟିତ୍ୱ ତୁଲାଇଥିଲେ । ସେ ୨୦୨୩ ମସିହାରେ କେରଳ ପ୍ରଭା ପୁରସ୍କାର ଏବଂ ୨୦୨୪ ମସିହାରେ ମରଣୋତ୍ତର ଭାବେ ପଦ୍ମ ଭୂଷଣ ପୁରସ୍କାର ପାଥିଲେ ।

ଗଣମାଧ୍ୟମ କ୍ଷେତ୍ରରେ ଭାରତର ପ୍ରଥମ ବୃତ୍ତିଗତ ମହିଳା ରେଡିଓ ସମ୍ବାଦ ପ୍ରସାରକ ଭାବେ ସାଇଦା ବାନୋ ଅଲ ଇଣ୍ଡିଆ ରେଡିଓରେ ଉର୍ଦ୍ଦୁ ଭାଷାରେ ସମ୍ବାଦ ପଢ଼ିଥିଲେ । ଭାରତ ଇସମାତ ଚୁଘଟାଇ ଭାବରେ ଜଣେ ଏଭଳି ମହିଳାଙ୍କ ପାଇଥିଲା ଯିଏ ଏକାଧାରରେ ଜଣେ ଉର୍ଦ୍ଦୁ ଔପନ୍ୟାସିକା ଓ କ୍ଷୁଦ୍ରଗଳ୍ପ ଲେଖିକା ଏବଂ ଚଳଚ୍ଚିତ୍ର ନିର୍ମାତା ଥିଲେ । ସେ ତାଙ୍କ ଲେଖା ମାଧ୍ୟମରେ ସମାଜର ପୁରୁଷ ପ୍ରଧାନ ବ୍ୟବସ୍ଥା, ଯୌନ ଦ୍ୱମାନଦଣ୍ଡ ଏବଂ ନାରୀମାନଙ୍କ ଉପରେ ହେଉଥିବା ଅନ୍ୟାୟକୁ ସାହାସର ସହିତ ପ୍ରକାଶ କରିଥିଲେ । ତାଙ୍କ ଲେଖା ନାରୀବାଦୀ ସାହିତ୍ୟର ଏକ ମୁଖ୍ୟ ଅଂଶ ଏବଂ ଉର୍ଦ୍ଦୁ ସାହିତ୍ୟରେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ । ୧୯୭୬ ମସିହାରେ ସେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିଲେ । ସେହିଭଳି ସମସାମୟିକ ଭାରତରେ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତିକାରୀ ସଇଦା ହମିଦ ମହିଳା ଅଧିକାର ଏବଂ ସଂଖ୍ୟା ଲଘୁ ସଶକ୍ତିକରଣର ଦୃଢ଼ ସମର୍ଥନ ପାଇଁ ଜଣାଶୁଣା । ସେ ପ୍ଲାନିଙ୍ଗ କମିସନ ଅଫ ଇଣ୍ଡିଆ ଓ ମହିଳା ଜାତୀୟ କମିସନର ସଦସ୍ୟ ଥିଲେ । ୨୦୦୭ ମସିହାରେ ସାମାଜିକ ବିକାଶରେ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ନିଜର କାର୍ଯ୍ୟ ଏବଂ ନେତୃତ୍ୱ ମାଧ୍ୟମରେ ସେ ଭାରତରେ ଲିଙ୍ଗଗତ ସମାନତା, ଶିକ୍ଷା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ନିଖତ ଜରିନ ଭାରତର ଜଣେ ପ୍ରେରଣାଦାୟକ ଓ ପ୍ରତିଭାଶାଳୀ ବକ୍ସର, ଯିଏ ନିଜର ଅଦମ୍ୟ ସାହସ ଏବଂ ଦୃଢ଼ ସଂକଳ୍ପ ଦ୍ୱାରା ବିଶ୍ୱମଞ୍ଚଳରେ ଭାରତର ଗୌରବ ଢ଼ାଇଛନ୍ତି । ସେ ୨୦୨୨ ମସିହାରେ ଆଇବିଏ ମହିଳା ବକ୍ସିଂ ଚାମ୍ପିଅନ ହୋଇ ଇତିହାସ ରଚିଥିଲେ ଏବଂ ୨୦୨୩ ମସିହାରେ ପୁଣିଥରେ ଏହି ସମ୍ମାନ ଜିତି ନିଜକୁ ଭାରତର ଶ୍ରେଷ୍ଠ ବକ୍ସିଂ ତାରକାମାନଙ୍କ ମଧ୍ୟରେ ସ୍ଥାନ ଦେଇଛନ୍ତି । ଏହା ସହିତ ୨୦୨୨ କମନୱେଲଥ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ସେ ନିଜର ଅସାଧାରଣ ପ୍ରତିଭା ଓ କଠିନ ପରିଶ୍ରମର ପ୍ରମାଣ ଦେଇଥିଲେ । ତାଙ୍କର ସଫଳତା କେବଳ କ୍ରୀଡ଼ା ଜଗତରେ ନୁହେଁ ବରଂ ସମଗ୍ର ସାମଜରେ ଏକ ସକରାତ୍ମକ ପ୍ରଭାବ ପକାଇଛି । ସେ ନିଜର କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ରୀତିନୀତି ଓ ଧାରଣାକୁ ଭାଙ୍ଗି ପ୍ରମାଣ କରିଛନ୍ତି ଯେ ମୁସଲିମ ମହିଳାମାନେ ଅନ୍ୟ ବର୍ଗର ମହିଳାମାନଙ୍କ ଭଳି ଯେ କୌଣସି କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରି ପାରିବେ ।

କର୍ଣ୍ଣେଲ ସୋଫିଆ କୁରେଶୀ ଭାରତୀୟ ସେନାର ଜଣେ ପ୍ରତିଷ୍ଠିତ ଏବଂ କୃତିଶୀଳ ଅଧିକାରୀ, ଯିଏ ନିଜର ଦୃଢ଼ ନେତୃତ୍ୱ ଓ ବୃତ୍ତିଗତ କୌଶଳ ପାଇଁ ପରିଚିତ । ପହଲଗାମ ଆକ୍ରମଣ ପରେ ଆତଙ୍କବାଦୀ ଭିତ୍ତିଭୂମି ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୁର ସମ୍ବନ୍ଧୀୟ ଗଣମାଧ୍ୟମ ସୂଚନାରେ ସେ ସହ ନେତୃତ୍ୱ ଦେଇ ଦେଶର ରଣନୈତିକ ପ୍ରତିକ୍ରିୟାକୁ ସ୍ୱଷ୍ଟତା, ସଂଯମ ଓ ପେଶାଦାରିତା ସହ ଉପସ୍ଥାପନ କରିଥିଲେ । ଭଦୋଦରାରେ ଜନ୍ମ ଗ୍ରହଣ କରିଥିବା କର୍ଣ୍ଣେଲ ସୋଫିଆ କୁରେଶୀ କୋର ଅଫ ସିଗନାର ଜଣେ ପ୍ରତିଭାଶାଳୀ ଅଧିକାରୀ । ସେ ୧୮ଟି ଦେଶ ଅଂଶ ଗ୍ରହଣ କରିଥିବା ବହୁରାଷ୍ଟ୍ରୀୟ ସାମରିକ ଅଭ୍ୟାସ ଫୋର୍ସ ୧୮ର ଏକମାତ୍ର ମହିଳା କମାଣ୍ଡର ଭାବେ ଭାରତୀୟ ଦଳକୁ ନେତୃତ୍ୱ ଦେଇଥିଲେ । ଏହା ସହିତ ସେ କଙ୍ଗୋରେ ୟୁନାଇଟେଡ଼ ନେସନସ ଶାନ୍ତି ରକ୍ଷା ବାହିନୀ ସହିତ ସେବା କରି ଆନ୍ତର୍ଜାତିକ ମଞ୍ଚରେ ମଧ୍ୟ ନିଜ ଦକ୍ଷତା ପ୍ରମା ଦେଇଛନ୍ତି । ନିଜର ଶୃଙ୍ଖଳାବଦ୍ଧ ସେବା ଏବଂ ଦେଶପ୍ରେମ ପାଇଁ ସେ ବିଶିଷ୍ଟ ସେବା ପଦକରେ ସମ୍ମାନିତା ହୋଇଛନ୍ତି ।

ଆନ୍ତର୍ଜାତୀୟ ମହିଳା ଦିବ କେବଳ ମହିଳାମାନଙ୍କୁ ସ୍ମରଣ କରିବାର ଦିନ ନୁହେଁ ବରଂ ଅବହେଳିତ ମହିଳାମାନଙ୍କ ସ୍ୱରକୁ ଶକ୍ତ କରିବା ଏବଂ ଯେଉଁମାନେ ଅନ୍ୟାୟ ବିରୋଧରେ ଲଢୁଛନ୍ତି ସେମାନଙ୍କୁ ସମର୍ଥନ କରିବାର ଦିନ ଅଟେ । ମହିୟସୀ ମହିଳାମାନଙ୍କ ପ୍ରତି ପ୍ରକୃତ ସମ୍ମାନ ହେଉଛି ଝିଅମାନଙ୍କ ଶିକ୍ଷାକୁ ସହଯୋଗ କରିବା, ମହିଳାମାନଙ୍କ ଅଧିକାରକୁ ରକ୍ଷା କରିବା ଏବଂ ଭୁଲ ଧାରଣା ବିରୋଧରେ ସ୍ୱର ଉଠାଇବା । ସମାନତା ଆପେ ଆପେ ମିଳେନି, ଆମେ ସମସ୍ତେ ମିଶି ଏହାକୁ ତିଆରି କରିବାକୁ ପଡ଼ିବ ।

✸

-ସୋହେଲା ଅଖତର
sohailaakhter170@gmail.com

# ଜିରୋ କାର୍ବନ,ବିଶ୍ୱ ପାଇଁ ଥୋରିୟମ ହିଁ ଭରଷା !

ପାରମାଣବିକ ଶକ୍ତି ପାଇଁ ୟୁରାନିୟମ ଓ ଥୋରିୟମ ଉଭୟ ମୌଳିକ ପଦାର୍ଥ ନିହାତି ଜରୁରୀ । କିନ୍ତୁ ଥୋରିୟମ ଭିତ୍ତିକ ଚୁଲି ଗୁଡିକ ବେଶି ପରିବେଶ ବାନ୍ଧବ, ଏବଂ ଭାରତ ବର୍ଷରେ ଏହି ମୌଳିକ ପଦାର୍ଥର ଭଣ୍ଡାର ବି ବିପୁଳ ମାତ୍ରାରେ ଗଚ୍ଛିତ ଅଛି । ୨୦୫୦ ମସିହା ବେଳକୁ ବିଶ୍ୱଶକ୍ତିର ମାନଚିତ୍ରରେ ଖଣିଜ ତୈଳ ଆଉ ଗ୍ୟାସର ଉପସ୍ଥିତି ଦେଖିବାକୁ ମିଳିବ ନାହିଁ । ବରଂ ଏହି ମାନଚିତ୍ରରେ ସ୍ଥାନ ପାଇବ ଭାରତର ସମୁଦ୍ର ସୈକତରେ ମହଜୁଦଥିବା ମୋନାଯାଇଟ ବାଲି । ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ, ବିଶାଖାପଟ୍ଟନମ, ଓଡ଼ିଶାର ଛତ୍ରପୁର, କେରଳର କୋଲ୍ଲାମ, ଆଲାପୁଜା, ତାମିଲନାଡୁର ମାନ୍ନାଭାଲାକୁଡିଚିର ସମୁଦ୍ର ସୈକତର ବାଲିଶଯ୍ୟାରେ ରହିଛି ୟୁରାନିୟମ ଓ ଥୋରିୟମ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଲାନ୍ଥାନମ, ସେରିୟମ, ନିଓଡ଼ିବିୟମ ପରି ବିରଳ ଖଣିଜ ଭଣ୍ଡାର । ୨୦୨୬ ମସିହାର ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଭାରତରେ ମୋନାଯାଇଟ ବାଲିର ପରିମାଣ ୧ କୋଟି ୩୧ ଲକ୍ଷ ୫୦ ହଜାର ମେଟ୍ରିକ ଟନ । ଏହି ବାଲିରେ ଅଛି ଥୋରିୟମ, ଯାହାର ପରିମାଣ ୧୦ ଲକ୍ଷ ୮ ହଜାରରୁ ୧୨ ଲକ୍ଷ ମେଟ୍ରିକ ଟନ ହେବ ବୋଲି ଅନୁମାନ କରାଯାଏ । ଏହି ବାଲିକୁ ନେଇ ଭାରତ କି ପ୍ରକାର ପ୍ରତାରଣାର ଶିକାର ହୋଇଛି, ତାହା ଜାଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ ।

ଊନବିଂଶ ଆରମ୍ଭରୁ ବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ୟୁରୋପର ପଣ୍ୟ ବୋଝେଇ ଜାହାଜ ଭାରତର ସମୁଦ୍ର ଉପକୂଳର ବନ୍ଦରେ ନଙ୍ଗର ଟାଣନ୍ତି । ବେପାର ସାରି ଫେରିବା ସମୟରେ ସମୁଦ୍ର ସୈକତରେ ମାଇଲ ମାଇଲ ଧରି ପଡିରହିଥିବା କଳା ବାଲିକୁ ବସ୍ତା ବସ୍ତା ଭରି ଖାଲି ଜାହାଜରେ ବୋଝେଇ କରି ନେଇ ଚାଲିଯାନ୍ତି । ବାଲି ନେଇଯିବା ପଛରେ ଯୁକ୍ତି ଥିଲା, ଉତ୍ତାଳ ଭାରତ ମହାସାଗରରେ ଜାହାଜଗୁଡିକୁ ସ୍ଥିତିଶୀଳ ରଖିବା ପାଇଁ ନାବିକମାନେ ଜାହାଜରେ ଖାଲିଥିବା ଖୋଲମାନଙ୍କରେ ସମୁଦ୍ର ସୈକତର ବାଲି ଭରି ନେଉଛନ୍ତି, ଯାହା ଭାର ବା ବ୍ୟାଲାଷ୍ଟ ହିସାବରେ କାମ କରୁଛି । ଭାରତୀୟ ବାଲିରେ ଯେ ଏକ ବିଶେଷତ୍ୱ ରହିଛି, ସେକଥା ପ୍ରଥମେ ଜଣାପଡେ ୧୯୦୯ ମସିହାରେ । ଜର୍ମାନର ବର୍ଲିନ ରାଜରାସ୍ତାର ଧାରେ ଧାରେ ଆଲୋକର ପିଲାର ଗୁଡ଼ିକରେ ଯେଉଁ ମ୍ୟାଣ୍ଟଲ ଗୁଡିକ ରାତି ରାତି ଧରି ଜଳୁଥିଲା ସେଥିରେ ବ୍ୟବହୃତ ହେଉଥିଲା ଏଇ ଥୋରିୟମ । ବିଶିଷ୍ଟ ଜର୍ମାନ ରାସାୟନବିତ୍ ସି .ଡବ୍ଲୁ. ଶାମବର୍ଗ ଉଚ୍ଚ ମାନର ଥୋରିୟମର ସନ୍ଧାନ କରିବାକୁ ଯାଇ ଖୋଜି ପାଆନ୍ତି କେରଳର ଏଇ ମୋନାଯାଇଟ ବାଲି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ପାରମାଣବିକ ଜାଳେଣିର ସୂଚନା ମିଳେ । ବ୍ରିଟିଶ ସରକାର ଭାରତୀୟ ବାଲିରୁ ୟୁରାନିୟମ ଓ ଥୋରିୟମର ସନ୍ଧାନ ପାଆନ୍ତି । ସ୍ୱାଧୀନତା ପରେ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବା ବୁଝିପାରନ୍ତି ଭବିଷ୍ୟତରେ ଭାରତବର୍ଷର ପାରମାଣବିକ ଶକ୍ତିର ଗୋଟିଏ ବିଶାଳ ଭଣ୍ଡାର ଏଇ କଳା ବାଲିରେ ଲୁଚିରହିଛି । ୧୯୫୦ ମସିହାରେ ରେଆର ଆର୍ଥସ ଲିମିଟେଡ ନାମକ ସରକାରୀ ସଂସ୍ଥାନ ଗଠନ କରାଯାଇଥିଲା । ବିନାମୁଲ୍ୟରେ ନେଇଯାଉଥିବା ଏହି ମୂଲ୍ୟବାନ ସମ୍ପଦ ଉପରେ ନିଷେଧାଜ୍ଞା ଜାରି କରାଗଲା । ଆମ ଦେଶରେ ଦୀର୍ଘ ବର୍ଷ ଧରି ଏହି କଳା ବାଲି ସାଧାରଣ ନିର୍ମାଣ ସାମଗ୍ରୀ ହିସାବରେ ବ୍ୟବହାର କରାଯାଉଥିଲା । କାରଣ ଖାଲି ଆଖିରେ ଅଦୃଶ୍ୟ ଖଣିଜ ପଦାର୍ଥକୁ ଶନାକ୍ତ କରିବା ସମ୍ଭବପର ନଥିଲା । ତା' ଛଡା ଆମ ପାଖରେ ଅତ୍ୟାଧୁନିକ ଯନ୍ତ୍ରପାତି ନଥିଲା କି ରାସାୟନିକ ବିଶ୍ଳେଷଣ କରିବାର ସଠିକ ଧାରଣା ଆମକୁ ଜଣା ନଥିଲା । ଆନ୍ତର୍ଜାତିକସ୍ତରରେ ଜାଳେଣୀର ଭଣ୍ଡାର ହିସାବରେ ଭାରତର ସ୍ଥାନ ସେତେଟା ଉଲ୍ଲେଖଯୋଗ୍ୟ ନୁହେଁ । ଅବଶ୍ୟ ଖଣିଜ ତୈଳ ପରିଶୋଧନକାରୀ ଦେଶଗୁଡିକ ମଧ୍ୟରେ ଭାରତର ସ୍ଥାନ ଚତୁର୍ଥ । ଉତ୍ପାଦନ କାରବାର କ୍ଷମତାକୁ ଯଦି ନିରିଖେଇ ଦେଖାଯାଏ ତ ସୌରଶକ୍ତିରେ ତୃତୀୟ, ବାୟୁଶକ୍ତିରେ ଚତୁର୍ଥ ଏବଂ ଜଳବିଦ୍ୟୁତ ଶକ୍ତିରେ ପଞ୍ଚମ ସ୍ଥାନରେ ଭାରତ । ପାରମାଣବିକ ଶକ୍ତି କ୍ଷେତ୍ରରେ ଭାରତର ସ୍ଥାନ ତ୍ରୟୋଦଶ, ଯଦିଓ ୨୫% ଥୋରିୟମ ସମ୍ପଦର ଅଧିକାରୀ ଭାରତ । ବିଶ୍ୱେ ପରିବେଶରେ କାର୍ବନର ମାତ୍ରା କମାଇବା ପାଇଁ ଜୀବାଶ୍ମ ଜାଳେଣୀର ବ୍ୟବହାର କମ କରିବା ପାଇଁ ଚେଷ୍ଟା କରାହେଉଛି । ତା' ଛଡା ପ୍ରକୃତି ବୁକୁରେ ଏହି ସୀମିତ ଜାଳେଣୀର ଭଣ୍ଡାର ବି ବେଶି ଦିନର ନୁହେଁ । ଅପ୍ରଚଳିତ ଶକ୍ତି ହିସାବରେ ସୌରଶକ୍ତି ବା ପବନଶକ୍ତି ପରୋକ୍ଷରେ କି ପ୍ରତ୍ୟକ୍ଷରେ ହେଉନା କାହିଁକି ପ୍ରକୃତି ଉପରେ ନିର୍ଭରଶୀଳ । ଏକମାତ୍ର ପାରମାଣବିକ ଶକ୍ତି ଆଗାମୀ କେତେ ବର୍ଷ ଧରି କାର୍ବନ ବିହୀନ ଜାଳେଣୀର କ୍ଷମତା ରଖୁଛି ।ଭାରତର ଲକ୍ଷ୍ୟ, ସ୍ୱାଧୀନତାର ଏକଶତ ବର୍ଷ ଉପଲକ୍ଷେ, ୨୦୪୭ ମସିହା ବେଳକୁ ୧୦୦ ଗିଗା




ୱାଟ ପାରମାଣବିକ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବାର କ୍ଷମତା ଅର୍ଜନ କରିବ । ଭାରତୀୟ ପାରମାଣବିକ ପ୍ରତିଷ୍ଠାନଗୁଡିକଙ୍କ ମତରେ ଆଗାମୀ ଚାରି ଶତକ ଧରି ଉଲ୍ଲେଖଯୋଗ୍ୟ ଥୋରିୟମ ଭଣ୍ଡାର ବ୍ୟବହାର କରିବା ଭଳି କ୍ଷମତା ଭାରତ ପାଖରେ ରହିଛି । ଏଇଥିପାଇଁ ଲୋଡ଼ା କୌଶଳଗତ ପରିକଳ୍ପନା । ପାରମାଣବିକ ଶକ୍ତି ଉତ୍ପାଦନରେ ୟୁରାନିୟମ ଓ ଥୋରିୟମର ବ୍ୟବହାର ଅନସ୍ୱୀକାର୍ଯ୍ୟ । କିନ୍ତୁ ଏହି ଦୁଇ ମୌଳିକର ବ୍ୟବହାରରେ ପାର୍ଥକ୍ୟ ରହିଛି । ୟୁରାନିୟମ ହେଉଛି ରେଡି ଟୁ ବର୍ଣ୍ଣ - ଅର୍ଥାତ ୟୁରାନିୟମକୁ ଚୁଲିରେ ରଖିବା ମାତ୍ରେ ହିଁ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇଯିବ । କିନ୍ତୁ ଥୋରିୟମକୁ ଏମିତି ଜାଳି ହେବନି । ସେଥିପାଇଁ ଏହାକୁ କୁହାଯାଏ କୁକ ଟୁ ବର୍ଣ୍ଣ ,ଅର୍ଥାତ ଜାଳେଣି ହିସାବରେ ବ୍ୟବହାର କରିବାକୁ ହେଲେ କେତୋଟି ପର୍ଯ୍ୟାୟ ମଧ୍ୟ ଦେଇ ଯିବାକୁ ହୁଏ । ଥୋରିୟମ ଯେତେବେଳେ ୟୁରାନିୟମ ୨୩୩ ଆଇସୋଟୋପରେ ରୂପାନ୍ତରିତ ହୁଏ, ସେତେବେଳେ ତାକୁ ଜାଳେଣି ହିସାବରେ ବ୍ୟବହାର କରାଯାଏ । ୟୁରାନିୟମ ତୁଳନାରେ ଥୋରିୟମ ଭିତ୍ତିକ ଚୁଲିଗୁଡିକ କମ ପରିମାଣର ତେଜସ୍କ୍ରିୟ ବର୍ଜ୍ୟବସ୍ତୁ ନିର୍ଗତ କରିଥାନ୍ତି ଏବଂ ଗ୍ରୀନ ହାଉସ ଗ୍ୟାସ ଉତ୍ପନ୍ନ କରନ୍ତି ନାହିଁ । ତେଣୁ ଥୋରିୟମକୁ ପରିବେଶର ବନ୍ଧୁ ଜାଳେଣି ବୋଲି କୁହାଯାଏ । ହୋମି ଜାହାଙ୍ଗୀର ଭାବା ପାଞ୍ଚ ଦଶକରେ ତିନି ପର୍ଯ୍ୟାୟରେ ପାରମାଣବିକ ବିଦ୍ୟୁତ କର୍ମସୂଚୀ ପ୍ରସ୍ତୁତ କରିଥିଲେ । ଏହି କର୍ମସୂଚୀର ମୂଳ ଉଦ୍ଦେଶ୍ୟ ଥିଲା, ଦେଶର ସୀମିତ ୟୁରାନିୟାମକୁ ବ୍ୟବହାର କରି ଥୋରିୟମକୁ ୟୁରାନିୟମ ୨୩୩ ରେ ରୂପାନ୍ତରିତ କରିବା, ଯାହାକୁ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ ସମ୍ଭବ । ତେଜସ୍କ୍ରିୟ ମୌଳିକ ୟୁରାନିୟମର ପ୍ରୋଟନ ସଂଖ୍ୟା ୯୨, କିନ୍ତୁ ନ୍ୟୁଟ୍ରନ ପରିବର୍ତ୍ତନ ହେଉଥିବା ଫଳରେ ୟୁରାନିୟମକୁ ତିନୋଟି ରୂପରେ ଦେଖାଯାଏ । ସେଗୁଡିକ ହେଉଛି ୟୁରାନିୟମ-୨୩୩, ୟୁରାନିୟମ-୨୩୫ ଓ ୟୁରାନିୟମ-୨୩୮ । ସିଧାସଳଖ ଭାବରେ ୟୁରାନିୟାମର ଜାଳେଣି ସାରା ବିଶ୍ୱରେ ପ୍ରାୟତଃ ଚାରିଶହରୁ ଊର୍ଦ୍ଧ୍ୱ ପାରମାଣବିକ ଚୁଲିରେ ବ୍ୟବହାର ହେଉଛି । ବିଭିନ୍ନ ଚୁଲିରେ ବିଭିନ୍ନ ପ୍ରକାରର ଜାଳେଣି ବ୍ୟବହାର କରାଯାଏ । ଚାପଯୁକ୍ତ ଭାରୀଜଳ ଚୁଲିରେ ପ୍ରାକୃତିକ ୟୁରାନିୟମ ଜାଳେଣି ହିସାବରେ ବ୍ୟବହୃତ ହୋଇଥାଏ । ପ୍ରାକୃତିକ ୟୁରାନିୟାମରେ ରହିଛି ୯୯.୩ % ୟୁରାନିୟମ-୨୩୮ ଏବଂ ୦.୭% ୟୁରାନିୟମ-୨୩୫ । ୟୁରାନିୟମ -୨୩୫ ହେଉଛି ପ୍ରଧାନ ଜାଳେଣି, ଯାହା ନିଜେ ବିଭାଜିତ ହୋଇ ବିଦ୍ୟୁତ ଉତ୍ପନ୍ନ କରିଥାଏ । ୟୁରାନିୟମ -୨୩୮ ଅନେକମାତ୍ରାରେ ନୀରବ ଦର୍ଶକ ପରି । ଯେତେବେଳେ କୌଣସି ହାଲୁକା ନ୍ୟୁଟ୍ରନ ଆସି ୟୁରାନିୟମ -୨୩୮କୁ ଆଘାତ କରେ ସେତେବେଳେ ତେଜସ୍କ୍ରିୟ ବିଭାଜନ ଘଟି ୟୁରାନିୟମ -୨୩୫ ତିଆରି ହୋଇଯାଏ । ଭାରତରେ କାକରାପାଡ, କାଇଗା, ନାରୋରା , କଲ୍ପକମ ଆଉ ତାରାପୁର ଠାରେ ଏହି ଧରଣର କୋଡିଏଟି ପାରମାଣବିକ ଚୁଲି ରହିଛି । ଅଳ୍ପ ପରିମାଣରେ ସମୃଦ୍ଧ ୟୁରାନିୟମ-୨୩୫ (୩ - ୫ %) ଜାଳେଣି ହିସାବରେ ଚାପଯୁକ୍ତ ଭାରୀଜଳର ଦୁଇଟି ଚୁଲି କୁଡ଼ାନକୁଲାମ ଆଉ ତାରାପୁରରେ ବ୍ୟବହାର କରାଯାଏ । ଦ୍ରୁତ ବ୍ରିଡ଼ାର ଚୁଲିରେ ପ୍ଲୁଟୋନିୟମ -୨୩୯ ଜାଳେଣି ହିସାବରେ ଦଗ୍ଧୀଭୂତ ହେବା ସଂଗେ ସଂଗେ ୟୁରାନିୟମ -୨୩୮ ଆହୁରି ଦ୍ରୁତ ଗତିରେ ପ୍ଲୁଟୋନିୟମ - ୨୩୯ରେ ରୂପାନ୍ତରିତ ହେବାକୁ ଲାଗେ । ପର୍ଯ୍ୟାପ୍ତ ପରିମାଣରେ ପ୍ଲୁଟୋନୀୟମ -୨୩୯ ତିଆରି ହୋଇଗଲେ ଥୋରିୟମ- ୨୩୨କୁ ଚୁଲି ଭିତରେ 'ବ୍ଲାଙ୍କେଟ' ଉପାଦାନ ହିସାବରେ ବ୍ୟବହାର କରାଯାଏ । ନ୍ୟୁଟ୍ରନ ଗ୍ରହଣ ମାଧ୍ୟମରେ ଥୋରିୟମ ସେତେବେଳକୁ ପାରମାଣବିକ ଜାଳେଣି ୟୁରାନିୟମ -୨୩୩ରେ ରୂପାନ୍ତରିତ ହୋଇ ଥୋରିୟମ ଭିତ୍ତିକ ପାରମାଣବିକ ଜାଳେଣି ତିରିଆ କରିବାକୁ ସକ୍ଷମ ହୁଏ । କଲ୍ପକମରେ ୫୦୦ ମେଗାୱାଟ କ୍ଷମତା ସମ୍ପନ୍ନ ଏହି ଧରଣର ପ୍ରୋଟୋଟାଇପ ଚୁଲି ୨୦୨୬ ମସିହା ସେପ୍ଟେମ୍ବର ମାସରେ ବାଣିଜ୍ୟିକ ଭାବରେ ଆରମ୍ଭ ହେବାକୁ ଯାଉଛି । ଏହା ଭାରତ ଇତିହାସରେ ସବୁ ଠାରୁ ଜଟିଳ ପାରମାଣବିକ ପ୍ରକଳ୍ପ, ଯାହା ଥୋରିୟମ ଯୁଗର ଅୟମାରମ୍ଭକୁ ସୂଚନା ଦେଉଛି । ବର୍ତ୍ତମାନ ସମୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ଷ୍ଟାର୍ଟ ଅପ କମ୍ପାନୀ 'କ୍ଲିନ କୋର ଏନର୍ଜି ' ଏମିତି ଏକ ଧରଣର ଜାଳେଣି ତିଆରି କରୁଛି, ଯହିଁରେ ଥୋରିୟମକୁ କାର୍ଯ୍ୟରେ ଲଗାଇ ସିଧାସଳଖ ବିଦ୍ୟୁତ ଉତ୍ପାଦନ କରିବା ସମ୍ଭବ । ଏହି ଜାଳେଣି ହେଉଛି 'ଆଡ଼ଭାନ୍ସଡ ନ୍ୟୁକ୍ଲିୟର ଏନର୍ଜି ଫର ଏନରିଚଡ ଲାଇଫ '। ଏହି ସଂକ୍ଷିପ୍ତ ରୂପ ସହିତ ବିଶିଷ୍ଟ ଭାରତୀୟ ବୈଜ୍ଞାନିକ ଅନିଲ କାକଦୋକରଙ୍କ ନାମର ସାଦୃଶ୍ୟ ରହିଛି । ବୈଜ୍ଞାନିକ କାକଦୋକର ଭାରତର ପାରମାଣବିକ କାର୍ଯ୍ୟସୂଚୀର ଜଣେ କିମ୍ବଦନ୍ତୀ ପୁରୁଷ । ତାଙ୍କୁ ସମ୍ମାନ ଜଣେଇ ଏହି ନାମକୁ ବଛାଯାଇଛି । ଏହି ଅନିଲ ଜାଳେଣି ମାଧ୍ୟମରେ ଭାରତରେ ଚାପଯୁକ୍ତ ଭାରୀଜଳ ଚୁଲିରେ ସାମାନ୍ୟ କିଛି ପରିବର୍ତ୍ତନ କରି ୟୁରାନିୟମ ବଦଳରେ ଥୋରିୟମ ସାହାଯ୍ୟରେ ବିଦ୍ୟୁତ ଉତ୍ପାଦନ ସମ୍ଭବ ହେବ । ଥୋରିୟମ ପାଇଁ ସ୍ୱତନ୍ତ୍ର ଚୁଲି ତିଆରି କରିବାକୁ ପଡ଼ିବାକୁ ପଡିବ ନାହିଁ କି ବିଦେଶରୁ ପ୍ରାକୃତିକ ୟୁରାନିୟମ ଆମଦାନୀର ପ୍ରୟୋଜନ ରହିବ ନାହିଁ । ଏହି ଜାଳେଣୀକୁ ଏମିତି ଦକ୍ଷ ଭାବରେ ତିଆରି କରାଯାଇଛି, ଯାହା ଫଳରେ ତେଜସ୍କ୍ରୀୟ ବର୍ଜ୍ୟବସ୍ତୁ ଉତ୍ପାଦନ ୮୫% କମିଯିବ । ଏହି କ୍ଷେତ୍ରରେ ବିଦ୍ୟୁତ ଉତ୍ପାଦନ ୬୦,୦୦୦ ମେଗାୱାଟ ହେଲେ, ୟୁରାନିୟମ କ୍ଷେତ୍ରରେ ସେଇଟା ହେବ ୭୦୦୦ ମେଗାୱାଟ । ଥୋରିୟମ ସାହାଯ୍ୟରେ ବିଦ୍ୟୁତ ଉତ୍ପାଦନ ଖର୍ଚ୍ଚ ବି କମ ହେବ । ଅନିଳ ହେଉଛି ଏମିତି ଏକ ଧରଣର ଜାଳେଣି ଯାହା ଦେଶୀୟ ଥୋରିୟମ ସହିତ ମିଶି ଭାରତରେ ନୂଆ ଧରଣର ପ୍ଲାଣ୍ଟ ତିଆରି ପାଇଁ ୨୦୪୦ ବା ୨୦୫୦ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବା ପରିବର୍ତ୍ତେ ଏବେକାର ଚୁଲିଗୁଡ଼ିକରେ କିଛି ପରିବର୍ତ୍ତନ କରାଇ ଥୋରିୟମ ଯୁଗର ଅୟମାରମ୍ଭ କରିପାରନ୍ତି । ୨୦୧୫ ମସିହା ଶେଷବେଳକୁ ମାର୍କିନ ସରକାର ଏହି ଜାଳେଣୀକୁ ଭାରତରେ ବ୍ୟବହାର କରିବାକୁ ନିଷେଧାଜ୍ଞା ଜାରି କରିଛନ୍ତି । ବିଶାଳ ଆୟତନର ପାରମାଣବିକ ଚୁଲି ତିଆରି ନକରି ଭାରତୀୟ ବୈଜ୍ଞାନିକମାନେ ବର୍ତ୍ତମାନ 'କ୍ଷୁଦ୍ର ମଡିଉଲାର ଚୁଲି' ତିଆରି ଗବେଷଣାରେ ବ୍ୟସ୍ତ । ଆଉ ଏହି କ୍ଷେତ୍ରରେ ପ୍ରଧାନ ଜାଳେଣି ହିସାବରେ ବ୍ୟବହାର କରାହେବ ଥୋରିୟମ । ୨୦୩୫ ମସିହା ବେଳକୁ ଭାରତ ସମ୍ଭବତଃ ଆଫ୍ରିକା ଏବଂ ଦକ୍ଷିଣ - ପୂର୍ବ ଏସିଆର ପ୍ରଗତିଶୀଳ ଦେଶଗୁଡିକରେ ଏହି ପାରମାଣବିକ ବ୍ୟାଟେରୀ ରପ୍ତାନି କରି ପାରିବେ ।

ଏହା ଫଳରେ ୟୁରାନିୟମ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ଉଲ୍ଲେଖଯୋଗ୍ୟ ଭାବରେ ହ୍ରାସ ପାଇବ । ୨୦୨୨ମସିହାରେ ପ୍ରକାଶିତ ପରିସଂଖ୍ୟାନରୁ ଜଣାଯାଏ ଯେ, ବିଗତ ତିନି ବର୍ଷରେ ଭାରତ ୭୬୦୦ ଟନରୁ ବେଶୀ ୟୁରାନିୟମ ଆମଦାନୀ କରିଛି କାଜାଖସ୍ତାନ ଓ କାନଡ଼ାରୁ । ଦେଶୀୟ ଭଣ୍ଡାରରୁ ଥୋରିୟମ ବ୍ୟବହାର କଲେ କେତେ ହଜାର କୋଟି ଟଙ୍କା ଆମଦାନୀ ବାବଦ ଖର୍ଚ୍ଚ ସଞ୍ଚୟ କରାଯାଇ ପାରିବ । ତା' ଛଡା ଥୋରିୟମ ଭିତ୍ତିକ ଚୁଲିର ନକ୍ସା ଆଉ ଜାଳେଣି ରପ୍ତାନୀର ସୁଯୋଗ ସୃଷ୍ଟି ହେବ ଏବଂ ସେତେବେଳେ ତୈଳ ରପ୍ତାନୀକାରୀ ଦେଶଗୁଡିକ ସହିତ ବିଶ୍ୱବ୍ୟାପୀ ଜାଳେଣିର ଏକ ସମାନ୍ତରାଳ ପ୍ରତିଯୋଗିତା ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ; ଅଧୁନା ସମସ୍ତେ କ୍ଷୁଦ୍ର ମଡିଉଲାର ଚୁଲି ବ୍ୟବହାର କରି ପାରମାଣବିକ ବିଦ୍ୟୁତ ଉତ୍ପାଦନ କରିବା ଆରମ୍ଭ କରି ଦେଇଛନ୍ତି । ଦେଶର ଦୁର୍ଗମ ଅଞ୍ଚଳ ଯେଉଁଠି ବିଦ୍ୟୁତର ଗ୍ରୀଡ଼ ପହଞ୍ଚିବା ସମ୍ଭବ ନୁହେଁ ବା ଖର୍ଚ୍ଚ ସାପେକ୍ଷ, ସେଠି ଏହି ଜାତୀୟ ପରିବେଶ ବନ୍ଧୁ ଚୁଲିର ଚାହିଦା ବୃଦ୍ଧି ପାଇବ । ବର୍ତ୍ତମାନ ନୂତନ ଚୀନର ରୂପକାର ଡେଙ୍ଗ୍ ଜିୟାଓପିଙ୍ଗ ୧୯୯୨ ମସିହାରେ କହିଥିଲେ ସାଉଦି ଆରବ ପାଖରେ ତେଲ ଅଛି ଆଉ ଚୀନ ପାଖରେ ବିରଳ ଖଣିଜ ପଦାର୍ଥ ଅଛି । ଏଠି କହିବା ବାହୁଲ୍ୟ ଚୀନ ପାଖରେ ବିରଳ ଖଣିଜ ପଦାର୍ଥ ଅଛି, କିନ୍ତୁ ଭାରତ ପାଖରେ ଅଛି ଆଗାମୀ ଦିନର କାର୍ବୋନ ଶୂନ୍ୟ ବିଶ୍ୱ ପରିବେଶ ସୃଷ୍ଟିର ଜାଳେଣି ଥୋରିୟମ ।

- ଡକ୍ଟର ନୀଳମଣି ସୂତାର
ଖାନନଗର , କଟକ
ମୋ: ୮୫୯୯୮୯୪୯୧୫




# ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ପର୍ଦ୍ଦାଫାଶ, ୭ ଗିରଫ



**ନବରଙ୍ଗପୁର (ଏନ୍.ଏମ୍.) :** ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧିନ କୋଚନିଆମ୍ବ ଗ୍ରାମରେ ଗତ ଫେବୃୟାରୀ ୨୨ତାରିଖ ମଧ ରାତ୍ରିରେ ବେକରେ ଭୁଜାଲି ଲଗାଇ ହାତ ଗୋଡ଼ ବାନ୍ଧି ନଗଦ ୭୦ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଲୁଟ୍ ଘଟଣାର ପର୍ଦ୍ଦାଫାଶ କଲା ଉମରକୋଟ ପୋଲିସ । ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ସହ ସୁନା ରୁପା ଅଳଙ୍କାର, ଡକାୟତିରେ ବ୍ୟବହୃତ କାର୍ଡି ସ୍କୁଟି ଜବତ କରିବା ସହ ଏହି ଡକାୟତିରେ ୭ ଜଣ ଆନ୍ତଃଜିଲ୍ଲା ଡକାୟତକୁ ଗିରଫ କରିଥିବା ପ୍ରେସ୍‌ମିଟ୍ ମାଧମରେ ସୂଚନା ଦେଲେ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ। ନବରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା ପୋଲିସ ଏବଂ ଦୀର୍ଘ ଆଠ ଦିନ ପରେ ୭ ଜଣ ଆନ୍ତଃ ଜିଲ୍ଲା ଡକାୟତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ଉମରକୋଟ ପୋଲିସ । ଗିରଫ ପରେ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ ଏବଂ ଏହି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଡକାୟତ ମାନଙ୍କୁ ଧରିବାକୁ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି । ସୂଚନା ଅନୁଯାଇ ଅମୂଲ୍ୟ ଜେନା ଜମି ବିକ୍ରି କରିଥିବା ନଗଦ ଟଙ୍କା ଘରେ ରଖିଥିବା ଖବର, ଅମୂଲ୍ୟଙ୍କ ଦୁଇ ସମ୍ପର୍କୀୟ ଜାଣିପାରି ଡକାୟତ ମାନଙ୍କୁ ଖବର ଦେଇ ଡକାୟତ ପାଇଁ ଯୋଜନା ପ୍ରସ୍ତୁତ କରି ୨୨ ତାରିଖ ମଧ ରାତ୍ରିରେ ଡକାୟତ କରିଥିଲେ।

# ଚଣ୍ଡିଖୋଲ ପ୍ରେସ କ୍ଲବରେ ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ହୋଲି ଉତ୍ସବ



**ଚଣ୍ଡିଖୋଲ (ଏନ୍.ଏମ୍.):** ଯାଜପୁର ଜିଲ୍ଲାର ସର୍ବପୁରାତନ ପଞ୍ଜିକୃତ ଚଣ୍ଡିଖୋଲ ପ୍ରେସକ୍ଲବ ପକ୍ଷରୁ ରଙ୍ଗର ପର୍ବ ହୋଲି ଉତ୍ସବ ପ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଚଣ୍ଡିଖୋଲ କୋର୍ଟର ଆଇନଜୀବୀ, ଅଧାପକ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ରଙ୍ଗର ପର୍ବ ପବିତ୍ର ହୋଲି ଭାଇଚାରାର ପର୍ବ ଆନନ୍ଦର ଉଲ୍ଲାସ ମନରେ ପାଳନ କରିବା ସହ ନିଶା ନ ଖାଇବା,କେମିକାଲ ଯୁକ୍ତ ରଙ୍ଗ ନ ଲଗାଇବା,ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା,ପ୍ରେମ ଓ ଭାଇଚାରା ବଜାୟ ରଖିବାକୁ ସମାଜକୁ ଏକ ବାର୍ତ୍ତା ଦେଇଥିଲେ। ପ୍ରେସ କ୍ଲବ ସମ୍ପାଦକ ହେମଶ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଣ୍ଡିଖୋଲ କୋର୍ଟ ବାର ଅସସୋସିଏସନ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ପୂର୍ବତନ ସଭାପତି ଦେବରାଜ ବେହେରା, ଜ୍ୟୋତି ଶଙ୍କର ମହାପାତ୍ର,ସୁରେଶ ସାହାଣୀ ଓ ଆଇନଜୀବୀ ଶ୍ରୀକାନ୍ତ ବଳ, ଅଧାପକ ସଲିଳ ରାଜ ନନ୍ଦନ ମହାନ୍ତି,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନ ଗୋବନ୍ଦ ସେଠୀ, ପ୍ରିୟବ୍ରତ ଖିଲାର, ପ୍ରେସ କ୍ଲବ ଚଣ୍ଡିଖୋଲର ବରିଷ୍ଠ ସଭ୍ୟ ଶିବରାମ ସାହୁ,ପ୍ରଶାନ୍ତ ଜେନା, ସଞ୍ଜୟ କୁମାର ସ୍ୱାଇଁ,ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରତାପ ରାଉତରାୟ, ସମରେନ୍ଦ୍ରେ ମହଲା, ମହେଶ୍ୱର ରାଉତ, ଭାରତ ଭୂଷଣ ପଣ୍ଡା,ବସନ୍ତ ପଲେଇ, ସୁରେନ୍ଦ୍ର ସାମଲ, ହେମନ୍ତ ଦାସ, ବେଦ ପ୍ରକାଶ ନାୟକ, ମନୋଜ ସାହୁ, ଅଜୟ ଦାସ, ଅଜିତ ମିଶ୍ର, ବିଭୁ କିଶୋର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ଗାଁ ଚୟନ କରି ଆଦର୍ଶ ଗ୍ରାମ ଗଢିବାକୁ ବିଧାୟକଙ୍କ ଘୋଷଣା




**ମାଲକାନଗିରି(ଏନ୍.ଏମ୍.) :** ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ର ବିଧାୟକ ନରସିଂହ ମାଡ଼କାମୀ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାୟକ ନିର୍ବାଚନମଣ୍ଡଳୀ ବିକାଶ ସମିତି ବୈଠକରେ ଏକ ମହତ୍ତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ସେ ମାଲକାନଗିରି, କାଲିମେଳା ଓ ପଡ଼ିଆ— ଏହି ତିନୋଟି ବ୍ଲକରୁ ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ଗାଁ ଚୟନ କରି ଆଦର୍ଶ ବା ମଡେଲ୍ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବୈଠକରେ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଚିହ୍ନଟ ଗାଁଗୁଡ଼ିକରେ ତୁରନ୍ତ ଏକ ବିସ୍ତୃତ ସର୍ଭେ କରାଯାଇ ବର୍ତ୍ତମାନର ବିକାଶ ସ୍ଥିତି, ଆବଶ୍ୟକତା ଓ ଗ୍ୟାପ୍ ମୂଲ୍ୟାଙ୍କନ କରାଯାଉ । ଏହି ଗ୍ୟାପ୍ ପୂରଣ ପାଇଁ କଣ କଣ କାର୍ଯ୍ୟ କରିବାକୁ ପଡ଼ିବ ତାହାର ଏକ ସ୍ୱଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପ୍ରକ୍ରିୟାରେ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି । ବିଡ଼ିଓମାନେ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ କରିବେ । ଏହି ଡିପିଆର ଆଧାରରେ ଚିହ୍ନଟ ଗାଁଗୁଡ଼ିକୁ ସମଗ୍ରାତ୍ମକ ବିକାଶ ମାଧମରେ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳାଯିବ । ବୈଠକରେ ବିଧାୟକ ଶ୍ରୀ ମାଡ଼କାମି ସମସ୍ତ ବିଭାଗର ଚଳିତ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି ଏବଂ ସମୟ ମଧରେ ସମସ୍ତ କାର୍ଯ୍ୟ ତ୍ୱରାନିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସେ ମାଲକାନଗିରିର ପ୍ରସିଦ୍ଧ ମଲ୍ଲିକେଶ୍ୱର ମନ୍ଦିର ଓ ଭୈରବୀ ମନ୍ଦିରର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳ ଅଭାବ ଥିବା ଗାଁଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଗାଁଗୁଡ଼ିକରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରାଯିବ ।ଏହା ବ୍ୟତୀତ ବିଧାୟକ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମବାସୀମାନଙ୍କ ସହ ଆଲୋଚନା ଓ ବୈଠକ କରି କେଉଁ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯିବ, ସେଥି ନିମନ୍ତେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହି ପଦକ୍ଷେପ ମାଲକାନଗିରି ଜିଲ୍ଲାର ଗ୍ରାମାଞ୍ଚଳରେ ବିକାଶ, ଉନ୍ନତ ଜୀବନଧାରଣ, ଶିକ୍ଷା ଓ ଆଦିବାସୀ ସମ୍ପ୍ରଦାୟର ସମୁଦାୟିକ ଉନ୍ନତି ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ବିବେଚନା କରାଯାଉଛି । ସ୍ଥାନୀୟ ଲୋକେ ବିଧାୟକଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମକୁ ବ୍ୟାପକ ସ୍ୱାଗତ ଜଣାଇଛନ୍ତି ।

# ପୋଡାଚାକିଡିର ବିଦ୍ୟାଳୟ ପୁନଃଉଦ୍ଧାର ନିମନ୍ତେ ଦାବି

**ରାଇରଙ୍ଗପୁର(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ତିରିଂ ବ୍ଲକ ସାନଭୁଣ୍ଡୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋଡାଚାକିଡି ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ୧୨ ଫେବୃୟାରୀ ୧୯୫୩ ମସିହାରେ ସ୍ଥାପିତ ହୋଇଅଛି । ବର୍ତ୍ତମାନ ଏଠାରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ଏବଂ ନିକଟସ୍ଥ ଗ୍ରାମ ସିତାଡିହି, ପୋଖରିଆ ଓ ବାରୁଡିହିରୁ ଆସି ଷଷ୍ଠ ଶ୍ରେଣୀରେ ନାମ ଲେଖାଇ ପଢୁଛନ୍ତି । କିନ୍ତୁ ବିଦ୍ୟାଳୟଟି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ସୁଦାମ ମାଝୀ ଦମୁର୍ମୁଙ୍କ ଜମିରେ ରହିଆସିଅଛି । ବର୍ତ୍ତମାନ ସୁଦାମଙ୍କ ଉତ୍ତରାଧିକାରୀଙ୍କ ଦାବି ଯୋଗୁଁ ପାଚେରୀ ନିର୍ମାଣ, କୌଣସି ମରାମତି କାର୍ଯ୍ୟ, ନୂତନ ଶ୍ରେଣୀ କୋଠରୀ ନିର୍ମାଣ ଆଦି କାର୍ଯ୍ୟ ହୋଇପାରୁନାହିଁ । ଫଳରେ ବିଦ୍ୟାଳୟର ଅବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡିଲାଣି ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ ବର୍ଷାଋତୁରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ ତିରିଂ ବ୍ଲକର ପୂର୍ବତନ ବିଡିଓ, ତହସିଲଦାର ଏବଂ ଅଧକ୍ଷ ପରମେଶ୍ୱର ସାମାଡ ପ୍ରମୁଖ ବିଦ୍ୟାଳୟ କୁ ଆସି ଜମିର ଉତ୍ତରାଧିକାରୀଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ କୌଣସି ଫଳପ୍ରଦ ହୋଇପାରିଲା ନାହିଁ ।

# ଓଡ଼ିଶା ପାଇଁ ସୁନାମ ଆଣିଲେ ହିମାଂଶୁ

## ଯୁବ ଆଇକନ ଏବଂ ଶ୍ରେଷ୍ଠ ଯୁବ ଆଦଶରେ ସମ୍ମାନିତ




**ଆସିକା (ଏନ୍.ଏମ୍.):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅନ୍ତର୍ଗତ 'ମେରା ଯୁବା ଭାରତ' ଦ୍ୱାରା ଆୟୋଜିତ' ଅନ୍ତଃ ରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ' ରେ ଓଡ଼ିଶାର ପ୍ରତିନିଧି ରୂପେ ଅଂଶଗ୍ରହଣ କରିଥିଲେ ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରାଣୀ ବିଜ୍ଞାନ ଶେଷ ବର୍ଷର ଛାତ୍ର ହିମାଂଶୁ ରାୟଜିତ୍ ଜେନା । ସେ ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସାମାଜିକ ରୀତି ନୀତିକୁ ଜାତୀୟ ସ୍ତରରେ ଅତି ସୁନ୍ଦର ଢଙ୍ଗରେ ଉପସ୍ଥାପନ କରିଥିଲେ। ସେ ଦୀର୍ଘ ପାଞ୍ଚ ଦିନ ଧରି ସକ୍ରିୟ ରୂପେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ବିହାର ରାଜ୍ୟର ପାଟନା ସ୍ଥିତ ଗୋଟିଏ ବସ୍ତିକୁ ପରିଭ୍ରମଣ କରି ସେହି ସ୍ଥାନରେ ବାସ କରୁଥିବା କିଛି ଶିଶୁ ମାନଙ୍କ ସହ ପ୍ରତ୍ୟକ୍ଷ ରୂପେ ଆଲୋଚନା କରିଥିଲେ। ସେ ଜାଣିବାକୁ ପାଇଥିଲେ ଯେ ବିହାର ଭଳି ଏକ ଜନ ବହୁଳ ରାଜ୍ୟରେ ଶିକ୍ଷାର ଅପବ୍ୟବହାର ଓ ଶିଶୁ ମାନଙ୍କ ପାଇଁ ତାହା କିପରି ଅନ୍ତରାୟ ସୃଷ୍ଟି କରିଛି, ସେ ସଂପର୍କିତ ତଥ୍ୟ ସଂଗ୍ରହ କରିଥିଲେ। କିଛି ଶିଶୁ ନିଜ ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିବା ଯୋଗୁଁ ବିଦ୍ୟାଳୟକୁ ନ ଯାଉଥିବା ବେଳେ ଅନ୍ୟ କିଛି ଶିଶୁ ଶିକ୍ଷା ପ୍ରତି ଆଗ୍ରହ ଥିଲେ ମଧ ପାରିବାରର ଅର୍ଥିକ ଅନାଟନ ଯୋଗୁଁ ବିଦ୍ୟାଳୟ ସେମାନଙ୍କ ପାଇଁ ଦିବା ସ୍ୱପ୍ନ ପାଲଟିଛି । ସରକାରଙ୍କ ଦ୍ୱାରା ଅନେକ ଉନ୍ନତ ମାନର ବିଦ୍ୟାଳୟ ଥିଲେ ସୁଦ୍ଧା ଶିଶୁ ମାନଙ୍କ ମଧରେ ଥିବା ଅନାଗ୍ରହ ଓ ପରିବାରର ଆର୍ଥିକ ଦୁସ୍ଥିତି ଯୋଗୁଁ ସରକାରଙ୍କର ପ୍ରତିଟି ଶିକ୍ଷାଗତ ଯୋଜନା ବିଫଳ ହେଉଅଛି । ଓଡ଼ିଶାର ଦୁର୍ଗମ ଓ ଉପାନ୍ତ ଗ୍ରାମାଞ୍ଚଳ ମାନଙ୍କରେ ବାସ କରୁଥିବା ଛାତ୍ର ଛାତ୍ରୀ ମାନଙ୍କୁ କିପରି ଉନ୍ନତ ମାନର ଶିକ୍ଷା ଦିଆ ଯାଉଅଛି ଯାହା ଦ୍ୱାରା ଶିଶୁ ମାନଙ୍କର ସାମୁହିକ ବିକାଶ କିପରି ହୋଇପାରିବ ତଥା ସେମାନେ କିପରି ରାଷ୍ଟ୍ର ଗଠନରେ ସହାୟକ ହୋଇ ପାରିବେ ସେ ସମ୍ପର୍କିତ ଉପଯୁକ୍ତ ତଥ୍ୟ ଉପସ୍ଥାପନ କରିଥିଲେ, ହିମାଂଶୁ । ବିହାର ରାଜ୍ୟରେ ବସ୍ତି ତଥା ଗ୍ରାମାଞ୍ଚଳରେ ବାସ କରୁଥିବା ଶିଶୁ ମାନଙ୍କୁ କିପରି ଶିକ୍ଷା ପ୍ରତି ଆଗ୍ରହ କରି ସେମାନଙ୍କୁ ବିଦ୍ୟାଳୟ ଯିବା ପାଇଁ ପ୍ରେରିତ କରିପାରିବା ଏବଂ ଏଥି ପ୍ରତି ସରକାର ସଠିକ୍ ପଦକ୍ଷେପ ନେବା ସହ ଭାରତର ଯୁବ ଗୋଷ୍ଠୀ କିପରି ଏହି ଦିଗ ପ୍ରତି ସହଯୋଗ କରିପାରିବେ ସେ ସମ୍ପର୍କରେ ସେ ଏହି କାର୍ଯ୍ୟକ୍ରମ ସହ ଜଡ଼ିତ ଥିବା ଉଚ୍ଚ ପଦାଧିକାରୀମାନଙ୍କ ସହ ଆଲୋଚନା ଓ ପ୍ରତ୍ୟାଲୋଚନା କରିଥିଲେ । ଉପରୋକ୍ତ ସମସ୍ୟାକୁ ଦର୍ଶାଇ ଏବଂ ଏହି ସମସ୍ୟାର ବିହିତ ସମାଧାନ ନିମନ୍ତେ ନିଜର ମତାମତ ପୋଷଣ କରୁଥିବା ଯୋଗୁଁ ସିନିୟର ଅଫିସର ଏବଂ ମୁଖ୍ୟ ଅତିଥି ବିହାର ରାଜ୍ୟ ପାଇଁ ମେରା ଭାରତ ପ୍ରୋଗ୍ରାମର ନିର୍ଦ୍ଦେଶକ ଡଃ ସୂର୍ଯ୍ୟକାନ୍ତ କୁମାର, ଓଡିଶାର ହିମାଂଶୁ ରାୟଜିତ ଜେନାଙ୍କୁ ଯୁବ ଆଇକନ ଏବଂ ଶ୍ରେଷ୍ଠ ଯୁବ ଆଦର୍ଶ ଭାବରେ ପ୍ରଶଂସା ଏବଂ ପୁରସ୍କୃତ କରିଥିଲେ । ଶ୍ରୀ ହିମାଂଶୁଙ୍କ ଏହି ଆଲୋଚନା ସେଠି ଉପସ୍ଥିତ ଥିବା ସମସ୍ତ ଯୁବ ବର୍ଗଙ୍କୁ ଆକର୍ଷିତ ଏବଂ ଅନୁପ୍ରାଣିତ କରିପାରିଥିଲା। ତାଙ୍କର ଏହି ସଫଳତା ଆସିକା ବିଜ୍ଞାନ ମହାବିଦ୍ୟାଳୟ ଆସିକା, ଗଞ୍ଜାମ ଜିଲ୍ଲା ତଥା ସମଗ୍ର ଓଡ଼ିଶା ପାଇଁ ଏକ ଗୌରବମୟର ବିଷୟ ପାଲଟିଛି । ସେ ଏହି ସଫଳତାର ଶ୍ରେୟ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଭୁତି ଭୂଷଣ ବେବର୍ତ୍ତା, ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ବୃନ୍ଦଙ୍କ ପ୍ରୋତ୍ସାହନକୁ ସର୍ବୋପରି ବୋଲି କହିଛନ୍ତି।

# ଅନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଘାଟିତ

## ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର, ଶକ୍ତିର ଗତି, ରାଷ୍ଟ୍ର ପ୍ରଗତିର ବାର୍ତ୍ତା




**ନୟାଗଡ(ଏନ୍.ଏମ୍.) :** ନୟାଗଡ଼ ଜିଲ୍ଲାର ଇନଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ମହିଳା ଦିବସର ଉଦଘାଟନ ଉତ୍ସବରେ ନୟାଗଡ ଜିଲ୍ଲାପାଳ ମଧୁମିତା ରଥ,ପୌର ପରିଷଦ ଅଦ୍ୟକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଜିଲ୍ଲାପାଳ ଯୋଗର ଉପକାରିତା ବିଷୟରେ ଉପସ୍ଥିତ ଅଂଶୀଦାରମାନଙ୍କୁ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷଣ ଦେବାକୁ ୩ ଜଣ ଯୋଗ ଗୁରୁ ଦୀପ୍ତିମୟୀ ଜେନା, ସୁଶ୍ମୀତା ଦାଶ ଓ ସୁଶ୍ରୀ ସଂଗୀତା ନାୟକ ଯୋଗ ଦେଇଥିଲେ। ଜୁମ୍ବା କାର୍ଯ୍ୟକ୍ରମରେ ମହିଳା ମାନେ ଭାଗ ନେଇ ବହୁତ ଖୁସି ପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା କ୍ରୀଡା ଅଧିକାରୀ, ସୁଜାତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ ନୟାଗଡ଼ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲାର ବିଭିନ୍ନ କ୍ଲବ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଏଥିରେ ଯୋଗ ଦେଇଥିଲେ।

# ବରକୁଳଠାରେ ବିଲୁପ୍ତ ଲୋକକଳା ପଶୁମୁଖୀ ନୃତ୍ୟ ଓ ଦାସକାଠିଆର କର୍ମଶାଳା ଓ ଗବେଷଣା ଆରମ୍ଭ



**ବ୍ରହ୍ମପୁର(ଏନ୍.ଏମ୍.):** ବିଲୁପ୍ତମୂଖୀ ଲୋକ କଳା ପଶୁ ମୂଖା ନୃତ୍ୟ ଓ ଦାସକାଠିଆର କର୍ମଶାଳା ଓ ଗବେଷଣା ଆରମ୍ଭ ହୋଇଛି । ଓଡ଼ିଆର୍ଟ କେନ୍ଦ୍ର ବରକୂଳ/ ସୋସାଇଟି ଫର ଡେଭଲପ୍‌ମେଣ୍ଟ ଅଫ ରୁରାଲ ଲିଟେରେଚର ଓ ଭାରତ ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଦିଗପହଣ୍ଡିଠାରେ ଗଞ୍ଜାମର ପଶୁ ମୂଖା ଓ ଦାସକାଠିଆ ଦୁଇ ବିଲୁପ୍ତ ମୂଖୀ ଲୋକ କଳାର ଗବେଷଣା, ପୁନର୍ଃଜୀବନ ଓ ପୁନଃ ରୂପାୟନ ଲକ୍ଷ୍ୟରେ ଏକ ଗବେଷଣାତ୍ମକ କର୍ମଶାଳା ଆରମ୍ଭ କରାଯାଇଅଛି । ଗୋଟିଏ ହେଲା ମୂଖା ବ୍ୟବହାର ସହ ନୃତ୍ୟ ରୂପ ଅନ୍ୟଟି ହେଲା ଦୁଇ କଳାକାରଙ୍କ ଦୁଇଟି କାଠି ବ୍ୟବହାର କରି ଅପରୂପ ବାଦ୍ୟ ଝଙ୍କାର ସୃଷ୍ଟି ମାଧମରେ ପାରମ୍ପରିକ ଓ ପୌରାଣିକ କାହାଣୀ ବର୍ଣ୍ଣନା । ଏହି କର୍ମଶାଳାର ଉଦ୍ଦେଶ୍ୟ ହେଲା ପୌରାଣିକତା ସହ ଏହାକୁ ସୃଜନ ଆଦୃତ କରିବା ପାଇଁ ସମସାମୟିକ ଓ ସଙ୍ଗତ ଯୁକ୍ତ କରିବା । ବିଖ୍ୟାତ ଲେଖକ ସ୍ୱର୍ଗତ ମହାପାତ୍ର କୁଳମଣୀ ସାହୁଙ୍କ ଲିଖିତ ବିହଙ୍ଗ ବିପ୍ଳବ କାହାଣୀକୁ ପଶୁ ମୂଖା ନୃତ୍ୟ ମାଧମରେ ନାଟକୀକୃତ କରାଯିବ ଓ ଫକୀର ମୋହନ ସେନାପତିଙ୍କ ଡାକ ମୁନ୍‌ସୀ ଗଳ୍ପକୁ ନୃତ୍ୟରେ ଯୋଡି ପରିବେଷଣ କରାଯିବା। ତିନି ସପ୍ତାହ ବ୍ୟାପି ଏହି ଗବେଷଣା ଭିତ୍ତିକ କର୍ମଶାଳା ପରେ ଆସନ୍ତା ବିଶ୍ୱ ନାଟ୍ୟ ଦିବସରେ ଏହାକୁ ବିଶ୍ୱ ମାନସ ପଟରେ ପରିବେଷଣ କରାଯିବା ଲକ୍ଷ ରଖା ଯାଇ ଅଛି । କାର୍ଯ୍ୟକ୍ରମଟି ନାଟ୍ୟ ଚେତନା ଅନୁଷ୍ଠାନର ସୁବୋଧ ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶନାରେ ଦିଗ ପହଣ୍ଡିର ବିଶିଷ୍ଟ କାଳଗୁରୁ ଆଲୋକ ବିଷୋୟୀଙ୍କ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ କଳାକାରଙ୍କ ଦ୍ୱାରା ଉପସ୍ଥାପନ କରାଯିବ । ଆଜି ଏହି ଦ୍ୱୈତ କାର୍ଯ୍ୟକ୍ରମ ଗଞ୍ଜାମର ବିଶିଷ୍ଟ ନାଟ୍ୟଗୁରୁ ଓ ନିର୍ଦ୍ଦେଶକ ରାଜୁ ପାଢୀ ଓ ସୁବୋଧ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି ।

# ତିନି ଛାତ୍ରଙ୍କ ମୃତ୍ୟୁ ଘଟଣା: ନବୋଦୟ ବିଦ୍ୟାଳୟର ୩ଜଣ କର୍ମଚାରୀ ନିଲମ୍ବିତ

**କୋରାପୁଟ (ଏନ୍.ଏମ୍.) :** କୋରାପୁଟ ଜିଲ୍ଲାର କୋଲାବ ଜଳଭଣ୍ଡାରରେ ଗତକାଲି ୩ ଜଣ ଛାତ୍ର ବୁଡ଼ିଯାଇ ମୃତ୍ୟୁ ହେବା ଘଟଣାରେ ନବୋଦୟ ବିଦ୍ୟାଳୟ କାର୍ଯ୍ୟାନୁଷ୍ଠାନ ନେଇଛି । ଏହି ମାମଲାରେ କର୍ତ୍ତୃପକ୍ଷ ନବୋଦୟ ବିଦ୍ୟାଳୟର ୩ଜଣ କର୍ମଚାରୀଙ୍କୁ ନିଲମ୍ବନ କରିଛି । ସେମାନେ ହେଲେ ପଦାର୍ଥ ବିଜ୍ଞାନ ଶିକ୍ଷକ ଚମନ୍ କୁମାର, କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ରାହୁଲ ସିଂ ଓ ହଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀର ଈଶ୍ୱର । ନବୋଦୟ ବିଦ୍ୟାଳୟର ଭୋପାଳସ୍ଥିତ ଆଞ୍ଚଳିକ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଦ୍ୟାଳୟର ଅଧକ୍ଷା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗତକାଲି କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ସରିଥିଲା । ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ମାଛରା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇ ନିଜ ସ୍କୁଲକୁ ଫେରିଥିଲେ । ବସ୍ରେ ଫେରିବା ସମୟରେ ହିଁ ପିଲାମାନେ ଖୁସିରେ ହୋଲି ଖେଳିଥିଲେ । ତେବେ ଏହି ଖୁସି ବେଶି ସମୟ ରହିନଥିଲା । ନବଦୋୟ ବିଦ୍ୟାଳୟ ପଛ ପଟେ ଥିବା କୋଲାବ ଜଳଭଣ୍ଡାରେକୁ ଗାଧୋଇବା ପାଇଁ ଯାଇ ଲିଙ୍ଗରାଜ ଖିଲୋ, ଓମ ପ୍ରକାଶ ବେହେରା ଓ ସ୍ୱସ୍ଥିତ ସୁନ୍ଦର ହାଲଓ୍ୱା ପାଣିରେ ବୁଡି ପ୍ରାଣ ହରାଇଥିଲେ । ଲିଙ୍ଗରାଜ ଖିଲୋ ଓ ସ୍ୱସ୍ଥିତ ସୁନ୍ଦର ହାଲଓ୍ୱା କୋରାପୁଟ ଅଞ୍ଚଳର ହୋଇଥିବା ବେଳେ ଓମ ପ୍ରକାଶ ବେହେରା ଲକ୍ଷ୍ମୀପୁର ଅଞ୍ଚଳର । ପିଲାମାନେ ପରୀକ୍ଷା କେନ୍ଦ୍ରକୁ ଫେରିବା ପରେ ନୀଳଗିରି ହାଉସର ୮ ଗୋଟି ପିଲା କୋଲାବ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ । ସେଥି ମଧରୁ ଏହି ୩ ଜଣ ଛାତ୍ର ପାଣିରେ ବୁଡିଯାଇଥିଲେ । ଖବର ପାଇଁ ସ୍କୁଲର କର୍ମଚାରୀମାନେ ପିଲାମାନଙ୍କୁ ପାଣିରୁ ଉଦ୍ଧାର କରି କୋରାପୁଟ ଏସଏଲଏନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ସମସ୍ତ ୩ ଜଣ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପିଲାଙ୍କ ପରୀକ୍ଷା ସରିବା ପରେ ପିଲାଙ୍କୁ ନେବା ପାଇଁ ଅଭିଭାବକ ମାନଙ୍କୁ କୁହାଯାଇଥିଲା ବୋଲି ଗଣମାଧମକୁ ଅଧକ୍ଷା କହିଛନ୍ତି ।

# ଗୋପିନାଥପୁରରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜିତ




**ଗୋପିନାଥପୁର, ଟାଙ୍ଗୀ, ଖୋର୍ଦ୍ଧା(ଏନ୍.ଏମ୍.) :** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନାବାର୍ଡ ଏବଂ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମିଳିତ ପ୍ରୟାସରେ ଚାଲୁଥିବା ଆର୍ଥିକ ସାକ୍ଷରତା ପ୍ରକଳ୍ପର କାର୍ଯ୍ୟକାରୀ ଅଂଶୀଦାର ମଦର୍ ତରଫରୁ ଟାଙ୍ଗୀ ବ୍ଲକ ଲେଣ୍ଡୋ ଗ୍ରାମ ପଞ୍ଚାୟତ ଗୋପିନାଥପୁର ଗ୍ରାମରେ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଚିଲିକା ଆର୍ଥିକ ସାକ୍ଷରତା କେନ୍ଦ୍ରର ଟାଙ୍ଗି, ଚିଲିକା ଏବଂ ବାଣପୁର ବ୍ଲକ ଦାୟିତ୍ୱରେ ଥିବା ପରିଚାଳକ ସନ୍ତୋଷ ପଣ୍ଡା ଏବଂ ଟାଙ୍ଗି ବ୍ଲକର ପରାମର୍ଶଦାତା ସୁମିତ୍ରା ପଣ୍ଡା ଉପସ୍ଥିତ ଥିଲେ। ବ୍ୟାଙ୍କ ମିତ୍ର କଳ୍ପନା ସାହୁ,ଏମ୍.ବି.କେ. ଅନୁସୟା ମହାପାତ୍ର, ସି.ଆର ପି. ଉର୍ମିଳା ଚମ୍ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବଜେଟ୍, ସଞ୍ଚୟ, ଖର୍ଚ୍ଚ, କେନ୍ଦ୍ର ସରକାରଙ୍କ ମୃତ୍ୟୁ ଜନିତ ବିମା, ଦୁର୍ଘଟଣା ଜନିତ ବିମା, ଅଟଳ ପେନ୍‌ସନ୍ ଯୋଜନା, ଝିଅ ମାନଙ୍କ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନା, ପିଲା ମାନଙ୍କ ପାଠ ପଢ଼ିବା ପାଇଁ ବିଦ୍ୟାଳକ୍ଷ୍ମୀ ଯୋଜନା, କଳିଙ୍ଗ ସାଥି ଯୋଜନା, ପୁଅ ମାନଙ୍କ ପାଇଁ ବାତ୍ସଲ୍ୟ ଯୋଜନା, ନାଗରିକ ମାନେ ସ୍ୱାବଲମ୍ବୀ ହେବା ପାଇଁ ରିହାତି ଯୋଜନା ଯେପରିକି ପି.ଏମ୍.ଇ.ଜି.ପି, ପି.ଏମ୍.ଏଫ୍.ଏମ୍.ଇ ଏବଂ ସାଇବର୍ ଠକେଇ ବିଷୟରେ ବିସ୍ତୃତ ଭାବରେ ଅଂଶ ଗ୍ରହଣ କାରୀମାନଙ୍କୁ ବୁଝାଯାଇଥିଲା। ପରିଶେଷରେ ଯଦି କୌଣସି ନାଗରିକଙ୍କର କିଛି ବ୍ୟାଙ୍କ୍ ଜନିତ ସମସ୍ୟାର ସମାଧାନ କିମ୍ବା ପି.ଏମ୍.ଇ.ଜି.ପି., ପି.ଏମ୍.ଏଫ୍.ଏମ୍.ଇ ଏବଂ କଳିଙ୍ଗ ସାଥି ଯୋଜନା ଋଣ କରିବାକୁ ଚାହୁଁ ଥିଲେ ୯୨୩୭୩୯୪୯୩୭ରେ ଯୋଗାଯୋଗ କରିବା ପାଇଁ କୁହାଯାଇ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା




# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

**ନବରଙ୍ଗପୁର(ଏନ୍.ଏମ୍.):** ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଅନ୍ୟ ଅତିଥି ମାନେ ହେଲେ ସି ଡିଏମଓ ଡ଼ ମଳୟ ପ୍ରଧାନ, ଏଡିପିଏଚଓ ଡ. ମଳୟ ତ୍ରିପାଠୀ, ଡ ସୁକାନ୍ତ ଶତପଥୀ, ଡିଇଓ ଛତ୍ରପତି ସାହୁ,ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର, ଡି ପି ଏମ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ଗ୍ରାମ ସ୍ତରରେ କାର୍ଯ୍ୟରତ ଆଶା କର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ମାନଙ୍କର ଅବଦାନକୁ ସମ୍ମାନ କରାଯିବା ସହ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା , ସୁସ୍ଥ ଗାଁ ସୁସ୍ଥ ଜିଲ୍ଲା ଗଠନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଡ ମଳୟ ତ୍ରିପାଠୀ ସୁଚନା ଦେଇଥିଲେ । ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ଜିଲ୍ଲାର ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହଯୋଗ କରୁଥିବା ଆଶାକର୍ମୀଙ୍କ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତଙ୍କ ସହଭାଗିତା କୁ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ ଡ଼ ସ୍ୱାଇଁ ଜିଲ୍ଲାରେ ଶତ ପ୍ରତିଶତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ ଉପରେ ଗୁରୁତ୍ୱ ଦେଇ ଆଶାକର୍ମୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ସମସ୍ତେ ବାଲ୍ୟ ବିବାହକୁ ନିରୁସାହିତ କରିବା ଓ ଏହା ଯେଭଳି ସମୁଳେ ଲୋପ ପାଇବ, ତା ଉପରେ ସମସ୍ତେ ଚେଷ୍ଟା କରିବାକୁ କହିଲେ । ଜିଲ୍ଲାରେ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ସେବା ଯୋଗାଇବା, ପୋଷଣ, ସ୍ୱଚ୍ଛତା ଅଭ୍ୟାସ, ସୁରକ୍ଷିତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ, ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ପ୍ରତିରୋଧ, ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଚାର, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁଧାର, ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି, ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସଫଳ ରୂପାୟନ ଏବଂ ସହଭାଗିତା ଦ୍ୱାରା ଆଜି ଗ୍ରାମ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଛି । ସ୍ୱାସ୍ଥ୍ୟ ସେବା ଜିଲ୍ଲାରେ ୩ ଲକ୍ଷ ୧୫ ହଜାର ପରିବାର ପାଇଁ ବର୍ତ୍ତମାନ ୨୦୬୮ ଜଣ ଆଶା କର୍ମୀ, ୮ ଜଣ ଆଶା ସାଥୀ ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତି ଅଛନ୍ତି । ଜିଲ୍ଲାରେ ୮୬୮ଟି ଗାଁ କଲ୍ୟାଣ ସମିତି ଓ ୨୮୯ ଟି ଜନ ଆରୋଗ୍ୟ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଉଛି ।ଏହି ଅବସରରେ ୧୦ ଜଣ ଶ୍ରେଷ୍ଠ ଆଶାଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନ,୪୦ ଜଣଙ୍କୁ ବ୍ଲକ୍ ସ୍ତରୀୟ ଶ୍ରେଷ୍ଠ ଆଶା,୧୦ଟି ଗାଁ କୁ ସୁସ୍ଥ ଗାଁ,୧୦ ଟି ଜନ ଆରୋଗ୍ୟ ସମିତି ଏବଂ ୯ ଟି ମହିଳା ଆରୋଗ୍ୟ ସମିତିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ସହ ସମ୍ମାନିତ କରାଗଲା । ଏହା ସହିତ ସ୍ୱାସ୍ଥ୍ୟ ସଂସ୍ଥା ଗୁଡ଼ିକର ସ୍ୱଚ୍ଛତା ଓ ସେବା ଗୁଣବତ୍ତାକୁ ଦୃଷ୍ଟିରେ ରଖି ୧୪୫ ଟି ସ୍ୱାସ୍ଥ୍ୟ ସଂସ୍ଥାକୁ କାୟକଳ୍ପ ପୁରସ୍କାର,୪ ଟି ସ୍ୱାସ୍ଥ୍ୟ ସଂସ୍ଥାକୁ ଏନ୍‌କ୍ୟୁଏଏସ ମାନ୍ୟତା ଏବଂ ୬୦ ଟି ଶିକ୍ଷା ଅନୁଷ୍ଠାନକୁ ତମାଖୁ ମୁକ୍ତ ଅନୁଷ୍ଠାନ ଭାବେ ସମ୍ମାନିତ କରାଗଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ବୁଲା କୁକୁର ବନ୍ଧ୍ୟାକରଣ ଅଭିଯାନ

# ୪୩ ଦିନରେ ୭୩୭ କୁକୁରଙ୍କ ସଫଳ ଅସ୍ତ୍ରୋପଚାର



**ବ୍ରହ୍ମପୁର (ଏନ୍.ଏମ୍.):** ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ବଂଶ ବୃଦ୍ଧି ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବନ୍ଧ୍ୟାକରଣ ଅଭିଯାନ ଜାରି ରହିଛି । ମେୟର ସଂଘମିତ୍ରା ଦଳେଇ ଓ କମିଶନର ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ତତ୍ତ୍ୱାବଧାନରେ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଶେଷ ସୁଦ୍ଧା ୪୩ ଦିନ ମଧ୍ୟରେ ଲକ୍ଷଣୀୟ ସଫଳତା ହାସଲ କରିଛି । ଉପଲବ୍ଧ ତଥ୍ୟ ଅନୁଯାୟୀ ଏପର୍ଯ୍ୟନ୍ତ ସହରରେ ୭୩୭ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ସଫଳତାର ସହିତ ସମ୍ପନ୍ନ ହୋଇଛି । ସେଥିମଧ୍ୟରୁ ୭୩୭ଟି କୁକୁରଙ୍କୁ ସୁସ୍ଥ ହେବା ପରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ପୁନଃ ଛାଡ଼ାଯାଇଛି । ସମସ୍ତ ଅସ୍ତ୍ରୋପଚାର ଓ ଟିକାକରଣ ପ୍ରକ୍ରିୟା ପଶୁ ଚିକିତ୍ସକମାନଙ୍କ ନିର୍ଦ୍ଦେଶନାରେ ସଫଳତାର ସହିତ କରାଯାଇଛି ।ଏହି ଉଦ୍ୟମ ଫଳରେ ସହରରେ ବୁଲା କୁକୁରଙ୍କ ଅନିୟନ୍ତ୍ରିତ ବଂଶବୃଦ୍ଧି ହ୍ରାସ ପାଇବା ସହିତ ଜଳାତଙ୍କ ଭଳି ରୋଗର ଆଶଙ୍କା କମିବା ଓ ସହରବାସୀଙ୍କ ପାଇଁ ଅଧିକ ସୁରକ୍ଷିତ ପରିବେଶ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ବ୍ରହ୍ମପୁର ମହାନଗର ନିଗମର ଏହି ପଦକ୍ଷେପ ସହରର ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପଶୁ କଲ୍ୟାଣ ପ୍ରତି ତାଙ୍କର ଦାୟିତ୍ୱବୋଧକୁ ସ୍ପଷ୍ଟ କରୁଛି । ସହରବାସୀମାନଙ୍କ ସହଯୋଗ ମିଳିଲେ ଏହି ଅଭିଯାନ ଆଗାମୀ ଦିନରେ ଆହୁରି ସଫଳ ହେବ ବୋଲି କହିଛନ୍ତି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା । ଯାଞ୍ଚବେଳେ କମିଟି ଅଧ୍ୟକ୍ଷ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସ ଥିବା ବେଳେ, ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ. ଅରବିନ୍ଦ ବେହେରା,ଡ. ସତ୍ୟନାରାୟଣ କର ଓ ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ, ଅସିଷ୍ଟାଣ୍ଟ କମିଶନର ବିଭୁପ୍ରସାଦ ମହାପାତ୍ର ଓ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା ଉପସ୍ଥିତ ଥିଲେ ।

# ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଯୋଗ ପ୍ରଶିକ୍ଷଣ



**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନ (କ୍ରୀଡା ବିଭାଗ) କେନ୍ଦ୍ରାପଡ଼ା ପକ୍ଷରୁ ଅସ୍ମିତା ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ଥାନୀୟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଚଳିତ ବର୍ଷର ଥିମ୍ ଥିଲା "ଶକ୍ତି ସ୍ୱରୂପିଣୀ" । କାର୍ଯ୍ୟକ୍ରମରେ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ସୁସ୍ଥ ଜୀବନ ଶୈଳୀ ପ୍ରଚାର ପାଇଁ ଯୋଗର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଯୋଗ ପ୍ରଶିକ୍ଷକ ସଞ୍ଜୟ ମଥାନ ଓ ଟୁଟୁ ମଲ୍ଲିକ ଯୋଗାସନ ପ୍ରଦର୍ଶନ କରି ପ୍ରଶିକ୍ଷଣ ଦେଇଥିଲେ । ଏହି ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ମିଶନ ଶକ୍ତି ଗୋଷ୍ଠୀ ଓ ଅନ୍ୟାନ୍ୟ ଅନୁଷ୍ଠାନରୁ ପ୍ରାୟ ୩୦୦ରୁ ଅଧିକ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ । ସୁସ୍ଥ ଶରୀର, ପୁଷ୍ଟିକର ଖାଦ୍ୟ ଓ ସୁସ୍ଥ ମାନସିକତା ଗଠନ ପାଇଁ ଯୋଗର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଅଂଶଗ୍ରହୀମାନଙ୍କୁ ସଚେତନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ମହିଳାଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟ ।

# ଗଜପତିରେ ଆନ୍ତର୍ଜାତୀୟ ମହିଳା ଦିବସ

**ଗଜପତି(ଏନ୍.ଏମ୍.) :** ଆମ ପ୍ରତିନିଧି ଆଲୋକ କୁମାର ବୋଷଙ୍କ ସୂଚନା ଅନୁସାରେ ସ୍ଥାନୀୟ ବୃନ୍ଦାବନ ପ୍ୟାଲେସ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଯୋଗଗୁରୁ ଆଶାଲତା ପାଣିଗ୍ରାହୀ ପ୍ରମୁଖ ମଞ୍ଚସୀନ ଥିଲେ । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ୱଚ୍ଛ ସଥି ପ୍ରମୁଖ ତିନି ସହରୁ ଉର୍ଦ୍ଧ୍ୱ ମହିଳା ସଂଗଠନ, ସ୍ୱେଚ୍ଛା ସେବୀ, ଅଙ୍ଗନୱାଡ଼ି କର୍ମୀ ଇତ୍ୟାଦି ବହୁ ମାତ୍ରାରେ ସାମିଲ ହୋଇଥିଲେ ।



# ନବରଙ୍ଗପୁର ଅବକାରୀ ବିଭାଗର ଚଢ଼ାଉ



ନବରଙ୍ଗପୁର(ଏନ୍.ଏମ୍.): ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ , ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସ ଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ କୋଡୀଙ୍ଗା ଥାନା ଅର୍ନ୍ତଗତ, ବଡ ମସିଗାଁ ଗ୍ରାମରେ ଚଢ଼ାଉ କରି,ଗଦାଧର କୁମ୍ଭାର ନିକଟରୁ ୧୫ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ୩ ଲିଟର ୬୨୦ ମିଲି ଲିଟର ଆଇ ଏମ୍ ଏଫ୍ ଜବତ କରା ଗଲା । ଆସାମୀକୁ ଏସଡିଜେଏମଙ୍କ ଅଦାଲତରେ ହାଜର କରାଗଲା । ପି ଆଇ ନଂ ୧୩୩/ ୨୦୨୫-୨୬ ନବରଙ୍ଗପୁର ଅବକାରୀ ବିଭାଗରେ ମକଦ୍ଦମା ରୁଜୁ କରାଯାଇଛି । ଏହି ଚଢାଉରେ ରିସମା ସୁନା ଓ ଆକ୍ରମ ଖାନ ସହଯୋଗ କରି ଥିଲେ ।

# ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ରାଜନଗର (ଏନ୍.ଏମ୍.):** ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରାଧ୍ୟାପକ ଅମୀୟକୁମାର ଦାସ ଯୋଗ ଦେଇଛନ୍ତି । ନୂତନ ଅଧ୍ୟକ୍ଷ ଶ୍ରୀ ଦାସଙ୍କୁ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷା ଡଃ ମିତା ରାଉତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦାସ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ବିଭାଗରେ ସ୍ନାତକୋତର ଡିଗ୍ରୀ ହାସଲ କରିବା ପରେ ବାୟାବାବା କଲେଜ ମହାକାଳପଡାରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ସେଠାରେ କାର୍ଯ୍ୟ କରିବା ପରେ ବରିଷ୍ଠ ଅଧ୍ୟାପକ ଭାବରେ ୨୦୧୮ରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟକୁ ବଦଳି ହୋଇଥିଲା । ୨୦୨୬ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିବା ପରେ ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଯୋଗଦେଇଛନ୍ତି ।

# ଓଡିଶା ଦିବସ-୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




**ରାଇରଙ୍ଗପୁର(ଏନ୍.ଏମ୍.):** ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ଦିବସ-୨୦୨୬ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାମନଘାଟି ଉପଖଣ୍ଡର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବାବେଳେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅନିତାରାଣୀ ମହାନ୍ତ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଚିନ୍ମୟୀ ମହାନ୍ତ, ଗୋଷ୍ଠୀ ଶିକ୍ଷାଧିକାରୀ ହେମ ମାଝୀ, ରାଇରଙ୍ଗପୁର ପୌରପାଳିକାର ପରିମଳ ବିଶେଷଜ୍ଞ ସ୍ୱାଧୀନ କୁମାର ତିୱାରୀ, ରାଇରଙ୍ଗପୁର ଡାକ ମଣ୍ଡଳ କାର୍ଯ୍ୟାଳୟର ଟିକନ କୁମାର ଦେବତାଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବରିଷ୍ଠ ନାଗରିକ ରସାନନ୍ଦ ଲେଙ୍କା, ସଚିକାନ୍ତ କର, ଦୁଷ୍ମନ୍ତ କୁମାର ବସା, ରାଇରଙ୍ଗପୁର ଓକିଲ ସଙ୍ଘ ସଭାପତି ଅକ୍ଷୟ କୁମାର ମହାନ୍ତି, ଶିକ୍ଷକ ରଞ୍ଜନ କୁମାର ନନ୍ଦ, ଅଧ୍ୟାପକ ବିଜୟ କୁମାର ରାମ, ଅବସରପ୍ରାପ୍ତ ଶିକ୍ଷକ ତିମିର ରଞ୍ଜନ ପଣ୍ଡା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ପୂର୍ବବର୍ଷର ବିବରଣୀ ପାଠ କରାଯାଇଥିଲା । ପ୍ରତ୍ୟେକ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା । ପ୍ରମୁଖ ନିଷ୍ପତ୍ତି ଅନୁସାରେ ଓଡିଶା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦିବସ ପାଳନ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଉତ୍କଳ ଦିବସ ପାଳନ ଦିନ ପ୍ରାତଃ ୪ଘଣ୍ଟା ୩୦ମିନିଟ ସମୟରେ ରାଇରଙ୍ଗପୁର ସହରାଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧ ସଂଗୀତ ଗାନ କରାଯିବ । ସକାଳୁ ରାଇରଙ୍ଗପୁର ପୌରାଞ୍ଚଳରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯିବ । ସେହିପରି ସକାଳ ୯ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରପୁତ୍ର ମାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ସାଧାରଣ ସଭା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ । ଓଡିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ତଥା ମାତୃଭୂମି ପ୍ରତି ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସଭା କାର୍ଯ୍ୟ ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବ । ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୃହ ଗୁଡିକ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯିବା ସହିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଗୁଡିକ ଆଲୋକମାଳାରେ ସଜ୍ଜିତ କରାଯିବ । ଉପଖଣ୍ଡ ସ୍ତରରେ ଉକ୍ତ ଦିବସକୁ ସୁନ୍ଦର, ଆକର୍ଷଣୀୟ ତଥା ବ୍ୟବସ୍ଥିତ ଢଙ୍ଗରେ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଲୁ ହେଲା ବ୍ରହ୍ମପୁରର ଅସ୍ଥାୟୀ ବସଷ୍ଟାଣ୍ଡ



**ବ୍ରହ୍ମପୁର(ଏନ୍.ଏମ୍.) :** ଜିଲ୍ଲା ପ୍ରଶାସନ ତରଫରୁ ଦୀର୍ଘଦିନର କଡା ଚେତାବନୀ ପରେ ଆଜି ଠାରୁ ବ୍ରହ୍ମପୁର ଫାଷ୍ଟ ଗେଟ୍ ଡୁଡୁମା କୋଲନି ଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ବସଷ୍ଟାଣ୍ଡ ଚାଲୁ ହୋଇଛିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଠାରୁ ଫୁଲବାଣୀ, ଆସିକା, ଦିଗପହଣ୍ଡି, ରାୟଗଡା, କୋରାପୁଟ, ଜୟପୁର, ମାଲକାନଗିରିରୁ ବ୍ରହ୍ମପୁର ଅସୁବିଧା ବସ ଓ ଟ୍ରକ ସହର ମଧ୍ୟକୁ ପ୍ରବେଶ ନିଷେଧ ହେଲା । ସେହିପରି କଟକ, ଭୁବନେଶ୍ୱର, ବାଲେଶ୍ୱର, କଲିକତା, ବିଶାଖାପାଟଣା, ବିଜୟନଗର, ଇଚ୍ଛାପୁର, ସୋମପେଟା, ଆନ୍ଧ୍ରରୁ ଆସୁଥିବା ବସ ବ୍ରହ୍ମପୁର ସନ୍ନିକଟ ହଳଦିଆପଦର ବସ ଷ୍ଟାଣ୍ଡ ଠାରେ ରହିବ ସହରକୁ ପ୍ରବେଶ ନିଷେଧ କଲା ପ୍ରଶାସନ । କାରଣ ବ୍ରହ୍ମପୁର ଗେଟ ବଜାର ଛକ ଫ୍ଲାଇ ଓଭର ବ୍ରିଜର ନିର୍ମାଣରେ ଆସ୍କା ରୋଡ ମୁଖ୍ୟରାସ୍ତା ଓ ବ୍ରହ୍ମପୁର ନୂତନ ବସଷ୍ଟାଣ୍ଡରୁ ଆସୁଥିବା ବସ ଓ ଭାରିଯାନ ନିର୍ମାଣ କାର୍ଯ୍ୟ ଚାଲିବାରେ ବାଧା ସୃଷ୍ଟି କରୁଥିଲେ । ଗେଟ ବଜାରର ଫ୍ଲାୟ ଓଭର କାର୍ଯ୍ୟ ସୁଚାରୁରୂପେ କରିବା ପାଇଁ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ପୋଲିସ ପ୍ରଶାସନ, ପ୍ରଚେଷ୍ଟା ରେ ଆଜି ଠାରୁ ସହର ମଧ୍ୟକୁ ବସ ଓ ଭାରି ଯାନ ନିଷେଧ କରାଯାଇଛି । ଜନସାଧାରଣ ସହଯୋଗ କରିବାକୁ ପ୍ରଶାସନ ନିବେଦନ କରିଛନ୍ତି । କେବଳ ମୋ ବସ ନିର୍ଦ୍ଦିଷ୍ଟ ରୁଟରେ ସହର ମଧ୍ୟରେ ଚାଲିବ । ଏହାର ସୁବିଧା ଜନସାଧାରଣ ନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ଦହି ସରବତ ଓ ଥଣ୍ଡା ପାଣି ବଣ୍ଟନ




**ପରଜଙ୍ଗ(ଏନ୍.ଏମ୍.):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାଆନ୍ଦା ଗ୍ରାମରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସାଆନ୍ଦା ପଞ୍ଚାୟତ ସରବେରଣୀ ଗ୍ରାମର ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁ ଏବଂ ପଥଚାରୀମାନଙ୍କ ପାଇଁ ଦହି ସରବତ ଏବଂ ଥଣ୍ଡା ପାଣି ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଯୁବକମାନେ ଓ ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇ ଦହି ସରବତ ଓ ଥଣ୍ଡା ପାଣି ଗ୍ରହଣ କରିଥିଲେ । କମିଟିର ସଭ୍ୟମାନେ ସକ୍ରିୟ ଭାବେ ଏହି ସେବା କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ କମିଟିର ସଭାପତି ରାକେଶ କୁମାର ମହାପାତ୍ର ଓ ସମ୍ପାଦକ ସୁଶାନ୍ତ କୁମାର ମାଝି ସମସ୍ତ ସଦସ୍ୟମାନଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ସ୍ଥାନୀୟ ଲୋକମାନେ ଏହି ପ୍ରୟାସକୁ ପ୍ରଶଂସା କରିଥିବା ସହ ଭବିଷ୍ୟତରେ ମଧ୍ୟ ଏପରି ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କମିଟିକୁ ଅନୁରୋଧ କରିଥିଲେ । ଆଗକୁ ଏହି ଭଳି ବିଭିନ୍ନ ସେବା କାର୍ଯ୍ୟ ଜାରି ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆ ଯାଇଛି ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ମାଓମୁକ୍ତ ଭାରତର ସ୍ୱପ୍ନ ପୂରଣ ...

ସରକାର ୪୦ ଏକର ଜମି ଯୋଗାଇ ଦେଇଛନ୍ତି । ସେ କେନ୍ଦ୍ରୀୟ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ ର ମଧ ଭୂମି ପୂଜନ କରିଛନ୍ତି। ଠିକ୍ ସେହିପରି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସି ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏହି ଅବସରରେ କହିଛନ୍ତି, ଭାରତ ଏବେ ଦ୍ରୁତ ବେଗରେ ବିକାଶରେ ଆଗକୁ ଯାଉଛି। ନକ୍ସଲବାଦ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଲଢୁଛନ୍ତି ସରକାର। ଆସନ୍ତା ମାର୍ଚ୍ଚ ସୁଦ୍ଧା ଦେଶ ନକ୍ସଲମୁକ୍ତ ହେବା ନିଶ୍ଚିତ। ଡବଲ ଇଞ୍ଜିନ ସରକାର ଓଡ଼ିଶାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ୨୦ ବର୍ଷ ଯେଉଁ କ୍ଷତି ସହିଛି ତାକୁ ଆମ ସରକାର ଆସନ୍ତା, ୫ ବର୍ଷରେ ଭରଣା କରିବ । ଅମିତ ଶାହ ୩୨୭୫ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ ପାରାଦୀପରେ ସଲଫ୍ୟୁରିକ ଏସିଡ୍ ପ୍ଲାଣ୍ଟର ଲୋକାର୍ପଣ କରିଛନ୍ତି ଶାହ । ଏଥିରେ ଦିନକୁ ପ୍ରାୟ ୨ ହଜାର ଟନ୍ ସଲ୍ଫୁରିକ୍ ଏସିଡ୍ ଉତ୍ପାଦନ ହେବ । ବର୍ଷକୁ ୬ ଲକ୍ଷ ମେଟ୍ରିକ୍ ଟନ୍ ସଲଫ୍ୟୁରିକ୍ ଏସିଡ୍ ଆମେ ବିଦେଶରୁ ଆମଦାନୀ କରୁ । ଏହି ପ୍ଲାଣ୍ଟ ସଂପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଦେଶକୁ ଆଉ ଆମଦାନୀ କରିବାକୁ ପଡିବ ନାହିଁ । କଟକରେ ସିଆଇଏସଏଫର ୭୫ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ସେ କହିଥିଲେ, ସିଆଇଏସଏଫ୍ ଆଧୁନିକତାକୁ ଆପଣେଇଛି ଓ ପରମ୍ପରାକୁ ଜାବୁଡ଼ି ଧରିଛି । ଦେଶର ୭୦ ବିମାନବନ୍ଦର ସହ ୩୬୧ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ସୁରକ୍ଷା ଦାୟିତ୍ୱ ନିଷ୍ଠାର ତୁଲାଉଛି । ୨୦୪୭ ବିକଶିତ ଭାରତ ପାଇଁ ସିଆଇଏସଏଫର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପାରାଦୀପ ପ୍ଲାଣ୍ଟ କୃଷିକ୍ଷେତ୍ରକୁ ବଡ଼ ସହାୟକ ହେବ ବୋଲି କହିଥିଲେ । ଓଡ଼ିଶାର ନୂତନ ସମବାୟ ନୀତି ମଧ ସେ ଉନ୍ମୋଚିତ କରିଥିଲେ । ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ । ନ୍ୟାୟ ସଂହିତା ପ୍ରଦର୍ଶନୀର ଉଦଘାଟନ ମଧ କରିଥିଲେ ଶାହ । ଏ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ ରାଜ୍ୟର ବିକାଶ ପାଇଁ ସଂକଳ୍ପବଦ୍ଧ । ରାଜ୍ୟରେ ସମବାୟ କ୍ଷେତ୍ରରେ ନୂଆ ବିପ୍ଳବ ଆସିବାକୁ ଯାଉଛି । ଏଥିପାଇଁ ସେ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ପ୍ରାୟ ୭୫୦ କୋଟି ଟଙ୍କା ବ୍ୟୟରେ ଲୋକାର୍ପିତ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଆତ୍ମନିର୍ଭର ଭାରତ' ଅଭିଯାନକୁ ସୁଦୃଢ଼ କରିବ । ସାର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ, ଓଡ଼ିଶା ସମେତ ଭାରତର ଚାଷୀ ହେବେ ଉପକୃତ ହେବେ । ପାରାଦୀପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ''ପୂର୍ବୋଦୟ''ର କଳ୍ପନା ବାସ୍ତବ ରୂପ ନେଉଛି ।

ଠିକ୍ ସେହିପରି ଏକ ଦିବସୀୟ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ। ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ। ଠିକ୍ ସେହିପରି ରାହୁଲଙ୍କ ୨୦ଟା ଲଞ୍ଚ ଫେଲ୍ ? । ଏହା ୧୦୦ ପର୍ଯ୍ୟନ୍ତ ଯାଇପାରେ । ଦିଲ୍ଲୀର ଏଆଇ ସମ୍ମିଳନୀରେ କଂଗ୍ରେସର ପ୍ରତିବାଦକୁ ସମାଲୋଚନା କରି ଏହା କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ସାରା ବିଶ୍ୱର ନଜର ଭାରତ ଉପରେ ଥିଲା ବେଳେ ସେହି ସମୟରେ କଂଗ୍ରେସ କର୍ମୀ କପଡା ଖୋଲି ଭାରତକୁ ବଦନାମ କରିବା ପାଇଁ କୁତ୍ସିତ ପ୍ରୟାସ କଲେ । ଏହା ନିନ୍ଦନୀୟ । ସେହପିରି ନବୀନଙ୍କୁ ଶାସନକୁ ଟାର୍ଗେଟ କରି କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି, ୨ ଦଶନ୍ଧି ଧରି ଓଡ଼ିଶାର ବିକାଶ ଠପ ହୋଇଯାଇଥିଲା । ଏହି ୫ ବର୍ଷରେ ୨୦ ବର୍ଷର କ୍ଷତିକୁ ପୂରଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଶାହ । ଜନାଦେଶକୁ ଜନତାଙ୍କ ଦୁର୍ବଳତା ଭାବୁଥିଲେ ଏବେ ଏହା ଦୁର୍ବଳତା ନୁହେଁ ଆଶୀର୍ବାଦ ବୋଲି ସେ କହିଛନ୍ତି ।

## ଏପ୍ରିଲ ପହିଲାରୁ ଓଡ଼ିଶାରେ ...

୨୦୦୨ତାଲିକାରେ ନାମ ନ ମିଳେ, ତେବେ ନିଜ ପିତା/ ମାତାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ । ଯଦି ୨୦୦୨ଭୋଟର ତାଲିକାରେ ନିଜର, ପିତା/ ମାତାଙ୍କର ନାମ ପାଇବାରେ ଅସମର୍ଥ ହୁଅନ୍ତି ତେବେ ନିଜର ଜେଜେବାପା/ ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଶ୍ରୀ ଗୋପଲନ ଆହୁରି ସ୍ପଷ୍ଟ କରିଛନ୍ତି ଯେ, ଏହି ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାରକାର୍ଡ଼ ଦେବା ଆବଶ୍ୟକ ନୁହେଁ ଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା ୟୁପିଏସ୍‌ସି ସିଭିଲ ...

ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଛି । ପରୀକ୍ଷାର୍ଥୀମାନେ ୟୁପିଏସସିର ଅଫିସିଆଲ ୱେବସାଇଟ୍ ପରୀକ୍ଷାର୍ଥୀମାନେ ୟୁପିଏସସିର ଅଫିସିଆଲupsc.gov.in ଏବଂ upsconline.nic.inରେ ସେମାନଙ୍କ ରେଜଲ୍ଟ ଦେଖିପାରିବେ । ମେ ୨୫ରେ ପ୍ରିଲିମ ପରକ୍ଷୀ ହୋଇଥିଲା । ମୁଖ୍ୟପରୀକ୍ଷା ୨୨ ଅଗଷ୍ଟରୁ ୩୧ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାର ଅନ୍ତିମ ପର୍ଯ୍ୟାୟ ବା ସାକ୍ଷାତକାର, ୨୭ ଫେବୃଆରୀ, ୨୦୨୬ ରେ ଶେଷ ହୋଇଥିଲା । ୯୫୮ ଆଶାୟୀ ପାସ୍ ହୋଇଥିବା ବେଳେ ଷଷ୍ଠ ସ୍ଥାନରେ ଜିନିଆ ଅରୋରା ରହିଛନ୍ତି । ସପ୍ତମ ସ୍ଥାନରେ ଏଆର ରାଜା ମୋହାଇଦୀନ୍ ରହିଥିବା ବେଳେ ଅଷ୍ଟମରେ ପାକ୍ସାଲ୍, ନବମ ସ୍ଥାନରେ ଆସ୍ଥା ଜୈନ ରହିଥିବା ବେଳେ ୧୦ମରେ ଉଜ୍ୱଳ ପ୍ରିୟଙ୍କ ରହିଛନ୍ତି । ୧୮୦ ଜଣ ଆଇଏଏସ୍ ଏବଂ ୧୫୦ ଜଣ ଆଇପିଏସ୍କ ହେବେ- ୟୁନିଅନ ପବ୍ଲିକ୍ ସର୍ଭିସ୍ କମିଶନ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ, ୯୫୮ଟି ପଦବୀ ପାଇଁ ନିଯୁକ୍ତି ଘୋଷଣା କରାଯାଇଛି । ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୮୦ ଜଣ ସଫଳ ପ୍ରାର୍ଥୀ ଭାରତୀୟ ପ୍ରଶାସନିକ ସେବା, ୫୫ ଜଣ ଭାରତୀୟ ବୈଦେଶିକ ସେବାରେ ଯୋଗଦେବେ ଏବଂ ୧୫୦ ଜଣ ଭାରତୀୟ ପୁଲିସ ସେବାରେ ଯୋଗଦେବେ । ୧୮୦ଟି ଓଇଝ ପଦବୀ ମଧ୍ୟରୁ ୭୪ଟି ଅଣସଂରକ୍ଷିତ, ୨୮ଟି ଅନୁସୂଚିତ, ୧୩ଟି ଅନୁସୂଚିତ ଜନଜାତି, ୪୭ଟି ଡଇଉ ପାଇଁ ଏବଂ ୧୮ଟି ରଡଝ ବର୍ଗ ପାଇଁ ସଂରକ୍ଷିତ।

## ରାଜ୍ୟସଭା ପାଇଁ ନାମାଙ୍କନ ...

ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ପିସିସି ସଭାପତି ଭକ୍ତ ଦାସ ମଧ ଉପସ୍ଥିତ ଥିଲେ। ଉଲ୍ଲେଖ ଥାଉ କି ଚତୁର୍ଥ ଆସନରେ ଦତ୍ତେଶ୍ୱର ହୋତା ବନାମ ଦିଲ୍ଲୀପ ରାୟଙ୍କ ମଧରେ ଲଢେଇ ହେବ। ସେହିଭଳି ବିଜେଡି ଓ କଂଗ୍ରେସରେ ଦଳୀୟ ଫାଟ ବଢୁଥିବାବେଳେ ଏଥର ନିର୍ବାଚନରେ କ୍ରସ ଭୋଟିଂ ହେବାର ଆଶଙ୍କା ଅଧିକ ରହିଛି। ଅନ୍ୟପଟେ ଦିଲ୍ଲୀପ ରାୟ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଥିବାରୁ ଅସନ୍ତୁଷ୍ଟ ନେତାମାନଙ୍କ ଭୋଟଗୁଡ଼ିକ ତାଙ୍କ ସପକ୍ଷରେ ଯିବ ବୋଲି ନିର୍ବାଚନ ସମୀକ୍ଷକମାନେ ଅନୁମାନ ଲଗାଇଛନ୍ତି। ଗୋଟିଏ ପଟେ କଂଗ୍ରେସ ମହମ୍ମଦ ମୋକିମଙ୍କୁ ଦଳରୁ ବିଦା କରିଥିବାବେଳେ ସେ ମଧ ସ୍ୱତନ୍ତ୍ର ଦଳ ପ୍ରସ୍ତୁତ କରୁଛନ୍ତି। ତେଣୁ ତାଙ୍କ ଝିଅ ବର୍ତ୍ତମାନ ବାରବାଟୀ-କଟକରୁ ବିଧାୟକ ଅଛନ୍ତି। ତେଣୁ ସେ ମଧ ତାଙ୍କ ପିତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ପ୍ରତିବାଦରେ କଂଗ୍ରେସ ପ୍ରାର୍ଥୀ ଦତ୍ତେଶ୍ୱରଙ୍କ ସପକ୍ଷରେ ନଦେଇ ପ୍ରତିଶୋଧ ନେଇ ପାରନ୍ତି। ସେହିଭଳି ବିଜେଡିରେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଯେଉଁଭଳି ନବୀନ ନିବାସରେ ଅପମାନିତ କରାଗଲା ତାହାର ପ୍ରତିଶୋଧ ମଧ ପୁଅ ସୌଭିକ ବିଶ୍ୱାଳ ନେଇ ପାରନ୍ତି। ସେହିଭଳି ଅରବିନ୍ଦ ମହାପାତ୍ର ସମେତ ଅନ୍ୟକିଛି ନେତା ମଧ କ୍ରସ ଭୋଟିଂ କରିବାର ସମ୍ଭାବନା ରହିଛି। ଏଥି ସହିତ ଘୋଡ଼ାବେପାର ମଧ ଚାଲିବାର ବହୁ ସମ୍ଭାବନା ରହିଛି। ତେଣୁ ଚତୁର୍ଥ ଆସନ ପାଇଁ ଦିଲ୍ଲୀପ ରାୟଙ୍କ ପଲା ଭାରି ରହିବ ବୋଲି ନିର୍ବାଚନ ସମୀକ୍ଷକ ଅନୁମାନ କରୁଛନ୍ତି।

## ଆଦିବାସୀ ପରିବାରଙ୍କ ଲଢ଼େଇ : ଚାରିପଟେ ଖଣି, ମଝିରେ ଅଣନିଃଶ୍ୱାସୀ ଦର୍ଲିପାଲି

**ଝାରସୁଗୁଡ଼ା(ଏନ୍.ଏମ୍.) :** ଚାରିପଟେ ଖଣି। ମଝିରେ ୩୦ ଭୂୟାଁ ଆଦିବାସୀ ପରିବାରଙ୍କ ଅଣନିଃଶ୍ୱାସୀ ଜୀବନ। ସେଥିରେ ପୁଣି ଠିକ୍ ଘର ପାଖରେ ରହିଛି ୧୦୦ ଫୁଟ ଗାତ ବିଶିଷ୍ଟ ବଡ଼ ଖଣି। ଯେଉଁଠୁ ଅହରହ ଧୂଳି ଏବଂ କୋଇଲାଗୁଣ୍ଡ ଉଡ଼ିବା ସହିତ ଭାରୀଯାନ ଯାତାୟାତ ଲାଗି ରହିଥାଏ। ୨୦ ଫୁଟ୍ର ବିପଜ୍ଜନକ ମାଟି ପାହାଡ଼ ଚଢ଼ି ପିଲାଠାରୁ ବୁଢା ଗାଧୋଇବା ପାଇଁ ଯାଆନ୍ତି। ବ୍ଲାଷ୍ଟିଂରୁ ଆରମ୍ଭ ହୁଏ ଦିନଚର୍ଯ୍ୟା। ଯାହା ଦିନ ତମାମ ଜାରିରୁହେ। ସ୍କୁଲ କଥା ଦୂରେ ଥାଉ ଅଙ୍ଗନବାଡ଼ିରେ ପଢ଼ିବା ପାଇଁ ମଧ ପିଲାଙ୍କୁ ୬ କିଲୋମିଟର ଯିବାକୁ ପଡ଼ିଥାଏ। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ୧୪ କିଲୋମିଟର ଦୂରରେ। ସରକାରୀ ଜଳଯୋଗାଣ ବନ୍ଦ ରହିଛି। ଖଣିର ଜଳଯୋଗାଣ ଗାଡ଼ି ଉପରେ ନିର୍ଭରଶୀଳ। ସବୁ ପ୍ରକାର ସରକାରୀ ଯୋଜନାରୁ ବଞ୍ଚିତ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଦର୍ଲିପାଲି ଗାଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବ୍ୟବସ୍ଥା କରାଯାଉ ନଥିବାରୁ ୩୨ ବର୍ଷ ହେଲା ଛାଡୁ ନାହାନ୍ତି ଭିଟାମାଟି। ୩୦ ବର୍ଷରୁ ଅଧିକ ସମୟ ହେଲା କୋଇଲା ଖଣି ପାଇଁ ଶେଷ ନିଃଶ୍ୱାସ ଗଣୁଛି ଦର୍ଲିପାଲି। ସ୍ଥାନୀୟ ଅଧିବାସୀ ମନବୋଧ ସା କୁହନ୍ତି, ଏହି ଅଞ୍ଚଳରେ ରହୁଥିବା ଭୂୟାଁ ଆଦିବାସୀ ପରିବାର ୧୬୫ ଏକର ଜମିର ମାଲିକ। କିନ୍ତୁ ବର୍ତ୍ତମାନ ଯେଉଁ ସ୍ଥିତିରେ ଆମେ ଅଛୁଁ, ଏତେ ଜମିର ମାଲିକ ବୋଲି କେହି ବିଶ୍ୱାସ ବି କରିବେ ନାହିଁ। ଖଣି ପାଇଁ ତାଙ୍କ ସବୁ ଜମି ଅଧିଗ୍ରହଣ ହେବା ପରେ ସରକାରଙ୍କ କ୍ଷତିପୂରଣ ପ୍ୟାକେଜରେ ଅସନ୍ତୁଷ୍ଟ ହୋଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୯୯୪ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରଭାବିତ ବ୍ୟକ୍ତି ହେଉଛନ୍ତି ଆଦିବାସୀ ପରିବାରର। ଖଣି ଯୋଗୁଁ ସେମାନେ ନିଜ ପାରମ୍ପରିକ ଜମି ହରାଉଛନ୍ତି। ସରକାର ବ୍ୟବସ୍ଥା କରିଥିବା କ୍ଷତିପୂରଣ ମଧ କମ୍। ୩ ମାସ ମଧରେ ସେକ୍ସନ ୩୦ ଅନୁଯାୟୀ ଆବେଦନ କଲେ, ୬ ମାସ ମଧରେ ଉଚ୍ଚ ହାରରେ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହା ଆଜି ପର୍ଯ୍ୟନ୍ତ ପାଳନ ହୋଇନଥିବାରୁ ସେମାନେ ନିଜ ଭିଟାମାଟି ଛାଡ଼ିନାହାନ୍ତି। ୩୨ ବର୍ଷ ମଧରେ କେତେ ପୂର୍ବଜଙ୍କ ମୃତ୍ୟୁ ହୋଇସାରିଛି। କିନ୍ତୁ ଲଢ଼େଇ ବଞ୍ଚିଥିବା କହିଛନ୍ତି ସାମାଜିକ କର୍ମକର୍ତ୍ତା ରମେଶ ତ୍ରିପାଠୀ। ତତ୍କାଳୀନ ବ୍ରଜରାଜନଗର ବିଧାୟକ ପ୍ରସନ୍ନ ପଣ୍ଡା ବିଭିନ୍ନ ସମୟରେ ତାଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। କିନ୍ତୁ ତାଙ୍କ ଦେହାନ୍ତ ପରଠାରୁ ସେମାନଙ୍କ ସ୍ୱର ଦବି ଯାଇଛି। ବର୍ତ୍ତମାନ ନୂତନ ସରକାର ଏବଂ ବିଧାୟକ ଆସିଥିବାରୁ ତାଙ୍କ ପ୍ରତି ବିଶ୍ୱାସ ରଖିଥିବା କହିଛନ୍ତି ଓମ୍ପ୍ରକାଶ ଭୂୟାଁ। ଏ ସଂକ୍ରାନ୍ତରେ ସେମାନେ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି।

ପ୍ରାକ୍ତନ ବାଚସ୍ପତି ରବି ରାୟଙ୍କ ନବମ ଶ୍ରାଦ୍ଧ ଦିବସ

# 'ଆମେ ବାଟ ହୁଡ଼ିଲୁ ଓ ଦୁର୍ଦ୍ଦଶା ଭୋଗିଲୁ'

**କଟକ(ଏନ୍.ଏମ୍.) :** ଆଜିକାଲି ଲୋକସଭାର ପରିସ୍ଥିତି ଦେଖିଲେ ଓଡିଶାର ଗର୍ବ ସମାଜବାଦୀ ଜନନେତା ପ୍ରାକ୍ତନ ବାଚସ୍ପତି ରବି ରାୟଙ୍କ କଥା ମନେପଡେ ସଂଖ୍ୟାଲଘୁ ଜନତା ଦଳର ହୋଇଥିଲେ ମଧ ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି ନିଷ୍ଠା ଯୋଗୁଁ ସେ ବିରୋଧୀ ଦଳର ସବୁ ଜନ ସ୍ୱାର୍ଥ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଆଲୋଚନା ପରିସରକୁ ଆଣି ସରକାରଙ୍କୁ ଉତ୍ତରଦାୟୀ କରୁଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ଭ୍ରଷ୍ଟ ବିଚାରପତିଙ୍କୁ ମଧ ସେ ସମ୍ବିଧାନର ଛାଟ ଦେଇ ଥିଲେ। ଗଣତନ୍ତ୍ରକୁ ଆହୁରି ଦୃଢ କରିବାକୁ ଜୀବନର ଶେଷ ଦୁଇ ଦଶକ ସେ ଲୋକଙ୍କୁ ସମ୍ବିଧାନ ଓ ସମତା ଭିତ୍ତିକ




ସମାଜ ସମ୍ପର୍କରେ ସଚେତନ କରିବାକୁ ସମର୍ପିତ କରିଥିଲେ ବୋଲି ତାଙ୍କର ନବମ ଶ୍ରାଦ୍ଧ ଦିବସରେ ବିଶିଷ୍ଟ ବକ୍ତାମାନେ ମତ ରଖିଛନ୍ତି। ରବିରାୟ ଏକାଡେମୀ ଆନୁକୂଲ୍ୟରେ କଟକ ଟାଉନ ହଲରେ ଆୟୋଜିତ ଏହି ସଭାରେ ଚିତ୍ତରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ ଓ ସମ୍ପାଦକ ଇଁ କ୍ଷୀରୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିରାୟଙ୍କ ଶେଷ ଲେଖା 'ଆମେ ବାଟ ହୁଡ଼ିଲୁ କୋଉଠି' ବିଷୟରେ ଆଲୋଚନା କରି ବକ୍ତାମାନେ ଏକମତ ହୋଇ ଥିଲେ ଯେ ସ୍ୱାଧୀନତା ଆନ୍ଦୋଳନର ସାମ୍ରାଜ୍ୟବାଦ ବିରୋଧୀ ମୂଲ୍ୟବୋଧ ଓ ସମ୍ବିଧାନର ସମତା ଭିତ୍ତିକ ସମାଜ ଗଠନର ନିର୍ଦ୍ଦେଶକୁ ନ ମାନି ଆମେ ବାଟ ହୁଡ଼ିଲୁ ଓ ଦୁର୍ଦ୍ଦଶା ଭୋଗିଲୁ। ଦେଶ ଓ ସମାଜର ହିତରେ ଆମକୁ ସଂଗ୍ରାମ ପଥରେ ଚାଲିବାକୁ ହେବ। ସର୍ବଶ୍ରୀ ଶଶୀଭୁଷଣ ବେହେରା, ବିଶ୍ୱାବସୁ ଦାସ, ସତ୍ୟ ରାୟ, ସୁକାନ୍ତ ନାୟକ, ପ୍ରତାପ ଶତପଥୀ, ମଧୁସୂଦନ ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି, ଖଗେଶ୍ୱର ସେଠୀ ଡଲି ଦାସ, ଯୁଗଳକିଶୋର ନାୟକ, ଦିଗମ୍ବର ମହାପାତ୍ର, କୃଷ୍ଣ କେଶବ ମିଶ୍ର, ନିତ୍ୟାନନ୍ଦ ଦାସ, ଅରବିନ୍ଦ ରାଉତରାୟ, ଏନାମୁଲ ହକ, ଅରବିନ୍ଦ ମଲ୍ଲିକ, ସୁଶାନ୍ତ ମହାପାତ୍ରପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବୋହୂକୁ କୁରାଢ଼ୀରେ ହାଣି ଝୁଲିପଡ଼ିଲେ ଶତାୟୁ ଶ୍ୱଶୁର

**ଜଗତସିଂହପୁର (ଏନ୍.ଏମ୍.) :** ପାରିପାରିକ କଳହ ଭୟଙ୍କର ରୂପ ନେଇଛି। ଶ୍ୱଶୁରର କୁରାଢ଼ୀ ଚୋଟରେ ବୋହୂ ଗୁରୁତର ହୋଇଛି। ବୋହୂଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ବେଳେ ଶ୍ୱଶୁର ବେକରେ ଦଉଡ଼ି ଦେଇ ଜୀବନ ହାରିଛନ୍ତି। ଜଗତସିଂହପୁର ଜିଲ୍ଲା ପାରାଦୀପ ଲକଥାନା ଅଧିନ ଭୂତମୁଣ୍ଡାଇ ଗ୍ରାମର ମଳିକ ସାହିରେ ଗତକାଲି ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ହେଲେ ବଟକୃଷ୍ଣ ମଳିକ (୧୦୨)। ପୁଲିସ କହିଛି, ପାରାଦୀପ ଲକଥାନା ଅଧିନ ଭୂତମୁଣ୍ଡାଇ ଗ୍ରାମର ମଳିକ ସାହିରେ ପାରିବାରିକ କଳହକୁ କେନ୍ଦ୍ର କରି ଶ୍ୱଶୁର ବୋହୂ ମଧରେ ହୋଇଥିଲା ପାଟିତୁଣ୍ଡ। ଗତକାଲି ବିଳମ୍ବିତ ରାତିରେ ବୋହୂ ଶୋଇଥିବା ସମୟରେ ଶ୍ୱଶୁରର ଟାଙ୍ଗିଆ ଚୋଟରେ ବୋହୂ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ବୋହୂ କୁଜଙ୍ଗ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଘର ବାରିପଟେ ଥିବା ଅର୍ଦ୍ଧ ନିର୍ମିତ ଘରେ ଝୁଲନ୍ତା ଅବସ୍ଥାରେ ଶ୍ୱଶୁରଙ୍କୁ ଦେଖିବାକୁ ପାଇଥିଲେ। ତେବେ ବୃଦ୍ଧ ଶ୍ୱଶୁର ଆତ୍ମହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରୁଥିବା ବେଳେ ଘଟଣାସ୍ଥଳରେ ପାରାଦୀପ ଲକଥାନା ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କୁରାଢୀ ଓ ଘଟଣାସ୍ଥଳରୁ ପୁଲିସ ଦଉଡ଼ି ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ବୃଦ୍ଧ ଶ୍ୱଶୁର ହେଲେ ଭୂତମୁଣ୍ଡାଇ ଗ୍ରାମର ବଟକୃଷ୍ଣ ମଳିକ ବୋଲି ଜଣାପଡିଛି।

## ସିଏମସି ଜନ୍ମମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରରେ ହଟିବ ଦୁର୍ନୀତି, ଗଠନ ହେବ ସ୍ୱତନ୍ତ୍ର କମିଟି

**କଟକ(ଏନ୍.ଏମ୍.) :** କଟକ ମହାନଗର ନିଗମ ଅଧୀନ ବିକାଶ ଭବନ ଠାରେ ଥିବା ଜନ୍ମମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରରେ ଚାଲିଆସୁଥିବା ଦୁର୍ନୀତି ଓ ଅନିୟମିତତା, ତାଳତୁଳନୀତି, ସମସ୍ତ ପ୍ରମାଣପତ୍ର ଏପରିକି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ ସତ୍ୟପାଠ କରି ସି.ଏମ୍.ସିରେ ଥିବା ଜନ୍ମମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରରେ ଦାଖଲ କରୁଥିବା ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ଭିନ୍ନ ଉଦ୍ଦେଶ୍ୟ ରଖି କିଛି ଅସାଧୁ କର୍ମଚାରୀମାନେ ଜନସାଧରଣଙ୍କୁ ବାରମ୍ବାର ଅଫିସକୁ ଦୌଡାଇ ଦୌଡାଇ ଶେଷରେ ନିରାଶ କରିଆସୁଛନ୍ତି, ଏହାର ପ୍ରତିବାଦରେ ପ୍ରମୁଖ ଦୁଇ କର୍ମଚାରୀ ଓ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ଆମ୍ବେଦକର ସ୍ମୃତି ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ସମେତ ପ୍ରତିନିଧି ମଣ୍ଡଳୀ ସି.ଏମ୍.ସିର କମିଶନର କିରଣଦୀପ୍ କୌର ସାହୋତାଙ୍କ ନିକଟରେ ଗତ ୨୦୨୫ ମସିହା ମେ ମାସ୨୭ତାରିଖରେ ଲିଖିତ ଅଭିଯୋଗ କରି ଏହି ଘଟଣାର ବିଧିବଦ୍ଧ ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଥିଲେ। ପରିଷଦର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ବିଚାରକୁ ନେଇ ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶ ଫଳରେ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ପତ୍ର ସଂଖ୍ୟା-୬୨୩/ଏଚଓ/ସିଏମସି, ତା-୨୫/୦୨/୨୦୨୬ ରିଖରେ ଅଭିଯୋଗକାରୀଙ୍କୁ ହାଜର ହୋଇ ମତ ରଖିବା ସହିତ ତଦନ୍ତରେ ସହଯୋଗ କରିବା ସହିତ ନୋଟିସ୍ ଜାରି କରିଥିଲେ। ଏହି ନୋଟିସ୍‌କୁ ସମ୍ମାନ ଜଣାଇ ସମାଜସେବୀ ଶ୍ରୀ ସେଠୀ ଚଳିତ ମାର୍ଚ୍ଚ ୫ତାରିଖରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ପରେ ଏହି ସବୁ ଦୁର୍ନୀତି ହଟାଇବା ନିମନ୍ତେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଦଲାଲ୍ ମୁକ୍ତ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି କିନ୍ତୁ ପ୍ରକୃତରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରୁ ଦୁର୍ନୀତି ହଟିବ କି ବଢିବ ତାହା ଦେଖିବାକୁ ବାକି ରହିଲା।

## ଶିଶୁ ବିକାଶର ଅସଲ ଚିତ୍ର ଗଛମୂଳେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର



**ବାଲେଶ୍ୱର(ଏନ୍.ଏମ୍.) :** ବାଲେଶ୍ୱରରେ ଗଛମୂଳେ କିମ୍ବା ପାଲତଳେ ଚାଲୁଛି ଅଙ୍ଗନବାଡ଼ି କେନ୍ଦ୍ର। ବାଲେଶ୍ୱର ଜିଲ୍ଲାର ୪୨୨୦ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୧୬୯୩ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ରାଜ୍ୟରେ ପ୍ରାୟ ୧୯ ହଜାର ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନ ଥିବାବେଳେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନାହିଁ। ଆବଶ୍ୟକତା ଦୃଷ୍ଟିରୁ ଜିଲ୍ଲା ପାଇଁ ଆହୁରି ୩୦୦ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ମଞ୍ଜୁର କରାଯାଇଛି। ହେଲେ, ଏହା କେଉଁଠି ନିର୍ମାଣ ହେବ ତାକୁ ନେଇ ଚିନ୍ତା ବଢ଼ିଲାଣି। ନୀଳଗିରିଠାରୁ ଆରମ୍ଭ କରି ବାହାନଗା ଭଳି ବ୍ଲକ୍‌ରେ କେଉଁଠି ଗଛମୂଳେ ତ କେଉଁଠି ପାଲତଳେ ଅଙ୍ଗନବାଡ଼ି ଚାଲିଛି। ନୀଳଗିରି ବ୍ଲକ୍‌ର ଗରଡିହି ପଞ୍ଚାୟତର ବନ୍ଧସାହି ଗ୍ରାମରେ ଗଛମୂଳେ ଅଙ୍ଗନବାଡ଼ି ଚାଲୁଥିବା ଦେଖାଯାଇଛି। ବାହାନଗାର ସାହସପୁରା ଗ୍ରାମପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳରେ, ସୋର ବ୍ଲକର ଅଷ୍ଟବାଙ୍କ, ଅଙ୍କୁରଖାର୍ଜି, ରହଣିଆ, ବେଲସାବିଦାରେ କେଉଁଠି ପରଘରେ ତ କେଉଁଠି ବାରଣ୍ଡାରେ ଅଙ୍ଗନବାଡ଼ି ଚାଲିଛି। ଜିଲ୍ଲାର ୧୨ ବ୍ଲକରେ ଏଭଳି ସ୍ଥିତି ରହିଛି। ବାଲେଶ୍ୱର ସଦର ବ୍ଲକ୍‌ରେ ୫୧୮ଟି ଅଙ୍ଗନବାଡ଼ି ମଧ୍ୟରୁ ୨୭୩ଟିର ନିଜସ୍ୱ ଗୃହ ନାହିଁ। ସେହିପରି, ବାହାନଗାରେ ୨୪୯ ଅଙ୍ଗନବାଡ଼ିରୁ ୧୦୪ଟିର ନିଜସ୍ୱ ଘର ନଥିବା ବେଳେ ବାଲିଆପାଳରେ ୩୮୭ଟି ଅଙ୍ଗନବାଡ଼ିରୁ ୧୯୯ଟି, ବସ୍ତାରେ ୩୨୯ ଅଙ୍ଗନବାଡ଼ିରୁ ୧୧୮ଟି, ଭୋଗରାଇରେ ୫୪୨ ଅଙ୍ଗନବାଡ଼ିରୁ ୨୧୬ଟି, ଜଳେଶ୍ୱରରେ ୩୮୦ ଅଙ୍ଗନବାଡ଼ିରୁ ୧୨୦ଟି, ଖଇରାରେ ୩୪୮ ଅଙ୍ଗନବାଡ଼ିରୁ ୧୦୮ଟି, ନୀଳଗିରିରେ ୩୮୯ ଅଙ୍ଗନବାଡ଼ିରୁ ୧୬୩ଟି, ଔପଦାରେ ୧୭୨ ଅଙ୍ଗନବାଡ଼ିରୁ ୪୮ଟି, ରେମୁଣା ?ରେ ୩୫୯ ଅଙ୍ଗନବାଡ଼ିରୁ ୧୫୦ଟି, ସିମୁଳିଆରେ ୨୧୮ ଅଙ୍ଗନବାଡ଼ିରୁ ୬୬ଟି, ସୋରରେ ୩୨୯ ଅଙ୍ଗନବାଡ଼ିରୁ ୧୨୮ଟି ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନାହିଁ। କେଉଁଠି ୫ ବର୍ଷ ତ କେଉଁଠି ୧୦ ବର୍ଷ ତଳେ ଅଙ୍ଗନବାଡ଼ି ଗୃହ ମଞ୍ଜୁର ହୋଇଥିବା ବେଳେ ଜମି ବିବାଦ, ଜାଗା ଅଭାବ ପାଇଁ ଗୃହ ନିର୍ମାଣ ହୋଇପାରି ନ ଥିବା ଜଣାପଡ଼ିଛି। ସର୍ବଶେଷ ତଥ୍ୟ ମୁତାବକ ଜିଲ୍ଲାରେ ମଞ୍ଜୁର ହୋଇଥିବା ୧୧୩୪ଟି ଅଙ୍ଗନବାଡ଼ିର ଗୃହ ନିର୍ମାଣ ହୋଇପାରି ନଥିବା ବେଳ ୨୯୩ଟି କେନ୍ଦ୍ରର ଜାଗା ଚିହ୍ନଟ ହୋଇପାରି ନାହିଁ। ଏ ସମ୍ପର୍କରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିୟମିତ ସମୀକ୍ଷା ଚାଲିଛି। କୌଣସି ସ୍ଥାନରେ ଗଛମୂଳେ, ପାଲତଳେ ଅସୁରକ୍ଷିତ ଭାବେ ଅଙ୍ଗନବାଡ଼ି ନଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ସମଗ୍ର ନାରୀ ଜାତି ପାଇଁ ଉଦାହରଣ ପାଲଟିଛନ୍ତି ବାହା ହେମ୍ବ୍ରମ

**ରାଇରଙ୍ଗପୁର(ଏନ୍.ଏମ୍.) :** ବର୍ତ୍ତମାନର ସମୟରେ ପୁରୁଷ ପ୍ରଧାନ ସମାଜରେ ନାରୀର ଭୂମିକା ଅନେକ କ୍ଷେତ୍ରରେ ଗୁରୁତ୍ୱ ବହନ କରିଥାଏ। ସେ ଏକାଧାରରେ ଜାୟା, ଜନନୀ, ଭଗିନୀ ରୂପରେ ପୁରୁଷକୁ ସାହାଯ୍ୟର ହାତ ବଢ଼ାଇଥାଏ। ତେବେ ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜଜିଲ୍ଲା ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତର କୁଲଡିହା ଗ୍ରାମରେ। ସ୍ୱାମୀ ନୁନାରାମ ହେମ୍ବ୍ରମ ଗୋରୁମହିଷାଣି ଓ



ତାହାର ଆଖପାଖ ଅଂଚଳରେ ରାଜମିସ୍ତ୍ରୀ ଭାବେ ବେଶ ପରିଚିତ। ୧୯୯୬ ମସିହାରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଯାଦୁଗୋଡା ଅଞ୍ଚଳର କୁମ୍ଭାରମୁଣ୍ଡି ଗ୍ରାମରୁ ବାହା ହେମ୍ବ୍ରମଙ୍କୁ ଆଦିବାସୀ ରୀତିନୀତିରେ ବିବାହ କରିଥିଲେ। ୨ଟି ପୁଅ ଓ ଗୋଟିଏ ଝିଅର ସଂସାର। ପିଲାମାନଙ୍କର ପାଠପଢ଼ା ଓ ଭରଣ ପୋଷଣରେ ନୁନାରାମଙ୍କ ରୋଜଗାର ନିଅଣ୍ଟ ପଡିବାରୁ ତାଙ୍କ ଧର୍ମ ପତ୍ନୀ ବାହା ମହିଳା ଶ୍ରମିକ ଭାବେ ସାହାଯ୍ୟର ହାତ ବଢ଼ାଇଲେ। ବିଧିର ବିଡ଼ମ୍ବନା ସ୍ୱାମୀ ଅସାଧ ରୋଗରେ ପୀଡ଼ିତ ହେବା ପରେ ଘର ଚଳାଇବା ପାଇଁ ହାତରେ କରଣୀ ଧରିଲେ ବାହା। ଅସୁସ୍ଥ ସ୍ୱାମୀଙ୍କୁ ସାଙ୍ଗରେ ନେଇ ସମସ୍ତ ଅସମ୍ପୂର୍ଣ କାମ ସାରିବାକୁ ଚେଷ୍ଟାକଲେ। ସକାଳ ହେଲେ ସାଇକେଲ ଓ ଟିଫିନ୍ ଧରି ବାହାରି ପଡନ୍ତି ନିଜ କର୍ମ କ୍ଷେତ୍ରକୁ। ଦୀର୍ଘ ୧୮ ବର୍ଷ ହେଲା ଏହି କାମ ଜାରି ରଖୁଥିବା ବେଳେ ମାସକୁ ୧୫ରୁ ୨୦ ହଜାର ରୋଜଗାର କରୁଛନ୍ତି। ଘର ଫାଉଣ୍ଡେସନ ଠାରୁ ଆରମ୍ଭ କରି ଇଟା ଯୋଡେଇ କରିବା, ଲୁହାଛାଡ ବାନ୍ଧିବା, ଛାତ ଢ଼ଳେଇ କରିବା ତଥା ପ୍ଲାଷ୍ଟରିଙ୍ଗ କରିବା ଇତ୍ୟାଦି ସମସ୍ତ କାର୍ଯ୍ୟରେ ଶ୍ରୀମତୀ ହେମ୍ବ୍ରମ୍ ପାରଙ୍ଗମ। କୌଣସି ନିନ୍ଦା ଅପବାଦକୁ ଭ୍ରୁକ୍ଷେପ ନକରି ସେ ତାଙ୍କ ଦୈନନ୍ଦିନ କାର୍ଯ୍ୟରେ ସବୁଦିନ ବାହାରି ପଡ଼ନ୍ତି। ଦୀର୍ଘ ବର୍ଷ ପରେ ନୁନାରାମଙ୍କ ସେବାସୁଶ୍ରୁଷା କରିବା ପରେ ସେ ଭଲ ହେଲେ। ମାତ୍ର ଡାକ୍ତର ତାଙ୍କୁ ବେଡ଼ରେଷ୍ଟରେ ରହିବା ପାଇଁ କହିଲେ। ଏପଟେ ପିଲା ମାନଙ୍କର ପଢ଼ା ଖର୍ଚ୍ଚ ଏବଂ ସ୍ୱାମୀଙ୍କ ଔଷଧ ତୁଲେଇବା ପାଇଁ ତାଙ୍କ ପାଇଁ ଅସହ୍ୟ ହୋଇପଡ଼ିଲା। ମାତ୍ର ବାହା ସେଥିରେ ଭାଙ୍ଗି ନପଡ଼ି ସକାଳୁ ଘରର ସମସ୍ତ କାର୍ଯ୍ୟ ସାରି ରୋଷେଇ କରି ଅସୁସ୍ଥ ସ୍ୱାମୀଙ୍କୁ ସାଙ୍ଗରେ ନେଇ ସ୍ୱାମୀ ଠିକାରେ ନେଇଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣ କରିବାରେ ପ୍ରୟାସ ଆରମ୍ଭ କରିଥିଲେ। ଅସୁସ୍ଥ ସ୍ୱାମୀଙ୍କ ତତ୍ତ୍ୱାବଧାନରେ ମହିଳା ଶ୍ରମିକରୁ ଧୀରେଧୀରେ କରନି, ରୁଷାପଟା, ଲେବୁଲ ପାଇପ ଇତ୍ୟାଦିର ବ୍ୟବହାର ଶିଖିବାକୁ ଲାଗିଲେ। ଯଦିଓ ଏବେ ତାଙ୍କର ସ୍ୱାମୀ ସମ୍ପୂର୍ଣ ସୁସ୍ଥ ହୋଇଗଲେଣି। ପୁନରାୟ ଉକ୍ତ ଦୁଃଖଦ ପରିସ୍ଥିତିର ପୁନରାବୃତ୍ତିକୁ ମନ ଭିତରେ ରଖି ସେ ତାଙ୍କର ରାଜମିସ୍ତ୍ରୀ କାମ ଜାରି ରଖିଛନ୍ତି।

## ବିଭିନ୍ନକ୍ଷମ ସ୍କୁଲରେ ଅନ୍ତେବାସୀଙ୍କ ପେଟପୂଜାରେ ପାଳନ ହେଲା ହୋଲି

**ପୁରୀ(ଏନ୍.ଏମ୍.) :** ପୁରୀଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଓଗାଳପୁର ଗ୍ରାମରେ ଥିବା,ମା ଭଗବତୀ ସେବାସଂଘ ମଧ୍ୟମରେ ଚାଲୁଥିବା, ଆସ୍ଥା ମାନସିକ ଅନଗ୍ରସର ବିଦ୍ୟାଳୟ, ବିଚିତ୍ରାନନ୍ଦ ବଧିର ବିଦ୍ୟାଳୟ, ବିଚିତ୍ରାନନ୍ଦ ଦୃଷ୍ଟିହୀନ ବିଦ୍ୟାଳୟ, ଗ୍ରାମରେ ଥିବା ଅନ୍ଧ ମୂକ ସ୍କୁଲରେ ଭୁବନେଶ୍ୱରରୁ ଆସିଥିବା ଚାରିବନ୍ଧୁ ସଞ୍ଜୟ ତ୍ରିପାଠୀ, ଭବାନୀ ପଟ୍ଟନାୟକ, ମନୋଜ ଭୋଇ, ସରୋଜ ପାଠକ,ଚାରି ବନ୍ଧୁ କୁନି କୁନି ପିଲାମାନଙ୍କ ଗହଣରେ ଅତି ଆନନ୍ଦ ଉଲ୍ଲାସରେ ହୋଲି ପାଳିଥିଲେ। ଏହା ସହ ପିଲାମାନଙ୍କୁ ଚକୋଲେଟ , 



ଅଭିର ପ୍ରଦାନ କରିବା ସହ ରଙ୍ଗୋଲି ପ୍ରତିଯୋଗିତା କରିଥିଲେ ଏବଂ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ସହ ମାନପତ୍ର ପ୍ରଦାନ କରିଥଲେ। ଏହାପରେ ସେଠାରେ ପ୍ରସ୍ତୁତ କରାଯାଇଥିବା ରନ୍ଧା ଖାଦ୍ୟକୁ ପିଲାମାନଙ୍କୁ ପରସି ଦେଇଥିଲେ। ଏଥିରେ ଅନୁଗୁଳ ଜିଲ୍ଲା ଚାମ୍ବର ଅଫ କମର୍ସର ସଦସ୍ୟ ଏବଂ ବ୍ୟବସାୟୀ ସଂଘର ସଦସ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼େଇଥିଲେ। ସ୍କୁଲର ସଂପାଦକ, ରେଣୁବାଳା ବେଉରା ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

ନିଷ୍କର୍ଷ
NISHKARSHA




# ଟି-୨୦ ବିଶ୍ୱକପ ଚାମ୍ପିୟନ ହେଲା ଭାରତ



ଅହମଦାବାଦ(ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ବିଶ୍ୱ ଦଖଲ କରିଛି । ନବୀନ ଇତିହାସ ରଚିଛି, ନୂଆ ଅଧ୍ୟାୟ ଯୋଡ଼ି ଲଗାତାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବାର ଗୌ?ରବ ଗାଥା ବି ଲେଖିଛି । ଆକ୍ରମଣ, ଆଧିପତ୍ୟ ଓ ଆତ୍ମବିଶ୍ୱାସର ଅପୂର୍ବ ସମନ୍ୱୟରେ ତୃତୀୟ ଥର ଫଟାଫଟ୍ କ୍ରିକେଟ୍ ବିଶ୍ୱକପ୍ ଜିତିବାରେ କମାଲ କରିଛି । ହାଇଭୋଲଟ୍ଟେଜ୍ ଫାଇନାଲ୍ ଟକ୍କରରେ ଏକତରଫା ବିଜୟ ହାସଲ କରି ନିଜ ଶ୍ରେଷ୍ଠତ୍ୱକୁ ଆଉ ଥରେ ପ୍ରମାଣିତ କରିଛି । ଅହମଦାବାଦର ମୋଟେରା ଷ୍ଟାଡିୟମ୍ରେ ରବିବାର ଖେଳାଯାଇଥିବା ଏହି ମହାମୁକାବିଲାରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇଛି ଟିମ୍ ଇଣ୍ଡିଆ । ତା' ସହିତ ଆୟୋଜକ ଦେଶ ଭାବେ ଏବଂ ଲଗାତାର ବିଶ୍ୱକପ୍ ଜିତିବାରେ ବିଶ୍ୱର ପ୍ରଥମ ଦଳ ହୋଇଛି । ଟିମ୍ ଇଣ୍ଡିଆର ଏହି ସ୍ୱର୍ଣ୍ଣିମ ଓ ସ୍ମରଣୀୟ ସଫଳତା ପରେ ସାରା ଭାରତ ଉତ୍ସବ ମୁଖର ହୋଇଉଠିଛି । ୧୪୫ କୋଟି ଭାରତୀୟଙ୍କ ହୃଦୟ ଖୁସିରେ ଗଦ୍ଗଦ୍ ହୋଇଯାଇଛି । ୧ ଲକ୍ଷରୁ ଅଧିକ ଦର୍ଶକଙ୍କ ଇଣ୍ଡିଆ... ଇଣ୍ଡିଆ ରଡ଼ିରେ ବିଶ୍ୱର ସର୍ବବୃହତ୍ କ୍ରିକେଟ୍ ଷ୍ଟାଡିୟମ୍ ମଧ୍ୟ ପ୍ରକମ୍ପିତ ହୋଇଛି । ବିଶ୍ୱବିଜୟୀ ହେବା ପରେ ଭାରତୀୟ ଦଳକୁ ଶୁଭେଚ୍ଛାର ସୁଅ ଛୁଟିଛି । ୨୦୦୭ ମସିହାରେ ମହେନ୍ଦ୍ର ସିଂହ ଧୋନିଙ୍କ ଧୁରନ୍ଧର, ୨୦୨୪ରେ ରୋହିତ ଶର୍ମାଙ୍କ ଉତ୍ସାହୀ ବାହିନୀ ଯେଉଁ ଅସାଧାରଣ ସଫଳତା ହାସଲ କରିଥିଲେ, ୨୦୨୬ରେ ସୂର୍ଯ୍ୟକୁମାର ଯାଦବଙ୍କ ଯୁବ ସେନା ତାହାକୁ ଦୋହରାଇଛି । ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ବଛାବଛା ୧୯ ଦେଶକୁ ପଛରେ ପକାଇ ବିଶ୍ୱକପ୍ ଟ୍ରଫି ଉଠାଇବାର ଅବିସ୍ମରଣୀୟ ସଫଳତା ପାଇଛି । ମୋଟ ଉପରେ ତିନିଟି ଟ୍ୱେଣ୍ଟି-୨୦- ବିଶ୍ୱକପ୍ ଜିତିବାରେ ଭାରତ ବିଶ୍ୱର ପ୍ରଥମ ଦଳ ହୋଇଛି । ସେହିଭଳି ଗତ ଦେଢ଼ବର୍ଷ ଭିତରେ ଚାମ୍ପିଅନ୍ସ ଟ୍ରଫି, ଏସିଆ କପ୍ ଏବଂ ଏବେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବାର ଅନନ୍ୟ ସଫଳତାର ଫର୍ଦ୍ଦ ଯୋଡ଼ିଛି ଭାରତୀୟ କ୍ରିକେଟ୍ ଦଳ । ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୨୦୨୧ ମସିହା ପରେ ଦ୍ୱିତୀୟ ଥର ଫାଇନାଲ୍ ଖେଳି ଦୁଇ ଥର ଯାକ ଉପବିଜେତାରେ ସନ୍ତୁଷ୍ଟ ରହିଛି । ମୋଟେରା ଷ୍ଟାଡିୟମ୍ରେ ଭାରତୀୟ ଦଳ ୨୦୨୩ ଏକଦିବସୀୟ ବିଶ୍ୱକପ୍ ଫାଇନାଲ୍ ସହ ଚଳିତ ବିଶ୍ୱକପ୍ର ସୁପର-୮ ମ୍ୟାଚ୍ ହାରି ଯାଇଥିଲା । ସେଥିପାଇଁ ପ୍ରଶଂସକଙ୍କ ମନରେ ଆଜିର ଫାଇନାଲ୍କୁ ନେଇ ଯେତିକି ଆଶା ଥିଲା ସେତିକି ଆଶଙ୍କା ମଧ୍ୟ ଭରି ରହିଥିଲା । ହେଲେ ଏହି ଆଶଙ୍କା ଯେ ଅମୂଳକ ଥିଲା, ଭାରତୀୟ ଦଳ ତାହା ପ୍ରମାଣିତ କରି ଦେଇଥିଲା । ଧମାକାଦାର ବ୍ୟାଟିଂ କରି ପ୍ରଥମେ ୫ ଉ୍ୱିକେଟ୍ ବିନିମୟରେ ୨୫୫ ରନ୍ର ବିଶାଳ ସ୍କୋର୍ କରିଥିଲା । ପରେ ପ୍ରଥମ ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ଥିବା ନ୍ୟୁଜିଲାଣ୍ଡକୁ ମାତ୍ର ୧୫୯ ରନ୍ରେ ଅଟକାଇ ବିଶ୍ୱକପ୍ ନିଜ ନାଁରେ କରି ନେଇଥିଲା । ଓପନର୍ ଅଭିଷେକ ଶର୍ମା, ସଞ୍ଜୁ ସାମସନ୍ ଦୃଢ଼ ମୂଳଦୁଆ ପକାଇବା ପରେ ଈଶାନ କିଶନ ଓ ଶିବମ ଦୁବେଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଭାରତ ନ୍ୟୁଜିଲାଣ୍ଡ ବୋଲର୍ଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନୟାନ୍ତ କରିଥିଲା । ଭାରତୀୟ ବ୍ୟାଟର୍ଙ୍କ ଛକା, ଚୌକା ବର୍ଷା କେବଳ ଭାରତ ନୁହେଁ, ବିଶ୍ୱର ପ୍ରତିଟି କ୍ରିକେଟପ୍ରେମୀଙ୍କୁ ବିସ୍ମିତ ଓ ବିମୋହିତ କରିଥିଲା । ସେହିଭଳି ଅକ୍ଷର ପଟେଲଙ୍କ ସ୍ପିନ୍ ଯାଦୁ ସହ ଯଶପ୍ରୀତ୍ ବୁମ୍ରାଙ୍କ ଶାଣିତ ବୋଲିଂ ବଳରେ ନ୍ୟୁଜିଲାଣ୍ଡକୁ ଝଟ୍କା ଉପରେ ଝଟ୍କା ଦେଇ ମ୍ୟାଚକୁ ଫେରିବାର କୌଣସି ସୁଯୋଗ ଦେଇ ନଥିଲା । ବୁମ୍ରା ମଧ୍ୟ ବ୍ୟକ୍ତିଗତ ରେକର୍ଡର ଅଧିକାରୀ ହୋଇଥିଲେ । ପ୍ରଥମ ଥର ଟ୍ୱେଣ୍ଟି-୨୦ରେ ସେ ୪ଟି ଉ୍ୱିକେଟ୍ କରାୟତ୍ତ କରିଥିଲେ । ସେ ମଧ୍ୟ ୧୪ଟି ଉ୍ୱିକେଟ୍ ନେଇ ବିଶ୍ୱକପର ସର୍ବଶ୍ରେଷ୍ଠ ବୋଲର ଆଖ୍ୟା ପାଇଥିଲେ । ବିଜେତା ହୋଇ ଭାରତ ସାଢ଼େ ୨୭ କୋଟି ଟଙ୍କାର ଅର୍ଥରାଶି ଏବଂ ଉପବିଜେତା ନ୍ୟୁଜିଲାଣ୍ଡ ସାଢ଼େ ୧୪ କୋଟି ଟଙ୍କା ପାଇଛି ।

# ବିବାହ ବନ୍ଧନରେ ଅର୍ଜୁନ



- ଅର୍ଜୁନଙ୍କ ହାତ ଧରିଲେ ସାନିଆ
- ତେନ୍ଦୁଲକରଙ୍କ ହେଲେ ବୋହୂ

**ମୁମ୍ବାଇ (ଏଜେନ୍ସି) :** ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପୁତ୍ର ତଥା କ୍ରିକେଟର୍ ଅର୍ଜୁନ ତେନ୍ଦୁଲକର ଓ ସାନିଆ ଚାନ୍ଦୋକ୍ଙ୍କ ବିବାହ ଗୁରୁବାର ସମ୍ପନ୍ନ ହୋଇଛି । ପରିବାରବର୍ଗ ଓ ଅଳ୍ପ କିଛି ପାରିବାରିକ ବନ୍ଧୁଙ୍କ ଉପସ୍ଥିତିରେ ମୁମ୍ବାଇର ବିଳାଶମୟ ପଞ୍ଚତାରକା ହୋଟେଲ୍ ସେଣ୍ଟ୍ ରେଗିସ୍ରେ ଏହି ବିବାହ ସମ୍ପନ୍ନ ହୋଇଛି । ଗତ ବର୍ଷ ଅଗଷ୍ଟ ମାସରେ ଉଭୟଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା । ତେବେ ବିବାହ ପରେ ଅନୁଷ୍ଠିତ ପ୍ରିତିଭୋଜନରେ କ୍ରିକେଟ୍, ବଲିଉଡ୍ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଶିଳ୍ପପତି ମୁକେଶ ଅମ୍ବାନି ଓ ପରିବାର, ସଚିନଙ୍କ ପୂର୍ବତନ ସାଥୀ ଖେଳାଳି ରାହୁଲ ଦ୍ରାବିଡ୍ ଓ ପତ୍ନୀ ବିଜେତା, ଅନୀଲ କୁମ୍ବଲେ ଓ ପତ୍ନୀ ଚେତନା, ଯୁବରାଜ ସିଂ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ଚୟନକର୍ତ୍ତା ଅଜିତ ଆଗରକର୍, ଆଇସିସି ଅଧକ୍ଷ ଜୟ ଶାହ, ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ପୂର୍ବତନ ଅଲ୍ରାଉଣ୍ଡର ଇରଫାନ ପଠାନ, ଅଜିଙ୍କ୍ୟ ରାହାଣେ, ଅଭିନେତା ଶାହରୁଖ ଖାଁ ଓ ପତ୍ନୀ ଗୌରୀ ଖାଁ, ଅଭିଷେକ ବଚ୍ଚନ ଓ ପତ୍ନୀ ଐଶ୍ୱର୍ଯ୍ୟା ରାୟ, ଅମୀର ଖାଁ, ପୂର୍ବତନ ଦ୍ରୁତ ବୋଲର ଜାହିର ଖାଁ ଓ ପତ୍ନୀ ଶାଗରିକା, କ୍ରିକେଟର୍ ତଥା ଅର୍ଜୁନଙ୍କ ବାଲ୍ୟବନ୍ଧୁ ପୃଥିବୀ ଶାହ, ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ ଅନ୍ତର୍ଭୁକ୍ତ ଥିଲେ ।

# ଆରମ୍ଭରୁ ସାତ୍ତ୍ୱିକ-ଚିରାଗ ବିଦା



ଅଲ୍‌ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍

ବର୍ମିଂହାମ(ଏଜେନ୍ସି) : ଚଳିତ ଅଲ୍‌ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ଆରମ୍ଭରୁ ଭାରତର ୧ନମ୍ବର ପୁରୁଷ ଯୁଗଳ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଦାୟ ନେଇଛନ୍ତି । ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଯୋଡ଼ି ୨୩-୨୧, ୨୧-୧୨ରେ ମାଲେସିଆର ଆଗ୍ରାଓଁ ତାଇ ଓ ଖାଙ୍ଗ୍ ଖାଇ ଜିଙ୍କଠୁ ହାରିଯାଇଥିଲେ । ଏଥିସହ ୨୦୨୪ ବିଶ୍ୱ କନିଷ୍ଠ ପ୍ରତିଯୋଗିତା ଜିତିଥିବା ୧୯ ବର୍ଷୀୟ ତାଇ ଓ ଜି' ବରିଷ୍ଠ ବର୍ଗରେ ବଡ଼ ସଫଳତା ପାଇଛନ୍ତି । ଅଭିଜ୍ଞ ସାତ୍ତ୍ୱିକ-ଚିରାଗ ପ୍ରଥମ ଗେମ୍ରେ ଏକଦା ୧୧-୬ରେ ଆଗୁଆ ଥିଲେ । ହେଲେ ତାଇ ଓ ଜି' ଚମତ୍କାର ପ୍ରଦର୍ଶନ କରି ଲଗାତାର ୧୨ ପଏଣ୍ଟ କରାୟତ କରି ସ୍ଥିତି ୧୮-୧୬କୁ ଆଣିଥିଲେ । ଏହାପରେ ସ୍ଥିତି ୨୧-୨୧ ଟାଇ ରହିବା ପରେ ମାଲେସିଆ ଖେଳାଳି ୨ ପଏଣ୍ଟ ନେଇ ପ୍ରଥମ ଗେମ୍ ଜିତ ନେଇଥିଲେ । ଦ୍ୱିତୀୟ ଗେମ୍ରେ ସାତ୍ତ୍ୱିକ-ଚିରଗା ବହୁ ପଛରେ ପଡ଼ି ହାରି ମ୍ୟାଚ୍ ହାତଛଡ଼ା କରିଥିଲେ । ସେହିପରି ମହିଳା ଯୁଗଳ ଯୋଡ଼ି ତ୍ରୀଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ କଡ଼ା ସଂଘର୍ଷ କରି ୧୫-୨୧, ୨୧-୧୫, ୧୮-୨୧ରେ ଜାପାନର ସାୟାକା ହିରୋତା ଓ ଆୟାକୋ ସାକୁରାମୋତୋଙ୍କଠୁ ହାରି ବିଦାୟ ନେଇଛନ୍ତି । ଏହି ପ୍ରତିଯୋଗିତାରେ ଏକକରେ ଭାରତର ଏକ ନମ୍ବର ଖେଳାଳି ଲକ୍ଷ୍ୟ ସେନ୍ଙ୍କ ସହ ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ ଟିକି ରହିଛନ୍ତି । ସେନ୍ ନିଜର ପ୍ରଥମ ମ୍ୟାଚ୍ରେ ଚୀନ୍ର ସି ୟୁକିଙ୍କୁ ୨୩-୨୧, ୧୯-୨୧, ୨୧-୧୭ରେ ଏବଂ କପିଳ ଓ ତନିଶା ୨୧-୧୭, ୨୧-୧୯ରେ ମାଲେସିଆର ହୁ ପାଙ୍ଗ ରନ୍ ଓ ଚେଙ୍ଗ ସି'ଙ୍କୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି ।

# ଅଲ୍‌ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍: କ୍ୱାର୍ଟରରେ ଲକ୍ଷ୍ୟ ସେନ୍



ବର୍ମିଂହାମ (ଏଜେନ୍ସି) : ବିଶ୍ୱର ୧୨ ନମ୍ବର ମାନ୍ୟତାପ୍ରାପ୍ତ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଭାରତର ଲକ୍ଷ୍ୟ ସେନ୍ ମର୍ଯ୍ୟାଦାଜନକ ଅଲ୍‌ଇଂଲଣ୍ଡ୍ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର-ଫାଇନାଲ୍ରେ ପ୍ରବେଶ କରିଛନ୍ତି । ଗୁରୁବାର ସେ ହଂକଂର ଏନଜି କା ଲଙ୍ଗ୍ ଆଙ୍ଗସ୍ଙ୍କୁ ୨୧-୧୯,୨୧-୨୩, ୨୧-୧୦ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ୨୦୨୧ ବିଶ୍ୱ ଚାମ୍ପିୟନସିପ୍ କାଂସ୍ୟପଦକ ବିଜେତା ଲକ୍ଷ୍ୟ କ୍ୱାର୍ଟରରେ ଚୀନ ଖେଳାଳି ତଥା ୬ଷ୍ଠ ସିଡ୍ ଲି ସି ଫେଙ୍ଗ୍ଙ୍କୁ ଭେଟିବେ । ସେନ୍ ନିଜର ପ୍ରଥମ ମ୍ୟାଚ୍ରେ ଚୀନ୍ର ସି ୟୁକିଙ୍କୁ ୨୩-୨୧, ୧୯-୨୧, ୨୧-୧୭ରେ ପରାସ୍ତ କରିଥିଲେ । ତେବେ ଭାରତର ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋଙ୍କ ମୁକାବିଲା ଅଧାରେ ଅଟକିଯାଇଛି । ତାଙ୍ଗ୍ ଚୁନ୍ ମାନ ଓ ସି ୟିଙ୍ଗ୍ ସୁଏଟ୍ଙ୍କ ବିରୋଧରେ ମୁକାବିଲା ଚାଲିଥିବାବେଳେ ଧ୍ରୁବଙ୍କ ପିଠି ଯନ୍ତ୍ରଣା ଯୋଗୁଁ ଭାରତୀୟ ଯୋଡ଼ି ଅଧାରୁ ଓହରି ଯାଇଥିଲେ । ପ୍ରତିଯୋଗିତାର ଆରମ୍ଭରୁ ଭାରତର ୧ନମ୍ବର ପୁରୁଷ ଯୁଗଳ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଦାୟ ନେଇଛନ୍ତି । ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଯୋଡ଼ି ୨୩-୨୧, ୨୧-୧୨ରେ ମାଲେସିଆର ଆଗ୍ରାଓଁ ତାଇ ଓ ଖାଙ୍ଗ୍ ଖାଇ ଜିଙ୍କଠୁ ହାରିଯାଇଥିଲେ । ଏଥିସହ ୨୦୨୪ ବିଶ୍ୱ କନିଷ୍ଠ ପ୍ରତିଯୋଗିତା ଜିତିଥିବା ୧୯ ବର୍ଷୀୟ ତାଇ ଓ ଜି' ବରିଷ୍ଠ ବର୍ଗରେ ବଡ଼ ସଫଳତା ପାଇଛନ୍ତି ।

ଅଭିଜ୍ଞ ସାତ୍ତ୍ୱିକ-ଚିରାଗ ପ୍ରଥମ ଗେମ୍ରେ ଏକଦା ୧୧-୬ରେ ଆଗୁଆ ଥିଲେ । ହେଲେ ତାଇ ଓ ଜି' ଚମତ୍କାର ପ୍ରଦର୍ଶନ କରି ଲଗାତାର ୧୨ ପଏଣ୍ଟ କରାୟତ କରି ସ୍ଥିତି ୧୮-୧୬କୁ ଆଣିଥିଲେ । ଏହାପରେ ସ୍ଥିତି ୨୧-୨୧ ଟାଇ ରହିବା ପରେ ମାଲେସିଆ ଖେଳାଳି ୨ ପଏଣ୍ଟ ନେଇ ପ୍ରଥମ ଗେମ୍ ଜିତି ନେଇଥିଲେ । ଦ୍ୱିତୀୟ ଗେମ୍ରେ ସାତ୍ତ୍ୱିକ-ଚିରଗା ବହୁ ପଛରେ ପଡ଼ି ହାରି ମ୍ୟାଚ୍ ହାତଛଡ଼ା କରିଥିଲେ । ସେହିପରି ମହିଳା ଯୁଗଳ ଯୋଡ଼ି ତ୍ରୀଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ କଡ଼ା ସଂଘର୍ଷ କରି ୧୫-୨୧, ୨୧-୧୫, ୧୮-୨୧ରେ ଜାପାନର ସାୟାକା ହିରୋତା ଓ ଆୟାକୋ ସାକୁରାମୋତୋଙ୍କଠୁ ହାରି ବିଦାୟ ନେଇଛନ୍ତି ।

## ମହିଳା ଷ୍ଟାଫ୍ଙ୍କ ସହ ପାକିସ୍ତାନୀ କ୍ରିକେଟରଙ୍କ ଖରାପ ଆଚରଣ

# ଅଭିଯୋଗ ପରେ କ୍ଷମା ମାଗିଲେ ଟିମ୍ ମ୍ୟାନେଜର




ନୂଆଦିଲ୍ଲୀ(ଏଜେନ୍ସି) : ପାକିସ୍ତାନ କ୍ରିକେଟ ଟିମ୍ ପାଇଁ ଟି-୨୦ ବିଶ୍ୱକପ୍ ୨୦୨୬ ଖୁବ୍ ଖରାପ ରହିଛି । ବହୁ କାରଣରୁ ଖେଳାଳିମାନେ ସମାଲୋଚନାର ସାମନା କରିଛନ୍ତି । ପାକିସ୍ତାନ କ୍ରିକେଟ ବୋର୍ଡ ଖେଳାଳିଙ୍କ ବିରୋଧରେ ଆକ୍ସନ ମଧ୍ୟ ନେଇଛି । ଏସବୁ ଭିତରେ ଏକ ଚକିତ କଲା ଭଳି ଘଟଣା ସାମନାକୁ ଆସିଛି । ପାକିସ୍ତାନର ଟିମ୍ ନିଜର ସବୁ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା । ସେଠାରେ ଟିମ୍ ଥିବା ବେଳେ ହୋଟେଲ୍ରେ ଏଭଳି କିଛି ଘଟଣା ଘଟାଇଥିଲେ,ଯେଉଁ କାରଣରୁ ପାକିସ୍ତାନ ଟିମ୍ ମ୍ୟାନେଜର ନଭିଦ ଚିମାଙ୍କୁ ଆକ୍ସନ ନେବାକୁ ବାଧ କରିଥିଲା । ଶ୍ରୀଲଙ୍କାରେ ଜଣେ ପାକିସ୍ତାନୀ ଖେଳାଳିଙ୍କ ଉପରେ ହୋଟେଲ କର୍ମଚାରୀଙ୍କ ସହ ଖରାପ ବ୍ୟବହାର କରିବାର ଅଭିଯୋଗ ଆସିଛି, ଯାହା ପରେ ତାଙ୍କୁ ଜରିମାନା ଦେବାକୁ ପଡିଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଶ୍ରୀଲଙ୍କାର କାଣ୍ଡିର ଗୋଲଡେନ୍ କ୍ରାଉନ୍ ହୋଟେଲରେ ଏହି ଘଟଣା ଘଟିଛି, ଯେଉଁଠାରେ ବିଶ୍ୱକପ୍ ସମୟରେ ପାକିସ୍ତାନ ଦଳ ରହୁଥିଲା । ଅଭିଯୋଗ ଅନୁଯାୟୀ, ମହିଳା ହାଉସ କିପିଂ କର୍ମଚାରୀଙ୍କ ସହ ଖେଳାଳି ଜଣକ ଖରାପ ବ୍ୟବହାର କରିଥିଲେ । ପରେ ହୋଟେଲ ଅଧିକାରୀମାନେ ଟିମ୍ ମ୍ୟାନେଜର ନାଭିଦ ଚିମାଙ୍କ ନିକଟରେ ଅଭିଯୋଗ କରିଥିଲେ । ମ୍ୟାନେଜର ଖେଳାଳିଙ୍କୁ ଜରିମାନା କରିଥିଲେ ଏବଂ ହୋଟେଲ ମ୍ୟାନେଜମେଣ୍ଟଙ୍କୁ କ୍ଷମା ମାଗିଥିଲେ । ଏସିଆ ସ୍ପୋର୍ଟର ରିପୋର୍ଟ ଅନୁସାରେ, ଏହି ଘଟଣା ବେଳେ ମହିଳା ହାଉସକିପିଂ ଷ୍ଟାଫ୍ ଚିଲାଇକି ସାହାଯ୍ୟ ପାଇଁ ଡାକିଥିଲେ । ଏହାପରେ ହୋଟେଲ କର୍ମଚାରୀ ତାଙ୍କର ସାହଯ୍ୟ ପାଇଁ ଆସିଥିଲେ ।ତେବେ ଖେଳାଳିଙ୍କ ନାଁ ଏପର୍ଯ୍ୟନ୍ତ ସାମନାକୁ ଆସିନାହିଁ । ଏହି ଘଟଣା ପାକିସ୍ତାନର ଶେଷ ସୁପର ୮ ମ୍ୟାଚ୍ ପୂର୍ବରୁ କିମ୍ବା ଏହାର ପାଖାପାଖି ଘଟିଥିଲା, ଯେଉଁଥିରେ ସେମାନେ ଶ୍ରୀଲଙ୍କାକୁ ମାତ୍ର ୫ ରନରେ ପରାସ୍ତ କରିଥିଲେ । ଏହି ବିଜୟ ସତ୍ତ୍ୱେ, ନେଟ୍ ରନ୍ ରେଟ୍ କମ୍ ଥିବାରୁ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନଥିଲା, ଯାହା ଫଳରେ ଏକ ନିରାଶାଜନକ ଅଭିଯାନ ହୋଇଥିଲା । ଉଲ୍ଲେଖନୀୟ ଯେ ପାକିସ୍ତାନୀ କ୍ରିକେଟରେ ଏପରି ବିବାଦ ପ୍ରଥମ ଥର ନୁହେଁ । ପୂର୍ବରୁ ଦଳର ଗସ୍ତ ସମୟରେ ଖେଳାଳି କିମ୍ବା ସହାୟକ କର୍ମଚାରୀଙ୍କ ଉପରେ ଅନୁଶାସନହୀନତାର ଅଭିଯୋଗ ଆସି ସାରିଛି ।

ଟିମ୍ ମ୍ୟାନେଜର ନଭିଦ ଚିମାଙ୍କ ପକ୍ଷରୁ ତୁରନ୍ତ ମାମଲାର ସମାଧାନ କରାଯାଇଥିଲା, କିନ୍ତୁ ଖେଳାଳିଙ୍କୁ ଆଗକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଡିସିପ୍ଲିନାରୀ କମିଟି ଆଗରେ ହାଜର ହେବାର ସମ୍ଭାବନାରହିଛି । ଯେଉଁଠାରେ ଆଗାମୀ କାର୍ଯ୍ୟାନୁଷ୍ଠାନ ହୋଇପାରେ । ଟେଲିକମ୍ ଏସିଆ ସ୍ପୋର୍ଟର ରିପୋର୍ଟ ଅନୁସାରେ...

NISHKARSHA
ନିଷ୍କର୍ଷ
NISHKARSHA
ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗୀକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ, ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ ସର୍ଚ୍ଚ କରନ୍ତୁ
nishkarsha.com

## ଏଏଫ୍‌ସି ଏସୀୟ କପ୍ ଫୁଟ୍‌ବଲ୍

# ପରାଜୟରୁ ଭାରତର ଅଭିଯାନ



ପର୍ଥ(ଏଜେନ୍ସି) : ମହିଳା ଏଏଫ୍‌ସି ଏସୀୟ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାରତର ଅଭିଯାନ ପରାଜୟରୁ ଆରମ୍ଭ ହୋଇଛି । ଏଠାରେ ଖେଳିଥିବା ନିଜର ପ୍ରଥମ ମ୍ୟାଚ୍ରେ ଭାରତ ୧-୨ ଗୋଲ୍ରେ ଭିଏତ୍‌ନାମଠୁ ହାରି ଯାଇଛି । ଗ୍ରୁପ୍-ସି'ର ଏହି ମ୍ୟାଚ୍ରେ ଏନ୍‌ଗାଁ ଥି ଭାନ୍ ସୁ (୩୦ ମିନିଟ୍)ଙ୍କ ଗୋଲ୍ରେ ବିଶ୍ୱମାନ୍ୟତରେ ୩୬ତମ ସ୍ଥାନରେ ଥିବା ଭିଏତନାମ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ପ୍ରଥମାର୍ଦ୍ଧରେ ପଛୁଆ ଥିବା ବିଶ୍ୱମାନ୍ୟତା ୬୭ ନମ୍ବର ଦଳ ଭାରତ ପ୍ରତ୍ୟାବର୍ତ୍ତନ କରି ୫୨ତମ ମିନିଟ୍ରେ ଗୋଲ୍‌ଟି ଶୁଝି ଦେଇଥିଲା । ଏହି ଗୋଲ୍‌ଟି ପଦାର୍ପଣକାରୀ ସାନ୍‌ଫିଦା ନନ୍ ଗ୍ରୁମ୍ ଦେଇଥିଲେ । ଫଳରେ ମ୍ୟାଚ୍ ଅମୀମାଂସିତ ମୁଖେ ଯାଉଥିଲା ବେଳେ ଶେଷ ଷ୍ଟପେଜ୍ ଟାଇମ୍ରେ ଭିଏତନାମ ଆଉ ଗୋଟିଏ ଗୋଲ୍ ଲଦି ପୂରା ପଏଣ୍ଟ ହାତେଇ ନେଇଥିଲା । ଏହି ବିଜୟ ସୂଚକ ଗୋଲ୍‌ଟି ଏନ୍‌ଗାଁ ଥି ଭାନ୍ ସୁ (୯୦+୪ ମିନିଟ) ଦେଇ ଯୁଗଳ ସଫଳତା ପାଇଥିଲେ । ଏହି ମ୍ୟାଚ୍ରେ ଓଡ଼ିଆ ଝିଅ ପ୍ୟାରୀ ଖାଖା ଖେଳୁଥିଲେ । ଭାରତ ପରବର୍ତ୍ତୀ ମ୍ୟାଚ୍ ଜାପାନ ବିପକ୍ଷରେ ଶନିବାର ଖେଳିବ । ପରବର୍ତ୍ତୀ ରାଉଣ୍ଡକୁ ଯିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ ରହିଛି । ଏହି ପ୍ରତିଯୋଗିତାରୁ ୪ ଶ୍ରେଷ୍ଠ ଦଳ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ ।

# ହର୍ଷିତଙ୍କୁ ପ୍ରଥମ ଆଇଏମ୍ ନର୍ମ

**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶାର ଯୁବ ଚେସ୍ ଖେଳାଳି ତଥା ରାଜ୍ୟ ବରିଷ୍ଠ, କନିଷ୍ଠ, ଉପକନିଷ୍ଠ ଓ କଟକଜିଲ୍ଲା ବିଜେତା ଫିଡେ ମାଷ୍ଟର୍ ହର୍ଷିତ ରଂଜନ ସାହୁ ତାଙ୍କ ଖେଳ ଜୀବନରେ ଏକ ବଡ଼ ପାଦ ଆଗକୁ ବଢ଼ାଇଛନ୍ତି । ହଙ୍ଗେରୀରେ ଆୟୋଜିତ ବୁଦାପେଷ୍ଟ୍ ସ୍ପ୍ରିଙ୍ଗ ଫେଷ୍ଟିଭାଲ୍-୨୦୨୬ (ଗ୍ରୁପ–ଏ) ଆନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ନିଜ ପ୍ରଥମ ଆନ୍ତର୍ଜାତୀୟ ମାଷ୍ଟର୍ (ଆଇଏମ୍) ନର୍ମ ଅର୍ଜନ କରିନେଇଛନ୍ତି । ୨୨୦୦ ଉର୍ଦ୍ଧ୍ୱ ଏଲୋ ରେଟିଂ ବର୍ଗର ଏହି ପ୍ରତିଯୋଗିତାରେ ସେ ୯ ଗେମରୁ ୬ ପଏଣ୍ଟ ସହ ୧୪ତମ ସ୍ଥାନରେ ରହିଥିଲେ । କିନ୍ତୁ ଏହି ଅବସରରେ୨୪୯୯ ପରଫର୍ମାନ୍ସ ରେଟିଂ ସହ ୪୭.୨ ଫିଡେ ରେଟିଂ ପଏଣ୍ଟ ବୃଦ୍ଧି କରିଥିଲେ । ଗ୍ରାଣ୍ଡମାଷ୍ଟର୍ ମିଲାନ ପାଚେର୍ ଓ ଆନ୍ତର୍ଜାତୀୟ ମାଷ୍ଟର ଜୋକା ଗାଆଲଙ୍କୁ ପରାଜିତ କରିବା ଏବଂ ଆନ୍ତର୍ଜାତୀୟ ମାଷ୍ଟର ଡାନିଏଲ୍ ମୋସେସୋଭ୍ ଓ ଖୋଇ ଫାମଙ୍କ ସହ ଡ୍ର' କରିବାରୁ ନର୍ମ ଅର୍ଜନରେ ସଫଳ ହୋଇଥିଲେ । ଏହା ପୂର୍ବରୁ ସେ ସ୍ୱିଡେନରେ ଆୟୋଜିତ ରିଲଟନ୍ କପ୍ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଫିଡେ ମାଷ୍ଟର୍ (ଏଫ୍‌ଏମ୍) ଉପାଧି ଅର୍ଜନ କରିଥିଲେ । ଏହି ସଫଳତା ପାଇଁ ହର୍ଷିତ ତାଙ୍କର ମୁଖ୍ୟ ପ୍ରଶିକ୍ଷକ ଓ ପ୍ରୋଚେଷ୍ଟା ସମନ୍ୱୟକାରୀ ଆନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର ଚେସ୍ ସେଣ୍ଟରରେ ନିୟମିତ ଅଭ୍ୟାସ ଓ ପ୍ରେରଣା ପାଇଥିବା କଥା କହିଛନ୍ତି । ବିଜୁ ପଟ୍ଟନାୟକ ପୁରସ୍କାର ପ୍ରାପ୍ତ ପ୍ରଶିକ୍ଷକ ତଥା ଅଲ୍ ଓଡ଼ିଶା ଚେସ୍ ଆସୋସିଏସନର ଅଧକ୍ଷ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ତାଙ୍କ ଚେସ୍ ଜୀବନରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ଆନ୍ତର୍ଜାତୀୟ ମାଷ୍ଟର ସିଦ୍ଧାନ୍ତ ମହାପାତ୍ର, ଶେଖର ଚନ୍ଦ୍ର ସାହୁ, ରାକେଶ କୁମାର ଜେନା, ପ୍ରଶିକ୍ଷକ ବିଶ୍ୱଜିତ୍ ରାୟ, ରାଜେନ୍ଦ୍ର କୁମାର ସାହୁ ଓ ଅସିତ ମୁଖାର୍ଜୀଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି । ଏଓସିଏର ସମ୍ପାଦକ ଦେବବ୍ରତ ଭଞ୍ଜ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଏଆଇସିଏଫ୍ର ପୂର୍ବତନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତିଙ୍କୁ ମଧ୍ୟ ସେ କୃତଜ୍ଞତା ଜଣାଇଛନ୍ତି । ହର୍ଷିତଙ୍କ ଏହି ସଫଳତା ପାଇଁ ତାଙ୍କ ପିତା ଡାକ୍ତର ଅମରେଶ ସାହୁ, ମାତା ସୁଚିସ୍ମିତା ସାହୁ, ଜେଜେ ଇଂ ଉମେଶ ଚନ୍ଦ୍ର ସାହୁ, ଜେଜେ ମା' ବିଦ୍ୟୁଲତା ସାହୁ ଓ ଆଈ ରେଣୁକା ମଞ୍ଜରୀ ପରିଡ଼ଙ୍କ ସହ ପରିବାର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି । ହର୍ଷିତଙ୍କ ପିତା ଡାକ୍ତର ଅମରେଶ ସାହୁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଅଧିକାରୀ । ତାଙ୍କୁ ବିଧାୟିକା ସୋଫିଆ ଫିର୍ଦୌସ ମଧ୍ୟ କୃତଜ୍ଞତା ଜଣାଇଛନ୍ତି ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ